ବର୍ଷ-୨୫, ସଂଖ୍ୟା-୧୫୯
ଭୁବନେଶ୍ୱର
୧୧, ଜୁନ୍, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 159
Bhubaneswar
11, June, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ହସ୍ପିଟାଲରେ ସନା ମକବୁଲ୍

# ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ପ୍ରତିଶ୍ରୁତିକୁ ପୂରଣ କରିପାରିଛୁ

**ଭୁବନେଶ୍ୱର,୧୦।୬(ମହାଭାରତ):** ରାଜ୍ୟରେ ଏବେ ତୃତୀୟ ମହଲା ଲୋକଙ୍କ ପାଖକୁ ଯାଉଛି। ସରକାର ଓ ଲୋକଙ୍କ ମଧ୍ୟରେ ଥିବା କୃତ୍ରିମ ପ୍ରାଚୀର ଆଉ ନାହିଁ। ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ୨୪ ବର୍ଷ ନୁହେଁ ମାତ୍ର ୨୪ ମିନିଟ୍ ଆବଶ୍ୟକ ବୋଲି ଓଡ଼ିଶାରେ ବିଜେପି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆଜି ଏକବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହି ଏକ ବର୍ଷ ମଧ୍ୟରେ ସରକାରଙ୍କ ଅନେକ ସଫଳତା ବିଷୟରେ ଗୋଟି ଗୋଟି କରି ବର୍ଣ୍ଣନା କରିଛନ୍ତି।

ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆମ ସରକାର ୧ ବର୍ଷ ପୂରଣ କରିବାକୁ ଯାଉଛି। ଆଉ ଏହି ୧ ବର୍ଷ ଭିତରେ ବିଜେପି ସରକାର ନିଜର ସଙ୍କଳ୍ପପତ୍ରରେ ଥିବା ପ୍ରମୁଖ ପ୍ରତିଶ୍ରୁତିକୁ ପାଳନ କରିଛି। ସରକାର ଆସିବାର ପ୍ରଥମ ଦିନରେ ୪ଟି ପ୍ରମୁଖ ନିଷ୍ପତ୍ତି ନେବା ସହିତ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିଥିଲା। ଏହି ସ୍ୱଳ୍ପ ସମୟ ଭିତରେ ଆମେ ରାଜ୍ୟର ସାଢେ ଚାରିକୋଟି ଜନତାଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ଓ ସଫଳ ହୋଇଛୁ। ଏହାର ସବୁଠାରୁ ବଡ ପ୍ରମାଣ ହେଉଛି ମାତ୍ର କିଛି ଦିନ ଭିତରେ ସାଧାରଣ ଜନତା ନୂତନ ସରକାରକୁ 'ଲୋକଙ୍କ ସରକାର' ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଭାବେ ଅଭିହିତ କରିଛନ୍ତି। ଏକ ବର୍ଷର ଏହି ସଫଳ ଯାତ୍ରାରେ ସବୁ ସ୍ତରରୁ ଆମକୁ ସହଯୋଗ ମିଳିଛି। ଶୁଭକାମନା ମିଳିଛି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମର ସବୁ ପ୍ରମୁଖ ପ୍ରତିଶ୍ରୁତିକୁ ଆମେ ପୂରଣ କରି ପାରିଛୁ। ଆମର ପ୍ରତ୍ୟେକ କାର୍ଯ୍ୟକ୍ରମ ପଛରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ରହିଛି। ଆମର ସବୁ ଉଦ୍ୟମରେ ସେ ଆମ ପାଖକୁ ଆସିଛନ୍ତି ଏବଂ ତାଙ୍କ ପ୍ରେରଣାରେ ଆମର ସବୁ କାର୍ଯ୍ୟକ୍ରମ ସଫଳତାର ଶୀର୍ଷରେ ପହଂଚିଛି। ଆଗାମୀ ୨୦ ତାରିଖରେ ମଧ ସେ ଷଷ୍ଠ ଥର ପାଇଁ ଓଡ଼ିଶା ଆସିବେ ଏବଂ ଓଡିଶାବାସୀଙ୍କ ସେବା କରିବା ପାଇଁ ଆମକୁ ପ୍ରେରଣା ଦେବେ। ତାଙ୍କର ଏହି ଅକୁଣ୍ଠ ସମର୍ଥନ ଏବଂ ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ପାଇଁ ମୁଁ ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କୁ ହୃଦୟରୁ ଧନ୍ୟବାଦ ପ୍ରଦାନ କରୁଛି।

ଗତ ବର୍ଷ ଜୁନ ୧୨, ୨୦୨୪ ସନ୍ଧ୍ୟାରେ ପ୍ରଥମ କ୍ୟାବିନେଟରେ ନିଆ ଯାଇଥିବା ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯେପରିକି ସୁଭଦ୍ରା ଯୋଜନା, ଧାନକିଣା ବାବଦକୁ ଅଧିକ ୮୦୦ ଟଙ୍କା ପ୍ରଦାନ, ଶ୍ରୀ ମନ୍ଦିରର ଚାରି ଦ୍ୱାର ଖୋଲିବା ଏବଂ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିବାରୁ ଆରମ୍ଭ ହୋଇଥିଲା। ଏହି ଉଦ୍ୟମ ଗତ ୧୨ ମାସରେ ନିରନ୍ତର ଭାବେ ଜାରି ରହିଛି ଏବଂ ଆମେ ପ୍ରାୟ ସବୁ ମୁଖ୍ୟ ପ୍ରତିଶ୍ରୁତି ପୂରଣ କରିବାରେ ସମର୍ଥ ହୋଇଛୁ। ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ



ଲକ୍ଷପତି ଦିଦି ସୃଷ୍ଟିକରି ଭାରତ ବର୍ଷରେ ପ୍ରଥମ ହେବା, କୃଷି କ୍ଷେତ୍ରରେ ସମୃଦ୍ଧ କୃଷି ଯୋଜନା ସହିତ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ପ୍ରାବଧାନ, ଶିକ୍ଷା କ୍ଷେତ୍ରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ତଥା ନୂତନ ଶିକ୍ଷା ନୀତିକୁ ଲାଗୁ କରିବା ଏବଂ ଏଥିରେ ଶିଶୁ ବାଟିକାକୁ ଲାଗୁ କରିବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରିବା, ଭିତ୍ତିଭୂମି ପାଇଁ ରେକର୍ଡ ୬୫,୧୦୨ କୋଟି ଟଙ୍କାର ପ୍ରାବଧାନ, ଜନଜାତି ଏବଂ ଅନୁସୂଚିତ ଜାତି କଲ୍ୟାଣ ପାଇଁ ୬୮ ହଜାର ୮୮୧ କୋଟି ଟଙ୍କା ପ୍ରାବଧାନ ଆମ ସରକାରଙ୍କ ନୀତି ଓ ନିୟତକୁ ଦର୍ଶାଉଛି।

ସବୁଠାରୁ ଉଲ୍ଲେଖନୀୟ ହେଉଛି, ଲୋକଙ୍କୁ ସୁଶାସନ ଦେବା ଏବଂ ଦୁର୍ନୀତି ବିରୁଦ୍ଧରେ ଲଢେଇ କରିବା। ଆଜି ପିଅନ ଠାରୁ ଆରମ୍ଭ କରି ଆଇଏଏସ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଫିସର ସୁରକ୍ଷିତ ନୁହନ୍ତି। ଯଦି ଦୁର୍ନୀତି କରିବ, ଜେଲ ଯିବାକୁ ପଡିବ, ଦ୍ୱିତୀୟ ବିକଳ୍ପ ନାହିଁ। ସାଧାରଣ ଜନତା ଏବଂ ସରକାର ମଧ୍ୟରେ ଥିବା କୃତ୍ରିମ ପ୍ରାଚୀରକୁ ଆମ ସରକାର ଧୂଳିସାତ କରି ଦେଇଛି। ଆଜି ଯେ କୌଣସି ଲୋକ ସେମାନଙ୍କ ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀମାନଙ୍କୁ ଅବାଧରେ ଭେଟି ପାରୁଛନ୍ତି। ଗତ ଏକ ବର୍ଷ ମଧ୍ୟରେ ମୁଁ ଓଡ଼ିଶାର ପ୍ରତି ଜିଲ୍ଲାକୁ ଗସ୍ତ କରି ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରତ୍ୟେକ୍ଷ ଭାବେ ଭେଟି ସେମାନଙ୍କ ସମସ୍ୟା ଶୁଣିଛି, ସୁଖଦୁଃଖରେ ସାମିଲ ହୋଇଛି। ଆଜି 'ତୃତୀୟ ମହଲା' ଲୋକଙ୍କ ଦୁଆର ମୁହଁକୁ ଯାଉଛି, ଏହା ହେଉଛି ଆମ ସୁଶାସନର ଏକ ନୂତନ ଦିଗ। ଆମେ ପ୍ରଥମ କ୍ୟାବିନେଟରେ ପ୍ରମାଣିତ କରିଛୁ ଯେ ଜନସେବା ପାଇଁ ୨୪ ବର୍ଷ ଶାସନର ଆବଶ୍ୟକ ନାହିଁ, ୨୪ ମିନିଟରେ ବି ଅନେକ କିଛି କରିହେବ। ଇଚ୍ଛା ଶକ୍ତି ଥିବା ଦରକାର। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ର, "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ'କୁ ପାଥେୟ କରି ଚାରିଗୋଟି ଜାତି ଯେପରିକି, 'ଗରିବ, ଅନ୍ନଦାତା, ଯୁବା ଏବଂ ମହିଳା' ପାଇଁ ଆମେ ନିରନ୍ତର କାର୍ଯ୍ୟ କରିବୁ। ୨୦୨୬ ସୁଦ୍ଧା ଆମେ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ଏଥି ସହିତ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇଦେବୁ। ଏକ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ପ୍ରାୟ ୨୮ ହଜାର ନିଯୁକ୍ତି ଦେଇଛୁ। ଚଳିତ ବର୍ଷ ଆହୁରି ୪୦ ହଜାର ନିଯୁକ୍ତି ଦେବୁ। ଭିତ୍ତିଭୂମି କ୍ଷେତ୍ରରେ ରେଳ, ଜାତୀୟ ରାଜପଥ ଏବଂ ବିମାନ ସେବା ସବୁଥିରେ ଉନ୍ନତି ଆସିଛି। ୫ ବର୍ଷରେ ୧ ଲକ୍ଷ ୫୦ ହଜାର ଖାଲି ପଦବୀ ପୂରଣ କରିବାକୁ କହିଛୁ। ବର୍ଷକ ଭିତରେ ସ୍ୱଚ୍ଛତାର ସହ ୨୮ ହଜାର ପଦବୀ ପୂରଣ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଆଉ ୪୦ ହଜାର ନିଯୁକ୍ତି ଦେବୁ। ଉତ୍କର୍ଷ ଓଡ଼ିଶାରେ ୧୭ ଲକ୍ଷ ପୁଞ୍ଜି ନିବେଶର ଇଣ୍ଟେଣ୍ଟ ଆସିଥିଲା ଆମେ ତତ୍କ୍ଷଣାତ ୧୩ ଲକ୍ଷ କୋଟିର ଏମଓୟୁ ସ୍ୱାକ୍ଷର କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।୨୦୩୬ ସୁଦ୍ଧା ନିଶ୍ଚିତ ଭାବେ ଓଡିଶା ଦେଶର ସର୍ବଶ୍ରେଷ୍ଠ ପାଂଚଗୋଟି ରାଜ୍ୟରେ ସ୍ଥାନ ପାଇବ ଏବଂ ଆମେ ଓଡିଶାକୁ ଏକ ୫୦୦ ନିୟତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବୁ। ୨୦୩୬ ସୁଦ୍ଧା ଓଡିଶା ହେବ ସମୃଦ୍ଧ ଓଡିଶା ଏବଂ ୨୦୪୭ ସୁଦ୍ଧା ମାନନୀୟ ମୋଦୀଜୀଙ୍କ ପରିକଳ୍ପିତ ବିକଶିତ ଭାରତ ଗଢିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡିଶା ଯେପରି ସବୁ ରାଜ୍ୟ ମାନଙ୍କ ପାଇଁ ଆଦର୍ଶ ହେବ ସେଥିପାଇଁ ଆମେ ପରିଶ୍ରମ କରିଚାଲିଛୁ। ସେ ପରିଶ୍ରମର ସୁଫଳ ମିଳିବା ଆରମ୍ଭ କରିଛି। ଓଡିଶା ଧିରେ ଧିରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରି ଚାଲିଛି। ଗୁଡ୍ ଗଭର୍ଣ୍ଣାସ୍ ରେ ଓଡିଶା ଏବେ ସାରା ଦେଶରେ ଏକ ମଡେଲ୍। ଗୋଟିଏ ବର୍ଷରେ ଆମେ ଅନେକ ସଫଳତା ପାଇଛୁ। 'ବର୍ଷ ଏକ, ସଫଳତା ଅନେକ'।

# ଯାଜପୁରରେ ଝାଡ଼ାବାନ୍ତି, ୨ ମୃତ



**ଯାଜପୁର/କେନ୍ଦୁଝର, ୧୦।୬(ମହାଭାରତ):** ଯାଜପୁର ଜିଲ୍ଲାରେ ଆଜି ଝାଡାବାନ୍ତି ଆତଙ୍କ ଖେଳିଯାଇଛି। ଜିଲ୍ଲାରେ ୨୦୦ରୁ ଉର୍ଦ୍ଧ୍ୱ ରୋଗୀ ଅସୁସ୍ଥ ହୋଇପଡ଼ିଥିବାବେଳେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଦାନଗଦି, ସୁକିନ୍ଦା, କୋରେଇ, ଧର୍ମଶାଳା, ବ୍ୟାସନଗର ଆଦି ଅଞ୍ଚଳରୁ ଝାଡ଼ାବାନ୍ତିରେ ପୀଡ଼ିତ ହୋଇ ଶତାଧିକ ରୋଗୀ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଲେଣି। ରୋଗୀଙ୍କ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ଘଟଣାକୁ ନେଇ ଜିଲ୍ଲାରେ ଭୟ ବଢୁଥିବା ବେଳେ ଯାଜପୁର ଜିଲ୍ଲାପାଳ ନିଜେ ଉପସ୍ଥିତ ରହି ପରିସ୍ଥିତିର ସମୀକ୍ଷା କରିଛନ୍ତି। ହସ୍ପିଟାଲରେ ଅତିରିକ୍ତ ଡାକ୍ତର ମୁତୟନ କରିବା ସହ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ଜିଲ୍ଲାପାଳ। ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି। କଣ ପାଇଁ ଏଭଳି ଏତେ ସଂଖ୍ୟକ ଲୋକେ ଆକ୍ରାନ୍ତ ହୋଇଛନ୍ତି ତାର କାରଣ ଜାଣିବାକୁ ଏକ ଟିମ୍ ଗଠନ କରାଯାଇଛି।ଫୁଡ୍ ପଏଜନ୍ ଯୋଗୁ ଏଭଳି ହୋଇଥିବା ଅନୁମାନ କରାଇଥିବା କହିଛନ୍ତି ଜିଲ୍ଲାପାଳ ପି ଅନ୍‌ଷୋ ରେଡ୍ଡି। ଭୋଜି ଖାଇ ଲୋକେ ଅଧିକ ଆକ୍ରାନ୍ତ ହୋଇଥିବା କୁହାଯାଉଛି।ମୃତକମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ କୋରେଇ ବ୍ଲକ ସୁଦପୋଖରୀ ଗାଁରେ ଜଣେ ଲୋକଙ୍କର ମୃତ୍ୟୁ ଘଟିଛି। ସେହିପରି ଝାଡ଼ାବାନ୍ତିରେ ଅନ୍ୟ ଜଣଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଯାଜପୁର ଜିଲ୍ଲାର ତାରାଇଲୋ ଗାଁରେ ଭୋଜି ଖାଇ ୩୦ରୁ ଅଧିକ ଲୋକ ଅସୁସ୍ଥ ହୋଇଥିଲେ।ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏଥିରୁ ଜଣଙ୍କୁ କେନ୍ଦୁଝର ଜିଲ୍ଲା ଅରନନ୍ଦପୁର ଉପକଣ୍ଠ ଡାକ୍ତରଖାନାର ଡାକ୍ତର ମୃତ ଘୋଷଣା କରିଥିଲେ।

ଧର୍ମଶାଳା ଅଞ୍ଚଳରେ ଆଜି ଅନେକ ବିଭିନ୍ନ ଅଞ୍ଚଳରେ ଝାଡ଼ା ବାନ୍ତି ବ୍ୟାପିଥିଲା। ଫଳରେ ଧର୍ମଶାଳା ମେଡିକାଲରେ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ରୋଗୀ ଧର୍ମଶାଳା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୋଟିଏ ଦିନରେ ଏତେ ସଂଖ୍ୟକ ଝାଡ଼ା ବାନ୍ତି ରୋଗୀ ଆସିବା ଫଳରେ ମେଡିକାଲରେ ରୋଗୀ ମାନେ ତଳେ ଶୋଇ ଚିକିତ୍ସା ହେଉଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଧର୍ମଶାଳା ବ୍ଲକ ବଉଳମାଳ, ମାଟିଆ, ରଘୁନାଥପୁର, ଜାରକା, ରଗଡ଼ିପଶି, ଗଡମଧୁପୁର,ପାଖର, ଚଡେଇଧରା, ପାଖର ଆଦି ଅଞ୍ଚଳରୁ ଅନେକ ସଂଖ୍ୟାରେ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ରୋଗୀ ମାନଙ୍କୁ ସଠିକ୍ ଚିକିତ୍ସା ମିଳୁନଥିବା ଅଭିଯୋଗ ହୋଇଛି।ଏତେ ସଂଖ୍ୟାରେ ମେଡିକାଲରେ ରୋଗୀ ପହଞ୍ଚିବା ଫଳରେ ରୋଗୀ ସେବାରେ ସମସ୍ୟା ଉପୁଜିଥିବା ଦେଖିବାକୁ ମିଳିଛି।

## ଆଜି ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା

**ନୂଆଦିଲ୍ଲୀ,୧୦।୬(ଏଜେନସି):** ପୁଣି ଘୁଞ୍ଚିଲା ସ୍ପେଶ୍ ଏକ୍ସର ଅକ୍ସିଅମ୍-୪ ମିସନ୍। ଖରାପ ପାଗ ଯୋଗୁଁ ଘୁଞ୍ଚିଲା ଶୁଭାଂଶୁ ଶୁକ୍ଲାଙ୍କ ମହକାଶ ଯାତ୍ରା। ଆଜି ହେବାକୁ ଥିବା ଉଡାଣ କାର୍ଯ୍ୟକ୍ରମ ଆଉ ଗୋଟିଏ ଦିନ ଘୁଞ୍ଚିଛି। ଜୁନ୍ ୧୧ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ପରବର୍ତ୍ତୀ ଉଡ଼ାଣ ଧାର୍ଯ୍ୟ କରାଯାଇଛି। ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଅନ୍ୟ ୩ କ୍ରୁ ମେମ୍ବରଙ୍କ ସହ ମହାକାଶ ଯାତ୍ରାରେ ଯିବାକୁ ପ୍ରସ୍ତୁତ ଅଛନ୍ତି। ତେବେ ଖରାପ ପାଣିପାଗ ପାଇଁ ଉଡାଣ ଭରିପାରୁନି ସ୍ପେଶ୍ ଏକ୍ସର ଡ୍ରାଗନ୍ କ୍ୟାପସୁଲ୍। ତୃତୀୟ ଥର ପାଇଁ ଉଡାଣକୁ ଘୁଞ୍ଚାଯାଇଛି । ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଆଇଏସ୍ଏସ୍ ଅଭିମୁଖେ ଐତିହାସିକ ଅକ୍ସିଅମ-୪ ମିସନ୍‌ରେ ଯିବା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ସାରିଛନ୍ତି। ଆସନ୍ତାକାଲି ନାସାର କେନେଡି ସ୍ପେସ ସେଣ୍ଟରରୁ ସ୍ପେସ୍‌ଏକ୍ସର ଫାଲକନ-୯ ରକେଟ୍ ଓ ଡ୍ରାଗନ ସ୍ପେସକ୍ରାଫ୍ଟରେ ଏହି ମିସନ ଉଡ଼ାଣ ଭରିବ। ଶୁକ୍ଲା ଏହି ମିସନର ପାଇଲଟ ଭାବେ ଦାୟିତ୍ୱ ନେବେ ଏବଂ ଏହା ହେଉଛି। ୧୯୮୪ ମସିହାରେ ରାକେଶ ଶର୍ମାଙ୍କ ପରେ ଭାରତର ଦ୍ୱିତୀୟ ମହାକାଶ ଯାତ୍ରା।

## ଭିଜିଲାନ୍ସ ଜାଲରେ ଦୁଇ ମହିଳା ଯନ୍ତ୍ରୀ

**ଭୁବନେଶ୍ୱର,୧୦।୬(ମହାଭାରତ):** ପ୍ରାୟ ପ୍ରତ୍ୟେକ ଦିନ ଲାଞ୍ଚ ନେଇ ଅବା ଆୟ ବର୍ହିଭୂତ ସଂପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡୁଛନ୍ତି ସରକାରୀ କର୍ମଚାରୀ। ଲାଞ୍ଚୁଆ। କର୍ମଚାରୀ ଓ ଅଧିକାରୀ ଲାଞ୍ଚ ନେବାରୁ ବିରତ ହେଉ ନାହାନ୍ତି। ଲାଞ୍ଚ ନେଇ ଆଜି ଦୁଇ ଜଣ ମହିଳା ସରକାରୀ କର୍ମଚାରୀ କନିଷ୍ଠ ଯନ୍ତ୍ରୀ (ଜେଇ) ଓ ସହକାରୀ ଯନ୍ତ୍ରୀ (ଏଇ) ଭିଜିଲାନ୍ସ ହାବୁଡ଼ାରେ ପଡିଛନ୍ତି।



ଭିଜିଲାନ୍ସ ହାତରେ ଧରାପଡ଼ିଥିବା ମହିଳା କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କ ନାଁ ସୁସ୍ମିତା ଓରାମ। ବରଗଡ଼ ଜିଲ୍ଲା ଗାଇସିଲଟ ବ୍ଲକରେ ସେ ନିଯୁକ୍ତ ହୋଇଛନ୍ତି। ଜଣେ ଠିକାଦାର ଏମଜିଏନ୍ଆରଇଜିଏସାରେ ଏକ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରିଥିଲେ। ଏହି ପ୍ରକଳ୍ପର ମୋଟ ମୂଲ୍ୟ ୯ ଲକ୍ଷ ୫୦ ହଜାର ଟଙ୍କା ଥିଲା। ସେଥିରୁ ଠିକାଦାର ଆଉ ୩.୧୫ ଲକ୍ଷ ଟଙ୍କା ପାଇ ନଥିଲେ। ବିଲ୍ ପାସ୍ କରି ଦେବା ପାଇଁ ସେ ଠିକାଦାରଙ୍କୁ ୩୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିଛି ଦିନ ତଳେ ଠିକାଦାର ତାଙ୍କୁ ୨୪ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଆଉ ୮ ହଜାର ଟଙ୍କା ନଦେଲେ ବିଲ୍ ପାସ୍ ହୋଇପାରିବ ନାହିଁ ବୋଲି ଜେଇ ସୁସ୍ମିତା ଓରାମ ତାଙ୍କୁ କହିଥିଲେ। ଏହା ପରେ ଅନ୍ୟ କୌଣସି ଉପାୟ ନପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ଠିକାଦାର। ଯୋଜନା ପ୍ରକାରେ ଠିକାଦାର ଜଣଙ୍କ ଆଜି ଜେଇଙ୍କୁ ଭେଟି ବାକି ୮ ହଜାର ଟଙ୍କା ଦେଇଥିଲେ। ଜେଇ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଜେଇ ସୁସ୍ମିତା ଓରାମ ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

ସେହିପରି ଅନ୍ୟ ଏକ ଘଟଣାରେ ବିଲ୍ ପାସ୍ କରାଇ ଦେବା ପାଇଁ ଠିକାଦାରଙ୍କଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ମହିଳା ସହକାରୀ ଯନ୍ତ୍ରୀ (ଏଇ) ସୁସ୍ମିତା ପରିଜା। ସେ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରେ ନିୟୋଜିତ ହୋଇଛନ୍ତି। ଏମଜିଏନ୍ଆରଇଜିରେ ହୋଇଥିବା ଏକ କାର୍ଯ୍ୟର ବିଲ୍ ପାସ୍ କରିବାକୁ ସହକାରୀ ଯନ୍ତ୍ରୀ ସୁସ୍ମିତା ପରିଜା ସଂପୃକ୍ତ ଠିକାଦାରଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଠିକାଦାର ତାଙ୍କୁ କିଛି ଦିନ ତଳେ ୫ ହଜାର ଟଙ୍କା ଦେଇଥିଲେ। କିନ୍ତୁ ବିଲ୍ ପାସ୍ କରିବାକୁ ସହକାରୀ ଯନ୍ତ୍ରୀ ଶ୍ରୀମତି ପରିଜା ତାଙ୍କୁ ବାକି ୧୦ ହଜାର ଟଙ୍କା ଦେବାକୁ କହିଥିଲେ। ଯୋଜନା ପ୍ରକାରେ ଠିକାଦାର ଆଜି ସହକାରୀ ଯନ୍ତ୍ରୀ ଶ୍ରୀମତି ପରିଜାଙ୍କୁ ତାଙ୍କ ସରକାରୀ ବାସଭବନରେ ୮ ହଜାର ଟଙ୍କା ଦେଇଥିଲେ। ସେ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

## ଆଇଏଏସ୍ ଚକମା ନିଲମ୍ବିତ

**ଭୁବନେଶ୍ୱର/ଧର୍ମଗଡ,୧୦।୬(ମହାଭାରତ):** ଦଶ ଲକ୍ଷ ଟଙ୍କା ଲାଞ୍ଚ ନେଇ ଗତ ରବିବାର ରାତି ଭିଜିଲାନ୍ସ ହାତରେ ଧରାପଡ଼ିଥିବା କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମନ ଚକମା ସରକାରୀ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି। ସେ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ଅଭିଯୁକ୍ତ ଅଧିକାରୀ ଗିରଫ ହେଲା ପରେ ଫାଇଲରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦସ୍ତଖତ ପରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

ଏହା ପୂର୍ବରୁ ସୋମବାର ଭିଜିଲାନ୍ସ କୋର୍ଟରେ ବେଲ୍ ନାମଞ୍ଜୁର ହେବା ପରେ ତାଙ୍କୁ ଭବାନୀପାଟଣା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଗତକାଲି ରାତିରେ ଅଭିଯୁକ୍ତ ଆଇଏଏସ୍‌ଙ୍କ ଦେହ ଖରାପ ହେବାରୁ ଜେଲ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡାକ୍ତର ଦେଖିବା ପରେ ବାବୁଙ୍କୁ ପୁଣି ଫେରିବାକୁ ପଡ଼ିଥିଲା।

୨୦୨୧ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଧୀମନ ଚକମା ଧର୍ମଗଡ଼ରେ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ ଥିଲେ। ଜଣେ ସ୍ଥାନୀୟ ବ୍ୟବସାୟୀଙ୍କ ଅଭିଯୋଗ କ୍ରମେ ଉପଜିଲ୍ଲାପାଳ ୨୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଦୁଇଟି କିସ୍ତିରେ ୧୦ ଲକ୍ଷ ଟଙ୍କା ଲେଖାଏଁ ଲାଞ୍ଚ ନେବାକୁ କହିଥିଲେ ଅନ୍ୟଥା ତାଙ୍କ ବ୍ୟବସାୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲେ। ଅଭିଯୋଗକ୍ରମେ ସୋମବାର ତାଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି।

## ନଦୀରେ ବୁଡ଼ିଗଲେ ୮

**ନୂଆଦିଲ୍ଲୀ,୧୦।୬(ମହାଭାରତ):** ଗାଧୋଉଥିବା ବେଳେ ନଦୀରେ ବୁଡ଼ି ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ରାଜସ୍ଥାନର ଟୋଙ୍କ ଜିଲ୍ଲାରେ ଆଜି ଘଟିଛି ଏହି ଘଟଣା। ଟୋଙ୍କ ଜିଲ୍ଲା ଏସପି ବିକାଶ ସାଙ୍ଗୱାନ କହିଛନ୍ତି, ପ୍ରାୟ ୨୫ରୁ ୩୦ ବର୍ଷ ମଧ୍ୟରେ ୧୧ ଜଣ ଯୁବକ ଜୟପୁରରୁ ଏଠାକୁ ପିକନିକ୍ କରିବାକୁ ଆସିଥିଲେ। ସେମାନେ ବନାସ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଗାଧୋଉଥିବା ବେଳେ ସେମାନେ ଗଭୀର ଜଳକୁ ଖସି ଯାଇଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେମାନେ ଚିକିତ୍ସାଧୀନ ଅଛନ୍ତି ଓ ସେମାନଙ୍କ ଅବସ୍ଥା ସ୍ଥିର ରହିଛି। କିନ୍ତୁ ଅନ୍ୟ ୮ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ଏହି ଯୁବକମାନେ କେମିତି ଗଭୀର ଜଳକୁ ଖସି ଗଲେ, ତାହା ସ୍ପଷ୍ଟ ହୋଇପାରିନାହିଁ ବୋଲି ଏସପି କହିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ସେ କହିଛନ୍ତି। ଗ୍ରୀଷ୍ମ ଋତୁ ଯୋଗୁ ବନାସ ନଦୀରେ ଅଧିକ ପାଣି ନାହିଁ। ସେହିଭଳି ନଦୀର ସ୍ରୋତ ମଧ ଭସାଇ ନେଲା ଭଳି ନାହିଁ। ତେବେ ନଦୀର କିଛି କିଛି ସ୍ଥାନରେ ପାଣିର ଗଭୀରତା ଅଧିକ ରହିଛି। ଆଶଙ୍କା କରାଯାଉଛି, ପ୍ରଥମେ କେହି ଜଣେ ଗାଧୋଇବା ବେଳେ ଗଭୀର ଜଳରେ ଫସି ଯାଇଥିଲେ ଓ ଆଉ ବାହାରି ପାରି ନଥିଲେ।

## ପ୍ରକାଶ ପାଇଲା ଓଜେଇଇ ରେଜଲ୍ଟ

**ଭୁବନେଶ୍ୱର,୧୦।୬(ମହାଭାରତ):** ବହୁ ପ୍ରତୀକ୍ଷିତ ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୫ ରେଜଲ୍ଟ ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଫଳାଫଳ ପୁସ୍ତକ ଉନ୍ମୋଚିତ ହୋଇଛି ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଆନୁଷ୍ଠାନିକ ଭାବେ ଓଜେଇଇ-୨୦୨୫ ରେଜଲ୍ଟ ଘୋଷଣା କରିଛନ୍ତି। ଛାତ୍ରଛାତ୍ରୀମାନେ ନିଜର ରେଜଲ୍ଟ ଜାଣିବା ପାଇଁ ଓଜେଇଇ.ଏନ୍ଆଇସି.ଇନ୍ ୱେବସାଇଟ୍ ମାଧ୍ୟମରେ ନିଜର ରାଙ୍କ କାର୍ଡ ପାଇପାରିବେ।

ଓଜେଇଇ ରେଜଲ୍ଟ ପ୍ରକାଶିତ ହୋଇଥିବା ବେଳେ କେଉଁ କୋର୍ସ ପାଇଁ କେଉଁ ପରୀକ୍ଷାର୍ଥୀ ଶ୍ରେଷ୍ଠ ରାଙ୍କ ଆଣିଛନ୍ତି, ତାହା ସୂଚନା ଦିଆଯାଇଛି। ବି ଫାର୍ମାରେ ଯତୀନ ମେହେର, ଲେଟରାଲ-ଟେକ୍ନୋଲୋଜି (ଡିପ୍ଲୋମା)ରେ ଗୌରବ ସ୍ୱାଇଁ, ଲେଟରାଲ ଏଣ୍ଟ୍ରି-ଟେକ୍ନୋଲୋଜି (ବିଏସ୍‌ସି)ରେ ସାକ୍ଷୀ କୁମାରୀ, ଲେଟରାଲ ଏଣ୍ଟ୍ରି-ଟେକ୍ନୋଲୋଜି-ଫାର୍ମାସିରେ ସାଗରିକା ଦାଶ, ଏମବିଏରେ ଅନୁରାଗ ମିଶ୍ର, ଏମସିଏ/ଏମଏସସି (କମ୍ପ୍ୟୁଟର ସାଇନ୍ସ)ରେ ଏସ୍ ସିସେନ୍ଦ୍ରୀ, ଇଣ୍ଟିଗ୍ରେଟେଡ୍ ଏମବିଏରେ ଅଂଶୁମାନ ପତି, ବି. ଟେକ୍ ଇନ ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ରେକର୍ଡିଂ ଆଣ୍ଡ ସାଉଣ୍ଡ ଡିଜାଇନିଂରେ ନେହା ପ୍ରିୟଦର୍ଶିନୀ, ବି. ଟେକ ଇନ୍ ଫିଲ୍ମ ଏଡିଟିଂରେ ସାନିଧ ନାୟକ, ଏମ୍ ଫାର୍ମାରେ ହିତେଶ କୁମାର ଧଳ, ଏମ୍ ଆର୍ଚିଟେକ୍‌ରେ ଅସ୍ମିତା ସୁବୁଦ୍ଧି, ଏମ୍ ପ୍ଲାନରେ ଉର୍ମିକାନ୍ତ ମଣିନନ୍ଦନ ସାହୁ ଏବଂ ଏମ୍ ଟେକ୍ ବର୍ଗରେ ସମସ୍ତ ସ୍ପେଶାଲାଇଜେସନରେ ମନ୍ମଥ ବେହେରା ଟପ୍ପର ହୋଇଛନ୍ତି।

ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ କରଯାଇଥିଲା ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ସହିତ ରାଜ୍ୟ ବାହାରେ ୩ଟି ସହର (କୋଲକାତା, ପାଟନା ଏବଂ ରାଞ୍ଚି) ମୋଟ ୭୦ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏ ବର୍ଷ ସମୁଦାୟ ୯୨,୪୮୮ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବାବେଳେ ୮୦,୩୨୪ ପରୀକ୍ଷାର୍ଥୀ (୮୬ ପ୍ରତିଶତ) ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ନର୍ସିଂ ପାଠ୍ୟକ୍ରମ ବ୍ୟତୀତ, ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୫୫,୩୬୨ ପରୀକ୍ଷାର୍ଥୀଙ୍କୁ ନିଜ ନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କର ଅନୁରୂପ ପାଠ୍ୟକ୍ରମରେ ସ୍ଥାନ (ରାଙ୍କ) ମିଳିଛି। ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମର୍ଥ ବର୍ମା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ଅଧ୍ୟକ୍ଷ ଦେବ ପ୍ରକାଶ ଶତପଥି ଓ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ସଂପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

ସୂଗତ ମେ ୨ ତାରିଖରେ ଓଜେଇଇ ପରୀକ୍ଷା ଆରମ୍ଭ ହୋଇଥିଲା ୧୨ ତାରିଖ ଯାଏ ଏହା ୩ଟି ସିଫ୍ଟରେ ଜାରି ରହିଥିଲା। ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମୋଡ୍‌ରେ ହୋଇଥିଲା।

## ଆଜି ଦେବସ୍ନାନ ପୂର୍ଣ୍ଣିମା

**ପୁରୀ, ୧୦।୬ (ମହାଭାରତ) :** ଆଜି ହେଉଛି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ରତ୍ନବେଦୀ ଛାଡି ସ୍ନାନ ମଣ୍ଡପକୁ ଓହ୍ଲାଇ ଆସିବେ ଚତୁର୍ଦ୍ଧା ମୂରତି । ସ୍ନାନବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବେ ଶ୍ରୀବିଗ୍ରହ। ଏଥିପାଇଁ ଶ୍ରୀମନ୍ଦିର ଭିତରେ ଥିବା ସୁନା କୂଅରୁ ଜଳ ଆସିଥାଏ।

ଜଳଲାଗି ନୀତି ପରେ ବର୍ଷକୁ ଥରେ ଅନୁଷ୍ଠିତ ହେଉଥିବା ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା। ଏହା ପରେ ଜ୍ୱରରେ ପୀଡିତ ହେବେ ଶ୍ରୀଜିଉ। ୧୫ ଦିନ ଅଣସର ଘରେ ଚାଲିବ ମହାପ୍ରଭୁଙ୍କ ଉପଚାର ।ଜ୍ୱରରୁ ଭଲ ହେଲା ପରେ ଭାଇଭଉଣୀଙ୍କୁ ସାଥିରେ ନେଇ ନବଦିନାତ୍ମକ ଯାତ୍ରାରେ ବାହାରି ଆସିବେ



କାଳିଆ। ସାଆନ୍ତେ। ସେହି ସମୟରେ ରତ୍ନ ସିହାଂସନରେ ତିନି ଠାକୁରଙ୍କ ବଦଳରେ ପୂଜା ପାଉଥାନ୍ତି ପଟି ଦିଅଁ । ଏହି ପଟି ଦିଅଁ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମହାପ୍ରଭୁଙ୍କ ଗଜାନନ ବେଶ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବା ବେଳେ, ଏହାକୁ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିବ। ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ଯୋନ୍ ଗଠନ କରାଯାଇ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ଚାରି ଜଣ ଏସପି ପାହ୍ୟା ଅଧିକାରୀଙ୍କ ସମେତ ୭୦ ପ୍ଲାଟୁନ ରୁ ଅଧିକ ପୋଲିସ ନିୟୋଜିତ ହୋଇଛନ୍ତି । ସମଗ୍ର ସହରକୁ ସିସିଟିଭି ଦ୍ୱାରା ନଜର ରଖାଯାଇଛି। ସେହିପରି, ଧାଡି ପହଣ୍ଡିରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦଇତାପତି ଓ ଅନ୍ୟାନ୍ୟ ସେବକ ମାନେ ମଙ୍ଗଳାର୍ପଣ ପରେ ଭୋର ୫ଟା ରୁ ଭୋର ୭ଟା ମଧ୍ୟରେ ବିଜେ କରାଇବେ।

## ବାଲି ମାଫିଆଙ୍କ ଆକ୍ରମଣରେ ମାଇନିଂ ଅଫିସର ଗୁରୁତର

**ବାଲେଶ୍ୱର, ୧୦।୬(ମହାଭାରତ) :** ଜୁନିୟର ମାଇନିଂ ଅଫିସରଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଅଭିଯୋଗ ହୋଇଛି। ବାଲି ଚାଲାଣ ସୂଚନା ପାଇ ଚଢ଼ାଉ ବେଳେ ଅଫିସରଙ୍କୁ ଆକ୍ରମଣ ହୋଇଛି। ରେମୁଣା ବ୍ଲକ୍ କାଠସଙ୍ଗଡ଼ା ତ୍ରିବେଣୀ ଘାଟରେ ଆକ୍ରମଣ ହୋଇଥିବାର ସୂଚନା ରହିଛି। ବାଲେଶ୍ୱର ରେମୁଣା କାଠସଙ୍ଗଡାରେ ବାଲି ମାଫିଆଙ୍କ ଆକ୍ରମଣରେ ଜୁନିୟର ମାଇନିଂ ଅଫିସର ତାପସ କୁମାର ବେହେରା ଆହତ ହୋଇଛନ୍ତି। ରେମୁଣା ବ୍ଲକ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀ କାଠସଂଗଡା ପାଖରେ ବେଆଇନ ବାଲି ଉତ୍ତୋଳନବେଳେ ଖଣି ବିଭାଗର ଏକ ସ୍ୱତନ୍ତ୍ର ଟିମର ଚଢାଉ ଜାରି ରହିଥିଲା। ଜୁନିୟର ମାଇନିଂ ଅଫିସର ଏକ ଫଟୋ ଉଠାଇବା ବେଳେ ଜଣେ ପରେ ଜଣେ ବାଲି ମାଫିଆ। ରୁଣ୍ଡ ହୋଇ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଛି। ତାଙ୍କୁ ଉଦ୍ଧାର କରାଯାଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଏବଂ ମାଫିଆଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି।

## ବ୍ରେଡ ଉତ୍ତପମ

**ଆବଶ୍ୟକୀୟ ସାମଗ୍ରୀ :** ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତ ପ୍ରଣାଳୀ :** ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଲର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।



ଖବର

# ରଥଯାତ୍ରାରେ ଆସିବ 'ଶମ୍ଭୁ'



ରଥଯାତ୍ରାରେ ମୁକ୍ତିଲାଭ କରିବ ଅନୁପମା ମୁଭିଜ ଦ୍ୱାରା ନିର୍ମିତ ଚଳଚ୍ଚିତ୍ର ଶମ୍ଭୁ । ବିଭୂତି ଭୂଷଣ ଜେନା ଏହି ସିନେମାର ପ୍ରଯୋଜନା ଦେଇଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ଦିଲ୍ଲୀପ ପଣ୍ଡା। ଶମ୍ଭୁ ସିନେମାଟି ସମ୍ପୂର୍ଣ୍ଣ ମନୋରଞ୍ଜନ ଧର୍ମୀ ଓ ସବୁ ବର୍ଗର ଦର୍ଶକଙ୍କୁ ଲକ୍ଷ୍ୟ କରି ନିର୍ମିତ କରାଯାଇଛି ବୋଲି କହିଛନ୍ତି ଡ଼ ରଂଜନୀ ରଞ୍ଜନ। କାହାଣୀ ଅନୁପମ ଜେନା ଲେଖିଥିବାବେଳେ ପ୍ରଥମ ଥର ପାଇଁ ଜଣେ ନୂତନ ନାୟକଙ୍କୁ ଏ ସିନେମାରେ ସୁଯୋଗ ଦିଆଯାଇଛି। ନାୟକ ଶୁଭମ ଶମ୍ଭୁ ରୂପରେ ରଥଯାତ୍ରାରେ ପରଦାରେ ବାଜିମାତ କରିବାକୁ ଯାଉଛନ୍ତି ।ପ୍ରଯୋଜକ ବିଭୁତି ଜେନା ଏ ସିନେମାର୍ ସଫଳତା ନେଇ ବେଶ ଆଶା ବାନ୍ଧିଛନ୍ତି। ଦୀପକ କୁମାର ଶମ୍ଭୁ ସିନେମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ସହ ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା ।ଶମ୍ଭୁର ପୋଷ୍ଟର ରିଲିଜ ଉତ୍ସବରେ ଏହି କାହାଣୀର ମୁଖ୍ୟ ଅଭିନେତା ଶୁଭମ, ଜୀବନ ପଣ୍ଡା ,ଡିସ୍କୋ ରେଡ୍ଡୀ ,ଚିନ୍ତାମଣି ,ଐଶ୍ୱର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ନାୟିକା ଭୂମିକାରେ ତମନା ଶୁଭମଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ । ପ୍ରଥମ ଥର ପାଇଁ ଶୁଭମ ଓ ତମନାଙ୍କ ଯୋଡି ଦେଖିବାକୁ ପାଇବେ ଦର୍ଶକ। ଭିନ୍ନ ସ୍ୱାଦର ଏହି ସିନେମାଟିରେ ଜଲିଉଡ଼ର ସୁପରଷ୍ଟାର ପିଉସ ତ୍ରିପାଠୀ ମଧ୍ୟ ଏକ ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି । ସିନେମାଟି ରଥଯାତ୍ରାରେ ବଡ ପରଦାରେ ମୁକ୍ତିଲାଭ କରିବ ।

# ବୈକୁଣ୍ଠ ଧାମର ରହସ୍ୟ

ବୈକୁଣ୍ଠ ଶବ୍ଦର ଅର୍ଥ ହେଉଛି ଯେଉଁଠାରେ କୁଣ୍ଠା ନ ଥାଏ । ଅର୍ଥାତ୍ ନିଷ୍କ୍ରିୟତା, ଅକର୍ମଣ୍ୟତା, ନିରାଶା, ହତାଶା, ଆଳସ୍ୟ ଏବଂ ଦରିଦ୍ରତା । ଏହାର ଅର୍ଥ ହେଉଛି ବୈକୁଣ୍ଠ ଧାମ ଏମିତି ଏକ ସ୍ଥାନ ଯେଉଁଠାରେ କର୍ମହୀନତା ନ ଥାଏ, ନିଷ୍କ୍ରିୟତା ନଥାଏ । କୁହାଯାଏ ଯେ, ମୃତ୍ୟୁ ପରେ ପୁଣ୍ୟ କର୍ମ କରିଥିବା ବ୍ୟକ୍ତି ସ୍ୱର୍ଗ କିମ୍ବା ବୈକୁଣ୍ଠ ଗମନ କରିଥାନ୍ତି । ହିନ୍ଦୁ ଧର୍ମ ଅନୁସାରେ କୈଳାଶ ପର୍ବତରେ ମହାଦେବ ବ୍ରହ୍ମଲୋକରେ ବ୍ରହ୍ମଦେବ ବସବାସ କରନ୍ତୁ । ସେହିପରି ଭଗବାନ ବିଷ୍ଣୁ ବୈକୁଣ୍ଠରେ ନିବାସ କରନ୍ତି । ବୈକୁଣ୍ଠ ଲୋକର ସ୍ଥିତି ତିନି ସ୍ଥାନରେ ରହିଛି । ଧରିତ୍ରୀ ଉପରେ, ସମୁଦ୍ରରେ ଏବଂ ସ୍ୱର୍ଗରେ । ବୈକୁଣ୍ଠକୁ ବିଷ୍ଣୁଲୋକ ଏବଂ ବୈକୁଣ୍ଠ ସାଗର ମଧ୍ୟ କୁହାଯାଏ । ଧରିତ୍ରୀ ଉପରେ ବଦ୍ରିନାଥ, ଜଗନ୍ନାଥ ଏବଂ ଦ୍ୱାରିକାପୁରୀକୁ ବୈକୁଣ୍ଠ ଧାନ କୁହାଯାଏ । ଚାରି ଧାମରେ ବଦ୍ରିନାଥ ଧାମକୁ ହିନ୍ଦୁମାନେ ସର୍ବଶ୍ରେଷ୍ଠ ଧାମ ରୂପେ ବିବାଚନା କରିଥାନ୍ତି । ବଦ୍ରିନାଥ ବ୍ୟକ୍ତି ଦ୍ୱାରିକାନାଥ ଏବଂ ଜଗନ୍ନାଥ ପୁରୀକୁ ମଧ୍ୟ ବୈକୁଣ୍ଠ ଧାମ କୁହଯାଏ । କୁହାଯାଏ ଯେ, ସତ୍ୟଯୁଗରେ ନାରାୟଣ ବଦ୍ରିନାଥ ଧାମର ସ୍ଥାପନା କରିଥିଲେ । ତ୍ରେତୟାଯୁଗରେ ରାମେଶ୍ୱରମ୍‌ଙ୍କ ସ୍ଥାପନ ଭଗବାନ ଶ୍ରୀରାମଙ୍କ ଦ୍ୱାରା ହୋଇଥିଲା ଏବଂ ଦ୍ୱାପରେ ଦ୍ୱାରିକାଧାମର ସ୍ଥାପନା ପ୍ରଭୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଏବଂ କଳିଯୁଗରେ ଜଗନ୍ନାଥ ଧାମକୁ ବୈକୁଣ୍ଠ କୁହାଯାଏ । ତେବେ ପୁରୀର ଜଗନ୍ନାଥ ମନ୍ଦିର ସବୁଠାରୁ ପ୍ରସିଦ୍ଧ ଅଟେ । ସେହିପରି ଦ୍ୱିତୀୟ ବୈକୁଣ୍ଠରେ ଶ୍ରୀବିଷ୍ଣୁ ନିଜର ୪ ପାଟରାଣୀ ଶ୍ରୀଦେବୀ, ଭୁଦେବୀ, ନୀଳା ଏବଂ ମହାଲକ୍ଷ୍ମୀଙ୍କ ସହିତ ନିବାସ କରନ୍ତି । ଏହି ବୈକୁଣ୍ଠ ସଂପର୍କରେ କୁହଯାଏ ଯେ, ମୃତ୍ୟୁ ପରେ ବିଷ୍ଣୁଭକ୍ତମାନେ ଏହିଠାରେ ଅବସ୍ଥାନ କରନ୍ତି । ଭଗବାନ ଶ୍ରୀକୃଷ୍ଣ ଦ୍ୱାରିକା ବ୍ୟତିତ ଆଉ ଏକ ନଗର ନିର୍ମାଣ କରିଥିଲେ ଯାହାକୁ ବୈକୁଣ୍ଠ କୁହାଯାଏ । ମାନ୍ୟତା ଅଛି ଯେ, ଅରାବଳୀ ପାହାଡ଼ ଅଞ୍ଚଳରେ ବୈକୁଣ୍ଠ ଧାମ ରହିଛି । ଯେଉଁଠାରେ ସାଧାରଣ ମନୁଷ୍ୟ ନୁହନ୍ତି, କେବଳ ସାଧୁସନ୍ଥମାନେ ରହିଥାନ୍ତି । କୁହାଯାଏ ଯେ, ପରମଧାମକୁ ଯିବା ପରେ ଜୀବାତ୍ମା ସବୁଦିନ ପାଇଁ ଜୀବନ ଏବଂ ମରଣ ଚକ୍ରରୁ ମୁକ୍ତି ପାଇଥାଏ । ଏହି ଧାମ ସବୁଠାରୁ ଉପରେ ଅର୍ଥାତ୍ ସର୍ବୋଚ୍ଚ ଅଟେ । ଏଠାରେ ନା ସୁଖ ଅଛି ନା ଦୁଃଖ । ମାନ୍ୟତା ରହିଛି ଯେ, ବୈକୁଣ୍ଠ ଧାମ ପ୍ରାପ୍ତ କରୁଥିବା ଜୀବାତ୍ମା କିଛିକାଳ ପାଇଁ ଆନନ୍ଦ ଓ ସୁଖ ପ୍ରାପ୍ତି କରିଥାଏ । କିନ୍ତୁ ସୁଖ ଭୋଗ କରି ସାରିବା ପରେ ପୁଣି ମୃତ୍ୟୁଲୋକକୁ ଆସିଥାଏ ।

# ଘରେ ଲଗାନ୍ତୁ ଏହି ଗଛ, ହେବେନାହିଁ ମଶା

ବର୍ଷା ଋତୁରେ ଘଲେ ମଶାଙ୍କ ରାଜ୍ ଫ ଅଧିକାଂଶ ରୋଗର କାରଣ ହୋଇଥାନ୍ତି ମଶା ଫ ଏମାନଙ୍କୁ ରୋକିବାକୁ ଅନେକ ପ୍ରକ୍ରିୟା ଆପଣାଇଲେ ମଧ ଏଥିରୁ ବଞ୍ଚି ଯାଇଥାନ୍ତି ମଶା । ମଶାଙ୍କୁ ଏଡାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଆପଣାଇବା ଜରୁରୀ ଅଟେ । ଏହାବ୍ୟତୀତ ଘରେ କିଛି ଔଷଧୀୟ ଗଛ ଲଗେଇବା ଆବଶ୍ୟକ । ଆସନ୍ତୁ ଏମିତି କିଛି ଗଛ ଉପରେ ନଜର ପକେଇବାତୁଳସୀ ଗଛ । ଏହା ହେଉଛି ଏକ ହର୍ବାଲ ଉଦ୍ଭିଦ । ଯାହା କେବଳ ଥଣ୍ଡା ଏବଂ କାଶ ପାଇଁ ନୁହେଁ, ବରଂ ମଶାମାନଙ୍କୁ ଘରୁ ତଡ଼ିବାରେ ବେଶ୍ ସହାୟକ ହୋଇଥାଏ । ତୁଳସୀର ସୁଗନ୍ଧ ମଶା ଲାର୍ଭା ବୃଦ୍ଧିକୁ ରୋକିଥାଏ, ଯେଉଁ କାରଣରୁ ମଶାମାନେ ଅଣ୍ଡା ଦେବାରେ ସକ୍ଷମ ହୁଅନ୍ତି ନାହିଁ ।ଆଉ ଏପରି ହେବା ଦ୍ୱାରା ସେମାନଙ୍କ ସଂଖ୍ୟା ବୃଦ୍ଧି ହୁଏ ନାହ ।ଗେଣ୍ଡୁ ଫୁଲ ମଶା ଏବଂ ଅନ୍ୟ କୀଟପତଙ୍ଗକୁ ମଧ ଘରଠାରୁ ଦୂରେଇ ରଖିଥାଏ। ପାଇରେଥ୍ରମ୍ ପରି କୀଟନାଶକ ଗେଣ୍ଡୁ ଫୁଲରେ ରହିଥାନ୍ତି । ଯାହା କୀଟପତଙ୍ଗଙ୍କ ବଂଶ ବୃଦ୍ଧି କରିବାକୁ ଦେଇ ନଥାଏ । ଏହି ଫୁଲରୁ ଆସୁଥିବା ଗନ୍ଧ ମଶାମାନଙ୍କୁ ଦୂରେଇ ଥାଏୟରସୁଣ-ଅଦା ଗଛ ଲଗାଇଲେ ମଧ ଆପଣ ମଶା ଓ ଅନ୍ୟ କୀଟପତଙ୍ଗଠାରୁ ଦୂରେ ରହିପାରିବେ ।ଏହି ଉଦ୍ଭିଦର ଡାଳରୁ ଆସୁଥିବା ଦୁର୍ଗନ୍ଧ ମଶା ଏବଂ କୀଟପତଙ୍ଗଙ୍କୁ ଆସିବାକୁ ଦିଏ ନାହିଁ ।ମଶା ଏବଂ ଅନ୍ୟାନ୍ୟ କୀଟମାନଙ୍କୁ ପାଖ ମଡେଇବାକୁ ଦିଏ ନାହିଁ ପୋଦିନା ଗଛ। ଉଦ୍ଭିଦର ସୁଗନ୍ଧ ମଶାମାନଙ୍କୁ ଘଉଡାଇବା ପାଇଁ ବେଶ୍ ଭଲ କାମ କରେୟଲେମନ୍ଗ୍ରାସ୍ ସହଜରେ ବଢୁଥିବା ଏକ ଉଦ୍ଭିଦ, ଯାହା ଉଦ୍ୟାନର ସୌନ୍ଦର୍ଯ୍ୟ ବଢାଇବା ବ୍ୟତୀତ ମଶା ଏବଂ କୀଟପତଙ୍ଗଙ୍କୁ ମଧ ଦୂରେଇ ରଖିଥାଏ।





# ମନ୍ଦିର ଦର୍ଶନ ଓ ତୀର୍ଥଯାତ୍ରାର ସୁଫଳି ଜିନିଷ



ଆଧୁନିକ ଯୁଗରେ ମଣିଷ ନିଜ କାମ ଏବଂ ସମସ୍ୟା ଜଞ୍ଜାଳ ଭିତରେ ଏତେ ଘାଣ୍ଟି ହୋଇଯାଇଛି ଯେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ତ' ଦୂରର କଥା ସେ ସମ୍ପର୍କରେ ଭାବିବା ପାଇଁ ମଧ ସମୟ ପାଉନାହିଁ । ସାଧାରଣତଃ ଲୋକମାନେ ତୀର୍ଥ ଯାତ୍ରାକୁ ଦାନ-ପୁଣ୍ୟ, ପାପରୁ ମୁକ୍ତି ଆଦି ପାଇଁ ଗ୍ରହଣ କରିଥାନ୍ତି । କିନ୍ତୁ ବାସ୍ତବରେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ଦ୍ୱାରା ଅନ୍ୟ କେତେକ ଫାଇଦା ମଧ ମିଳିଥାଏ । ତୀର୍ଥ ଆଧାରିତ ଗ୍ରନ୍ଥରେ ଉଲ୍ଲେଖ ରହିଛି ନିୟମିତ ତୀର୍ଥ କରିବା ଏବଂ ମନ୍ଦିରକୁ ଯିବା ଦ୍ୱାରା ୪ଟି ବିଶେଷ ଲାଭ ମିଳିଥାଏ । ପ୍ରଥମତଃ ମନ୍ଦିର ଏବଂ ତୀର୍ଥ ସ୍ଥାନକୁ ଦୈବୀ ଶକ୍ତିର କେନ୍ଦ୍ର ବୋଲି ଗ୍ରହଣ କରାଯାଇଥାଏ । ଏଠାରେ ଥିବା ବିଶେଷ ଐଶ୍ୱରିକ ଶକ୍ତି ଅନ୍ୟ କୌଣସି ଠାରେ ଦେଖିବାକୁ ମିଳିନଥାଏ । ଏହି କାରଣରୁ ମନ୍ଦିର କିମ୍ବା ତୀର୍ଥ ସ୍ଥାନକୁ ଯାଇ ମନୁଷ୍ୟର ମନ ଶାନ୍ତ ଏବଂ ଶକ୍ତିମାନ ହୋଇଥାଏ । ନିୟମିତ ମନ୍ଦିର ଯାଉଥିବା ଲୋକର ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ପୂରି ରହିଥାଏ । ସେ ନିଜ କାମରେ ସମ୍ପୂର୍ଣ୍ଣ ଭାବେ ମନୋନିବେଶ କରିଥାଏ ଏବଂ ସମ୍ପୂର୍ଣ୍ଣ ଶକ୍ତି ବିନିଯୋଗ କରି ଜୀବନର ଆନନ୍ଦ ଉପଭୋଗ କରିଥାଏ । ଦ୍ୱିତୀୟତଃ ସ୍ୱାସ୍ଥ୍ୟ ଲାଭ ଦୃଷ୍ଟିରୁ ମଧ ତୀର୍ଥ ଯାତ୍ରା ଗୁରୁତ୍ୱପୂର୍ଣ୍ଣ । କେତେକ ସ୍ଥାନକୁ ଛାଡ଼ିଦେଲେ ମନ୍ଦିର ଏବଂ ତୀର୍ଥସ୍ଥଳୀ ଥିବା ସ୍ଥାନର ବାତାବରଣ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇଥାଏ । ଏଠାକାର ପବିତ୍ର ବାତାବରଣ ମାନସିକତା ଉପରେ ପ୍ରଭାବ ପକାଇଥାଏ । ଚାଲି ଚାଲି ତୀର୍ଥ କରିବାକୁ ଗଲେ ଶାରୀରିକ ଶ୍ରମ ମଧ ହୋଇଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟତା କରିଥାଏ । ମାନସିକ ଶାନ୍ତି ମିଳୁଥିବାରୁ ମନୁଷ୍ୟ ମାନସିକ ଭାବେ ମଧ ସୁସ୍ଥ ରୁହେ । ମନ୍ଦିରର ଶିଢ଼ି ଚଢ଼ିବା, ଭଜନ-କୀର୍ତ୍ତନ କରିବା ସମୟରେ ତାଳି ବଜାଇବା ଦ୍ୱାରା ପାଦ ଏବଂ ହାତରେ ସ୍ୱତନ୍ତ୍ର ଚାପ ପଡ଼ିଥାଏ । ଯାହା ଆକ୍ୟୁପ୍ରେସର ଭଳି କାମ କରିଥାଏ ଏବଂ ରୋଗ ଦୂର କରିବାରେ ସହାୟକ ହୁଏ । ତୃତୀୟତଃ ତୀର୍ଥ ଯାତ୍ରା ଦ୍ୱାରା ଜ୍ଞାନ ମଧ ବୃଦ୍ଧି ହୁଏ । ନୂଆ ସ୍ଥାନକୁ ଯାତ୍ରା କରିବା ଦ୍ୱାର ବ୍ୟକ୍ତି ନୂଆ ନୂଆ ତଥ୍ୟ ସମ୍ପର୍କରେ ଅବଗତ ହୋଇପାରିଥାଏ । ତୀର୍ଥ ଯାତ୍ରା ଫଳରେ ମନୁଷ୍ୟର ଆଧ୍ୟାତ୍ମିକ, ଭୌଗଳିକ ଏବଂ ଐତିହାସିକ ଜ୍ଞାନ ବଢ଼େ । ଯାତ୍ରା ସମୟରେ ଅନେକ ସ୍ଥାନର ଇତିହାସ ଏବଂ ମହତ୍ୱ ଜାଣିବାକୁ ମିଳିଥାଏ । ଏଥିସହିତ ଉକ୍ତ ସ୍ଥାନର କଳା, ସଂସ୍କୃତି, ପରମ୍ପରା ଆଦି ସମ୍ପର୍କରେ ମଧ ଜ୍ଞାନ ପ୍ରାପ୍ତ ହୋଇଥାଏ । ମଣିଷ ନୂଆ ନୂଆ ଅଭିଜ୍ଞତା ଅର୍ଜନ କରିଥାଏ, ଯାହା ଜୀବନରେ ଆଗକୁ ବଢ଼ିବା ଲାଗି ମନୁଷ୍ୟକୁ ପ୍ରେରଣା ଯୋଗାଏ । ଚତୁର୍ଥତଃ ତୀର୍ଥ ଯାତ୍ରା ଫଳରେ ମନୁଷ୍ୟ ନିଜ ଘର-ପରିବାର ବ୍ୟତୀତ ଅନ୍ୟ ଲୋକଙ୍କ ସମ୍ପର୍କରେ ମଧ ଆସିଥାଏ । ଯାହାଦ୍ୱାରା ଜ୍ଞାନ ଏବଂ ପରିଚୟ ବୃଦ୍ଧି ପାଇଥାଏ ।

# ଦୁନିଆର ସବୁଠୁ ଦାମୀ ପରିବା

ପନିପରିବା ଶସ୍ତାରେ ମିଳେ। ତେବେ ଦୁନିଆରେ ସବୁଠୁ ଦାମୀ ପରିବା ବିଷୟରେ ଜାଣନ୍ତି କି? ଯାହାର ଦାମ୍ ସାଧାରଣ ପରିବା ବା ମାଛମାଂସଠୁ ମଧ ବହୁ ଗୁଣରେ



ଅଧିକ। କିଲୋ ପ୍ରତି ୮୦୦୦୦ ଟଙ୍କାରେ ବିକ୍ରି ହେଉଥିବା ଏହି ପରିବାର ନାମ ହେଉଛି ହପ୍ ସୁଟ। ଏହାର ଫୁଲକୁ ହପ୍ କୋନ୍ସ କୁହାଯାଏ। ବଜାର ତଥା ଷ୍ଟୋରଗୁଡ଼ିକରେ ଏହି ପରିବା ମିଳିବା ମୁସ୍କିଲ୍ ।ତେବେ ଏହାର ଫୁଲ ହପ୍ କୋନ୍ସକୁ ବିୟର ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଏ। ଏହା ବ୍ୟତୀତ ଏହାର ଡାଳ ବା ଡେମ୍ଫକୁ ଆପଣ ବିଭିନ୍ନ ଉପାୟରେ ବ୍ୟବହାର କରିପାରିବେ। ଏହି ପରିବାରେ ରହିଛି ଅନେକ ଔଷଧିୟ ଗୁଣ। ପ୍ରାୟ ୮୦୦ ଶତାବ୍ଦୀରେ ଏହାକୁ ଆବିଷ୍କାର କରାଯାଇଥିଲା। ଉ□ର ଜର୍ମାନୀର କୃଷକମାନେ ପ୍ରଥମେ ଏହାକୁ ବିୟରର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରିଥିଲେ। ପରେ ୧୭୧୦ରେ ଇଂଲଣ୍ଡ ପାର୍ଲିଆମେ□ ଏହା ଉପରେ ଟ୍ୟାକ୍ସ ଲଗାଇଥିଲେ ଏବଂ ସବୁପ୍ରକାର ବିୟର ପ୍ରସ୍ତୁତିରେ ଏହାର ବ୍ୟବହାରକୁ ବାଧ୍ୟତାମୂଳକ କରିଥିଲେ। ସେବେଠୁ ଏହାର ବ୍ୟବହାର ଚାଲିଆସୁଛି।

ଏଥିରେ ଥିବା ଔଷଧିୟ ଗୁଣ ଶରୀରର ଅନେକ ସମସ୍ୟା ଦୂର କରେ। ଦାନ୍ତମୂଳରେ ହେଉଥିବା କଷ୍ଟଠୁ ଆରମ୍ଭ କରି ଟି.ବି ଭଳି ରୋଗର ଉପଷମ କରିପାରେ ଏହି ଉଦ୍ଭିଦ। ଏଥିରେ ରହିଛି ଆଣ୍ଟିବାୟୋଟିକର ଗୁଣ। ଏହାର ଡେମ୍ଫ ବା ଡାଳକୁ ଖାଦ୍ୟରେ ପିଆଜ ଭଳି ବ୍ୟବହାର କରିପାରିବେ ବା ଗ୍ରିଲ୍ କରି ଖାଇପାରିବେୟ ଚାହିଁଲେ ଏହାର ଆଚାର ମଧ ତିଆରି କରିପାରିବେ। କ□। ଖାଇଲେ ଏହା ପାଟିକୁ ପିତା ଲାଗେ ।ତେବେ ଏହି ପରିବା ଚାଷ ବାରମାସ ଯାକ କରିହେବ କିନ୍ତୁ ମାର୍ଚ୍ଚରୁ ଜୁନ୍ ମାସ ପର୍ଯ୍ୟନ୍ତ ସମୟ ଏହାପାଇଁ ଅଧିକ ଅନୁକୂଳ। ଏହାର ଚାଷ ପାଇଁ ସୂର୍ଯ୍ୟ କିରଣର ଆବଶ୍ୟକତା ରହିଛି ଯାହା ଗଛ ବଢ଼ିବାରେ ସାହାଯ୍ୟ କରେ। ଗୋଟିଏ ଦିନରେ ଏହା ପ୍ରାୟ ୬ ଇ□ ଯାଏଁ ବଢିପାରେୟ ଆମେରିକା, ଜର୍ମାନୀ, ଚାଇନା, ପୋଲାଣ୍ଡ ଆଦି ଦେଶଗୁଡ଼ିକରେ ଏହାର ଚାଷ କରାଯାଏ।

# ନିର୍ବାଚନ ଆୟୋଗ ନିର୍ବାଚନକୁ ହଡ଼ପ କରୁଛନ୍ତି

ଭୁବନେଶ୍ୱର,୧୦।୬ (ମହାଭାରତ): ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ଅନୁଷ୍ଠାନ। ଏହି ଅନୁଷ୍ଠାନର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ନିର୍ବାଚନ ଆୟୋଗର କର୍ତ୍ତବ୍ୟ ଓ ଦାୟିତ୍ୱ ମଧ୍ୟ। ରାଜ୍ୟ ଏବଂ ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ କରିବା ସହିତ ଜନସାଧାରଣଙ୍କ ଜନମତକୁ ସମ୍ମାନ ଜଣାଇବା ନିର୍ବାଚନ ଆୟୋଗର ପ୍ରଥମ ଓ ଶେଷ କର୍ତ୍ତବ୍ୟ। ନିର୍ବାଚନ ଆୟୋଗକୁ ସରକାରୀ ଅକ୍ତିଆରରୁ ମୁକ୍ତ କରିବା ପାଇଁ ନିର୍ବାଚନ ଆୟୋଗକୁ ଏକ ବହୁସଦସ୍ୟଭୁକ୍ତ ଅନୁଷ୍ଠାନ କରିବା ସହିତ ସାମ୍ବିଧାନିକ ଅଧିକାର ମଧ୍ୟ ପ୍ରଦାନ କରାଗଲା। କିନ୍ତୁ ନିର୍ବାଚନ ଆୟୋଗ ନିଜକୁମୁକ୍ତ ଓ ସାମ୍ବିଧାନିକ ଦାୟିତ୍ୱକୁ ନିଷ୍ଠାର ସହ ମୁକ୍ତ ଓ ଅବାଧ ନିର୍ବାଚନ କରିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କର ହାତବାରିସି ହୋଇ ଭାରତୀୟ ଜନତାପାର୍ଟିକୁ କିଭଳି ଭାବରେ ସାଧାରଣ ନିର୍ବାଚନ ଓ ରାଜ୍ୟ ନିର୍ବାଚନରେ ଅଧିକ ସଂଖ୍ୟକ ଆସନ ମିଳିବ ସେଥିପାଇଁ ସମସ୍ତ ବେନିୟମ କାମକୁ ନିର୍ବାଚନ ଆୟୋଗ କରୁଛି ବୋଲି ବିରୋଧି ଦଳରନେତା ତଥା ସାଂସଦ ରାହୁଲ ଗାନ୍ଧୀ ଯେଉଁ ଗମ୍ଭୀର ପ୍ରଶ୍ନସବୁ ଉତ୍‌ଥାପନ କରିଛନ୍ତି ତାହାକୁ ନେଇ ଆଜି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ରାଜ୍ୟ କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପୁଙ୍ଖାନୁପୁଙ୍ଖ ଓ ତଥ୍ୟ ସହ ସାମ୍ବାଦିକ ମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ରାହୁଲ ଗାନ୍ଧୀ ଯେଉଁ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି ତାହା କିଭଳି ଭାବରେ ଆମ ଗଣତନ୍ତ୍ର ଓ ଆମ ଜନମତକୁ ହଡ଼ପ କରାଯାଉଛି ତାହାର ବିସ୍ତୃତ ବିବରଣୀ ଦେଇଛନ୍ତି। ପ୍ରଥମ କୌଶଳଟି ହେଉଛି ନିର୍ବାଚନ ଆୟୋଗର ସଦସ୍ୟ ମାନଙ୍କୁ ନିଯୁକ୍ତି କରୁଥିବା




ପ୍ୟାନେଲକୁ ଅକ୍ତିଆର/ ହରଣ ଚାଲ କରି ନିଆଗଲା। ନିର୍ବାଚନ ଆୟୋଗର ସଦସ୍ୟ ମାନଙ୍କୁ ନିଯୁକ୍ତି କରୁଥିବା ପାନେଲରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ରହିବାର ନିୟମ ଥିଲେ ମଧ ତାହାକୁ ପ୍ରଥମେ ମୋଦି ସରକାର ଗ୍ରହଣ କଲେ ନାହିଁ। ସେହି ସ୍ଥାନରେ ତାଙ୍କ ସରକାର ଦ୍ୱିତୀୟ ମୁଖ୍ୟ କ୍ୟାବିନେଟ ମନ୍ତ୍ରୀ ଗୃହମନ୍ତ୍ରୀଙ୍କୁ ସଦସ୍ୟ ଆକାରରେ ନେଲେ। ଫଳସ୍ୱରୂପ ପ୍ୟାନେଲରେ ମାତ୍ର ତିନିଜଣ ସଦସ୍ୟ ରହିଲେ ଯଥା ପ୍ରଧାନମନ୍ତ୍ରୀ, କେନ୍ଦ୍ର ସରକାରଙ୍କର ଅନ୍ୟ ଏକ ବରିଷ୍ଠମନ୍ତ୍ରୀ ଓ ବିରୋଧି ଦଳର ନେତା। ତେଣୁ ଯେଉଁମାନେ ନରେନ୍ଦ୍ର ମୋଦି ଏବଂ ଅମିତ ଶାହାଙ୍କ କଥାରେ ପରିଚାଳିତ ହେବେ ଏବଂ ବିଜେପି ଦଳକୁ ସମସ୍ତ ସହଯୋଗ କରିପାରିବେ ସେହି ବ୍ୟକ୍ତି ମାନଙ୍କୁ ନିର୍ବାଚନ ଆୟୋଗରେ ସଦସ୍ୟରୂପେ ଗ୍ରହଣ କରାଯାଉଛି। କାରଣ ସରକାରଙ୍କ ପାଖରେ ଦୁଇଟି ଥିଲାବେଳେ ବିରୋଧିଙ୍କ ପାଖରେ ମାତ୍ର ଗୋଟିଏ ଭୋଟ।ତେଣୁ ୨/୧ ନିଷ୍ପତ୍ତିରେ ଏହାସବୁ ବେଳେ ସରକାରଙ୍କ ସପକ୍ଷରେ ଯାଉଛି। ଫଳସ୍ୱରୂପ ନିର୍ବାଚନ ଆୟୋଗର ସଦସ୍ୟମାନେ ବିଜେପି ଦଳର ପ୍ରତିନିଧି ଭଳି କାମ କରୁଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କୌଣସି ପରିସ୍ଥିତିରେ ଏହି ସଦସ୍ୟ ମାନଙ୍କ ପାଖରୁ ଆଶା କରାଯାଇପାରିବ ନାହିଁ। ଦ୍ୱିତୀୟ କୌଶଳ ନକଲି ଭୋଟରଙ୍କୁ ଭୋଟରଲିଷ୍ଟରେ ସାମିଲ କରିବା।

୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ବେଳେ ମହାରାଷ୍ଟ୍ରରେ ଭୋଟରଙ୍କ ସଂଖ୍ୟା ୮ କୋଟି ୯୮ ଲକ୍ଷ ଥିଲା। ୫ ବର୍ଷପରେ ଅର୍ଥାତ ୨୦୨୪ ମେମାସରେ ଲୋକସଭା ନିର୍ବାଚନ ବେଳକୁ ମହାରାଷ୍ଟ୍ରର ଭୋଟର ସଂଖ୍ୟା ୯ କୋଟି ୨୯ ଲକ୍ଷକୁ ପହଞ୍ଚିଲା। ୫ ବର୍ଷରେ ୩୧ଲକ୍ଷ ନୂଆଭୋଟର ଯୋଡ଼ିହେଲେ। କିନ୍ତୁ ୨୦୨୪ ନଭେମ୍ବର ମାସ ମହାରାଷ୍ଟ୍ରର ରାଜ୍ୟ ନିର୍ବାଚନ ବେଳକୁ ରାଜ୍ୟର ଭୋଟରଙ୍କ ସଂଖ୍ୟା ଅପ୍ରତ୍ୟାଶିତ ଭାବେ ବୃଦ୍ଧିପାଇ ୯ କୋଟି ୭୦ଲକ୍ଷକୁ ବୃଦ୍ଧି ପାଇଲା। ଅର୍ଥାତ ମାତ୍ର ୬ ମାସରେ ୪୧ ଲକ୍ଷ ଅଧିକ ନୂଆ ନକଲି ଭୋଟରଙ୍କୁ ଭୋଟର ଲିଷ୍ଟରେ ଯୋଡ଼ି ଦିଆଗଲା। ଯଦି ୫ ବର୍ଷରେମାତ୍ର ନୂଆ ଭୋଟର ୩୧ଲକ୍ଷ ହେଉଛନ୍ତି, ୬ ମାସପରେ ଏହା କିପରି ୪୧ଲକ୍ଷକୁ ବୃଦ୍ଧିପାଇଲା ? ଏହାର ଉତ୍ତର ନିର୍ବାଚନ ଆୟୋଗ ଦେଉନାହାଁନ୍ତି।

# କଟକରେ ହେବ ନାରୀ ଶକ୍ତି ସମ୍ମିଳନୀ

କଟକ,୧୦।୬ (ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୁର୍ତ୍ତି ପାଳନ ଅବସରରେ କଟକରୁ ଆରମ୍ଭ ହେବାକୁ ଯାଉଛି ନାରୀ ଶକ୍ତି ମେଳା। ଆସନ୍ତା ୧୩ ତାରିଖରେ ତଳ ବାଲିଯାତ୍ରା ପଡିଆରେ ଏହି ନାରୀ ଶକ୍ତି ସମ୍ମିଳନୀ ଆୟୋଜିତ ହେବ। ଯେଉଁଥିରେ କଟକ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ମହିଳାମାନେ ଯୋଗ ଦେବେ। ତେବେ ରାଜ୍ୟବ୍ୟାପୀ ହେବାକୁ ଥିବା ଏହି ନାରୀ ଶକ୍ତି ମେଳାର ଶୁଭାରମ୍ଭ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ବାଲିଯାତ୍ରା ପଡିଆରୁ ଶୁଭାରମ୍ଭ କରିବେ। ଏହି ମେଳା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ। ଆଜି ବାଲିଯାତ୍ରା ପଡିଆର ମେଳା ସ୍ଥଳ ବୁଲିବା ସହ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ପୂର୍ଣ୍ଣ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ସିଂଦେଓ। ଏହି ନାରୀ ଶକ୍ତି ମେଳା ସହ ସରକାରଙ୍କ ୧ବର୍ଷ ପୂର୍ତ୍ତ ପାଳନ ପାଇଁ ବାଲିଯାତ୍ରା ପଡ଼ିଆରେ ୧୩ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସମ୍ମିଳନୀ, କାର୍ଯ୍ୟକ୍ରମ ଓ ନୃତ୍ୟ ଗୀତ ମାଧ୍ୟମରେ ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରାଯି।

କଟକକୁ ଯିବା ବେଳେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଦୁର୍ଘଟଣାରେ ଆହତ ହୋଇଛନ୍ତି।

ଜୁନ୍ ୧୩ ତାରିଖରେ ତଳ ବାଲି ଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ନାରୀ ଶକ୍ତି ମେଳାର ବ୍ୟବସ୍ଥା ସମୀକ୍ଷା କରିବା ପାଇଁ ସେ ଯିବା ବେଳେ ଏହି ଅଘଟଣ ଘଟିଥିଲା। ସୂଚନା ଅନୁଯାୟୀ, ସେଠାରେ ପ୍ରସ୍ତୁତି ସମୀକ୍ଷା ବେଳେ ଉପମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ପାଦ ଦୁର୍ଘଟଣାବଶତଃ ମୋଡ଼ି ହୋଇଯାଇଥିଲା। ତେବେ ଉପମୁଖ୍ୟମନ୍ତ୍ରୀଙ୍କୁ ଚିକିତ୍ସା ପାଇଁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସା କେନ୍ଦ୍ରର ଡାକ୍ତରମାନେ ତାଙ୍କୁ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେଇଥିବା ବେଳେ ତାଙ୍କ ବାମ ପାଦରେ କ୍ରାକ ହୋଇଥିବା ଜଣାପଡିଛି।

# ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୧୦।୬ (ମହାଭାରତ): ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୧୯ତମ ସ୍ୱର୍ଗାରୋହଣ ଦିବସ ଅଭିମନ୍ୟୁ ସ୍ମୃତି ସଂସଦ ଆନୁକୂଲ୍ୟରେ ସଭାପତି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ସମ୍ପାଦକ ଖତୁ ଚରଣ ବିଶ୍ୱାଳଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୂଚନା ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ପୂର୍ବତନ କର୍ପୋରେଟର ପୂର୍ଣ୍ଣଚନ୍ଦ୍ର ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ନିରଞ୍ଜନ ବାରିକ, ଗାନ୍ଧିବାଦୀ ପ୍ରମେଶ ମହାନ୍ତି, ବଟକୃଷ୍ଣ ବଳ, ଅକ୍ଷୟ କୁମାର ସାମଲ, ବୈରାଗୀ ଚରଣ ପୃଷ୍ଟି, କବୟିତ୍ରୀ ବିଷ୍ଣୁପ୍ରିୟା ଜେନା, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ଓଡ଼ିଶାର ବୈଷ୍ଣବ ଭାବଧାରାକୁ କାବ୍ୟ ଓ ଭକ୍ତି ମାଧ୍ୟମରେ ପ୍ରକଟିତ କରି ଭକ୍ତିଭାବ ଓ ପ୍ରେମଭାବର ସମନ୍ୱୟରେ ବାଲିଆର ଜମିଦାର ଅଭିମନ୍ୟୁ ସାମନ୍ତସିଂହାର ବିଦଗ୍ଧ ଚିନ୍ତାମଣି ସହ ଅନ୍ୟ କାବ୍ୟ ମାଧ୍ୟମରେ ଯେଉଁ ଅପୂର୍ବ ରଚନା କରିଛନ୍ତି ତାହା ଯୁଗେଯୁଗେ ଜନମାନସକୁ ଭକ୍ତିର ଲହରୀରେ ଅପୂର୍ବ ଆନନ୍ଦ ପ୍ରଦାନ କରି ଆସୁଛି। ସରକାର ଅଭିମନ୍ୟୁ ଓ ତାଙ୍କ ରଚନା ଉପରେ ଏକ ନାଟକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ମାଧ୍ୟମରେ ପରିବେଷଣ ସହିତ ଯାଜପୁର ଜିଲ୍ଲାର ବରପୁତ୍ର କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କର ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ କବୟିତ୍ରୀ ବିଷ୍ଣୁପ୍ରିୟା ଜେନା, ସାମାଜିକ ସଂଗଠକ ଖତୁ ଚରଣ ବିଶ୍ୱାଳ ଓ ପୂଜ୍ୟପୂଜା ଅଗ୍ରଦୂତ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ରଙ୍କୁ ବିଦଗ୍ଧ କବି ଅଭିମନ୍ୟୁ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା।

# ମହାନଦୀରେ ଭାସିଯାଇ ନାବାଳିକା ନିଖୋଜ

କଟକ,୧୦।୬ (ମହାଭାରତ): ଗାଧୋଉଥିବା ବେଳେ ମହାନଦୀରେ ଭାସିଗଲେ ନାବାଳିକା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କଟକ ଜିଲ୍ଲାର ବାଙ୍କୀ ଥାନା ଅନ୍ତର୍ଗତ କଇଁମୁଣ୍ଡି ଗାଁରେ। ଅନେକ ସାନୟରେ ଆମେ ଦେଖିଛେ ନଦୀରେ ଗାଧେଇବା ସାନୟରେ ଗୋଡ ଖସିବା କାରଣରୁ ହେଉ କିମ୍ବା ଅନ୍ୟ କାରଣ ପାଇଁ ଅନେକ ଲୋକଙ୍କର ଜୀବନ ଯାଇଥାଏ। ସାବଧାନତାର ସହ ନ ଗାଧୋଇଲେ ଏହିପରି ଦୁର୍ଘଟଣା ଘଟିଥାଏ। ଏଇ ଯେମିତି ଆଜିର ଘଟଣା, ବଡବାପା ସହ ୪ ପୁତୁରା ଏବଂ ଝିଆରୀ ଗାଧୋଇବାକୁ ଯାଇଥିଲେ।ଏକାଠି ଗାଧୋଇବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ବଡ ବାପା ୩ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଆଉ ଜଣେ ଭାସିଯାଇଥିଲେ। ନିଖୋଜ ନାବାଳିକାକୁ ଅଗ୍ନିଶମ ବାହିନୀ ଖୋଜୁଥିବାବେଳେ ଉଦ୍ଧାର ହୋଇଥିବା ୩ଜଣଙ୍କୁ ବାଙ୍କୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଜେଲରେ କାମ କରିବନି ମୋବାଇଲ୍

ଭୁବନେଶ୍ୱର,୧୦।୬ (ମହାଭାରତ): ଏଣିକି ଆଉ ଜେଲରେ ଚଳିପାରିବନି ଚୋରା ମୋବାଇଲ। ଜେଲ୍ ପରିସରରେ ଲାଗିବ ବ୍ଲକିଂ ଟାୱାର୍ ଏବଂ କଏଦୀଙ୍କ ହାତରେ ଥିବା ଚୋରା ମୋବାଇଲ୍ ସବୁକୁ ଅକାମୀ କରିଦେବ। ଏଥିପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏକ ବଡ଼ଯୋଜନା ପ୍ରସ୍ତୁତ ହେଉଛି। ଚୋରା ମୋବାଇଲକୁ ଅକାମୀ କରିବାକୁ ଜେଲରେ ପରିସରରେ କଲ୍ ବ୍ଲକିଂ ଟାୱାର ବସାଯିବ ବୋଲି ଚିନ୍ତା କରାଯାଉଛି। ଜେଲ୍ ଡିଜି ଏନେଇ ଡିପାର୍ଟମେଣ୍ଟ ଅଫ୍ ଟେଲିକମକୁ ଚିଠି ଲେଖିଛନ୍ତି। ପରୀକ୍ଷାମୂଳକ ଭାବେ ପ୍ରଥମେ ଚୌଦ୍ୱାର ଓ ଝାରପଡ଼ା ଜେଲ୍ରେ କଲ୍ ବ୍ଲକିଂ ଟାୱାର ପ୍ରତିଷ୍ଠା କରାଯିବ ବୋଲି ଆପାତତଃ ସ୍ଥିର କରାଯାଇଛି। ପରେ ରାଜ୍ୟର ସମସ୍ତ ୮୭ ଜେଲ୍ରେ ଏହି ବ୍ୟବସ୍ଥା ଖଞ୍ଜା ଯିବ ବୋଲି ସୂଚନା ମିଳିଛି।

ଜେଲର ଚାରିକାନ୍ଥ ଭିତରେ ରହି ମଧ ଦୁର୍ଦ୍ଦାନ୍ତ ଅପରାଧୀମାନେ ସେମାନଙ୍କ ଅପରାଧ ଜଗତକୁ ନିୟନ୍ତ୍ରଣ କରନ୍ତି। ଚୋରା ମୋବାଇଲ ବ୍ୟବହାର କରି ଦୁର୍ଦ୍ଦାନ୍ତ କଏଦୀ ବଟି ଆଦାୟ କରିବାଠାରୁ ଆରମ୍ଭ କରି ସୁପାରି କିଲିଂ ଭଳି ସଂଗିନ୍ ଅପରାଧ ଘଟାଇବାକୁ ସକ୍ଷମ ହୋଇଥା'ନ୍ତି। ଏଭଳି ନଜିର ବହୁତ ରହିଛି। ତେଣୁ ଏକଦା ଜେଲ୍‌ଗୁଡ଼ିକରେ ଜାମର୍ ଲଗାଯାଇଥିଲାୟ ମାତ୍ର ଏଥିରେ ବିଭିନ୍ନ ସମସ୍ୟା ଉପୁଜିଲା। ବିଶେଷକରି ଜାମର୍ ଏକ ନିର୍ଦ୍ଦିଷ୍ଟ ସମୟରେ କାମ କରୁଥିବାରୁ କଏଦୀମାନେ ସେହି ସମୟରେ ମୋବାଇଲ୍ ବନ୍ଦ ରଖିଲେ ଏବଂ ଜାମର୍ ଅଚଳ ଥିବା ସମୟରେ ମୋବାଇଲ୍ ଚଲାଇଲେ୍ୟ ମଝିରେ ମଝିରେ ପୁଲିସ ଓ ଜେଲ୍ କର୍ତ୍ତୃପକ୍ଷ ଚଢ଼ କରି କଏଦୀମାନଙ୍କଠାରୁ ମୋବାଇଲ୍ ଜବତ କରୁଥିଲେ। କିନ୍ତୁ ଏହା ପରେ ବି କିଛି ଅସାଧୁ କର୍ମଚାରୀଙ୍କ ପାଇଁ ପୁଣି କଏଦୀଙ୍କ ହାତରେ ମୋବାଇଲ୍ ପହଞ୍ଚିଯାଉଥିଲା। ତେଣୁ ଏବେ କଲ୍ ବ୍ଲକିଂ ଟାୱାର ବସାଇ କଏଦୀଙ୍କ ଚୋରା ମୋବାଇଲକୁ ସମ୍ପୂର୍ଣ୍ଣ ଅଚଳ କରିବାକୁ ଯୋଜନା କରାଯାଉଛି। ଖୁବ୍ ଶୀଘ୍ର ସବୁ ଟେଲିକମ୍ ଅପରେଟର୍ଙ୍କୁ ନେଇ ଏକ ବୈଠକ କରିବାକୁ ଜେଲ୍ ଡିଜି ସୁଶାନ୍ତ ନାଥ ଚିଠି କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୨ ମସିହାରୁ କେନ୍ଦ୍ର ସରକାର ଏହି ଅତ୍ୟାଧୁନିକ ବ୍ୟବସ୍ଥା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଓଡ଼ିଶାର କେଣସି ଜେଲ୍ରେ ଏହା କାର୍ଯ୍ୟକାରୀ ହୋଇନାହିଁ।

# ବରୁଣେଇ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୦।୬ (ମହାଭାରତ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଚଳିତ ୨୦୨୫ବର୍ଷର ୧୭ ତମ ବାର୍ଷିକ ବରୁଣେଇ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ମାନ୍ୟବର ବିଧାୟକ , ଖୋର୍ଦ୍ଧା, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ନିଜ ଅଭିଭାଷଣରେ କହିଲେ ଯେ ରଜ ମହୋତ୍ସବ ଖୋର୍ଦ୍ଧାର ଗୋଟିଏ ସମ୍ମାନଜନକ ପାରମ୍ପାରିକ ପର୍ବ ଓ ମା ବରୁଣେଇ ଙ୍କ ଉତ୍ସବ ଅଟେ। ଖୋର୍ଦ୍ଧା ଜିଲ୍ଲା ଏହି ପାରମ୍ପାରିକ ରଜ ମହୋତ୍ସବ ପାଳନକୁ ମହାକୁମ୍ଭରେ ପରିଣତ କରିବାକୁ ହେଲେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନର ସହଯୋଗ ଏବଂ ସମସ୍ତ ଖୋର୍ଧାବାସୀଙ୍କ ଆନ୍ତରିକ ଉଦ୍ୟମ ନିତ୍ୟାନ୍ତ ଆବଶ୍ୟକ ବୋଲି ଉଦବୋଧନ ରଖି ଖୋର୍ଦ୍ଧାର ଏହି ପାରମ୍ପାରିକ ରଜ ମହୋତ୍ସବକୁ ଆଡମ୍ବର ସହକାରେ ପାଳନ କରି ଦୃଷ୍ଟାନ୍ତ ସୃଷ୍ଟି କରିବାସହ ଖୋର୍ଦ୍ଧା ମାଟିର ଐତିହ୍ୟ ଓ ପରମ୍ପରା ଏବଂ ସାଂସ୍କୃତିକ ବୈଭବ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ସେହିଁପରି




ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ମା 'ବରୁଣେଇ ଙ୍କ ମହିମା ଯୋଗୁ ଆଜି ରଜ ମହୋତ୍ସବ ୧୭ ବର୍ଷରେ ପଦାର୍ପଣ କରି ଥିବାରୁ ଖୁସି ବ୍ୟକ୍ତ କରି ସମସ୍ତେ ମିଳିମିଶି ଖୋର୍ଦ୍ଧାର ଏହି ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବାକୁ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ ଯେ ମାନ୍ୟବର ଖୋର୍ଦ୍ଧା ବିଧାୟକଙ୍କୁ ସଭାପତି ଭାବେ ନେଇ ଏକ କମିଟି ଗଠନ କରାଗଲା। ସଭାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବ। କମିଟିର ଆବାହକ ଦିଶାନ୍ତ ସ୍ୱେଚ୍ଛାସେବୀ ସଂଗଠନ ସାଧାରଣ ସମ୍ପାଦକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସେବା ଯୋଗାଇ ଦେବାକୁ ପ୍ରସ୍ତାବ ରଖିଥିଲେ। ଏହି ବରୁଣେଇ ରଜ ମହୋତ୍ସବ ଉତ୍ସବକୁ ଜୁନ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥି ପାଇଁ ଖୋର୍ଦ୍ଧା ୱାଟକୋ ଓ ପୌର ପରିଷଦ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ଆଲୋକୀ କରଣ ସହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଲୋକି କରଣ କରାଯିବ କ୍ଷ ମନ୍ଦିର ପାର୍ଶ୍ୱରେ ସ୍ଥାନ ପରିଷ୍କାର ଆଲୋକି କରଣ ବ୍ୟବସ୍ଥା ପୌରପରିଶଦ ପକ୍ଷରୁ ସମ୍ପାଦିତ ହେବ। ମନ୍ଦିରରେ ରଙ୍ଗ ଦେବା କାର୍ଯ୍ୟ ପୂର୍ତ୍ତ ବିଭାଗ କରିବେ। ପଲ୍ଲୀଶ୍ରୀ ମେଳାରେ ଟ୍ୟାଙ୍କର ଓ ସିନଟେକ୍ସ ମାଧ୍ୟମରେ ୱାଟକୋ ପାନୀୟ ଜଳ ଯୋଗାଇ ଦେବେ। ଆଇନଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ବ୍ୟବସ୍ଥା, ଅଗ୍ନିଶମ ସେବା,ଟି ପି ସି ଓ ଡି ଏଲ ତରଫରୁ ୩ ଫେଜ୍ ବିଜୁଳି ଯୋଗାଣ, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ କୋଭିଡ ସଚେତନତା କାର୍ଯ୍ୟ ସମ୍ପାଦିତ କରିବାକୁ ଅଧ୍ୟକ୍ଷ ସଂପୃକ୍ତ ବିଭାଗ ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ। ଓରମାସ ତରଫରୁ ଷ୍ଟଲ୍ ଯୋଗାଇଦେବା ତଥା କୃଷି, ଶିକ୍ଷା, ମତ୍ସ୍ୟ, ପଶୁସମ୍ପଦ, ଆମ୍ବା, ଉଦ୍ୟାନ କୃଷି, ମୃର୍ତ୍ତିକା ସଂରକ୍ଷଣ, ବିଭିନ୍ନ ପ୍ରତିଯୋଗିତା ଯଥା ରଜଦୋଳି,ରଜପାନ ଭଙ୍ଗା, ହୁଳହୁଳି,ରଜ ପିଠା, ଝୋଟି ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ କ୍ଷପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ, ଖାଦ୍ୟପେୟ ଷ୍ଟଲ ଆଦି ଖୋଲାଯିବାକୁ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ନିଶୁଳ୍କ ସ୍ନାୟୁ ବା ନ୍ୟୁରୋ କ୍ଲିନିକ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୬ (ମହାଭାରତ): ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ନ୍ୟୁରୋ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଉକ୍ତ କେନ୍ଦ୍ରକୁ ଉଦଘାଟନ କରି ମାସର ପ୍ରଥମ ଓ ତୃତୀୟ ଶୁକ୍ରବାର ଉକ୍ତ କେନ୍ଦ୍ରରେ ସକାଳ ୯ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ନିୟୁରୋ ସେବା ଯୋଗାଇ ଦେବେ ବୋଲି ସ୍ନାୟୁ ବିଶେଷଜ୍ଞ ଡ଼ ସୂର୍ଯ୍ୟ ପ୍ରକାଶ ଚୌଧୁରୀ ପ୍ରକାଶ କରିଛନ୍ତି। ସ୍ନାୟୁ ଜନିତ ସମସ୍ୟା ନେଇ ଉପାଦେୟ ପରାମର୍ଶ ଦେବା ସହ ରୋଗୀ ସେବା କରିବାର ଇଚ୍ଛା ଏହା ଦ୍ୱାରା ପୂରଣ ହୋଇଛି ବୋଲି ସେ କହିଛନ୍ତି।

ପ୍ରତିଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ ମନୋଜ କୁମାର ମହାପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ବରିଷ୍ଠ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀମଦ୍ ସ୍ୱାମୀ ଦୂର୍ଗେଶ ନନ୍ଦନ ମହାରାଜା,ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ ଏଲିନା ପଟ୍ଟନାୟକ,ବରିଷ୍ଠ ଟ୍ରଷ୍ଟି ବିଶ୍ ରଞ୍ଜନ




ଶତପଥୀ,ପ୍ରତିଷ୍ଠାନର କୋଷାଧକ୍ଷ ରଞ୍ଜନ କୁମାର ରାଉତରାୟ ,ବାଞ୍ଛାନିଧି ମଲ୍ଲିକ,ବବିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

ମାସର ପ୍ରତ୍ୟେକ ପ୍ରଥମ ଓ ତୃତୀୟ ରବିବାର ସକାଳ ୭ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ଅଭିଜ୍ଞ ଡ ଅକ୍ଷୟ ମିଶ୍ର ମଧ ନିଶୁଳ୍କ ହେମୋପାଥି ସେବା ରୋଗୀମାନଙ୍କୁ ଅନୁଷ୍ଠାନ ପରିସରରେ ଯୋଗାଇ ଦେଉଛନ୍ତି ୟସେହିପରି ସପ୍ତାହର ପ୍ରତ୍ୟେକ ଶୁକ୍ରବାର, ଶନିବାର, ରବିବାର ସକାଳ ୮ ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ ନିଶୁଳ୍କ ଫିଜିଓ ଥେରାପି ସେବା ରୋଗୀମାନଙ୍କୁ ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ ଏଲିନା ପଟ୍ଟନାୟକ ଦ୍ୱାରା ଯୋଗାଇ ଦିଆଯାଉଛି ବୋଲି ଅନୁଷ୍ଠାନର ବରିଷ୍ଠ ସକ୍ରିୟ ସଭ୍ୟ ଶ୍ରୀ ସୂର୍ଯ୍ୟ ନାରାୟଣ ଦାସ ପ୍ରକାଶ କରିଛନ୍ତି। ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଞ୍ଚଳର ଯେ କୌଣସି ବ୍ୟକ୍ତି ଉପରୁକ୍ତ ସମସ୍ତ ନିଶୁଳ୍କ ସେବାର ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଶ୍ରୀ ରମେଶ ଚନ୍ଦ୍ର ଭଦ୍ର ପ୍ରକାଶ କରିବା ସହ ମହାବୀର ବରିଷ୍ଠ ନାଗରିକ ସଂଘ ସଦସ୍ୟ ତଥା କାଳୁନନ୍ଦ ନଗର ଅଧିବାସୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସେ ସମସ୍ତଙ୍କୁ ଓ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗ୍ରୀଷ୍ମକାଳୀନ ବିବାହ ଋତୁ ପାଇଁ 'ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ'

ଭୁବନେଶ୍ୱର,୧୦।୬ (ମହାଭାରତ): ଗ୍ରୀଷ୍ମକାଳୀନ ବିବାହ ଋତୁ ଚରମ ସୀମାରେ ପହଂଚୁଥିବା ବେଳେ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ପକ୍ଷରୁ ଜୀବନରେ ଥରେ ପ୍ରେମ କାହାଣୀ ରଚନା କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଦମ୍ପତି ବ୍ୟାଣ୍ଡ୍ ର ଏକ ସୁଚିନ୍ତିତ ସଂକଳନ 'ଦ ୱେଡିଂ ଏଡିସନ୍'ର ଉନ୍ମୋଚନ କରାଯାଇଛି। ପ୍ରକୃତ ପ୍ରତିବଦ୍ଧତା ଭାବନାତ୍ମକ ସ୍ପଷ୍ଟତାରୁ ଆସିଥାଏ ବୋଲି ବୁଝିବାରେ ଆଧାରିତ, ଏହି ପ୍ଲାଟିନମ୍ ବ୍ୟାଣ୍ଡଗୁଡିକ ପ୍ରତୀକ ଠାରୁ ଅଧିକ – ସେମାନେ ପ୍ରତିଶ୍ରୁତି ଅଟନ୍ତି। ୯୫% ଶୁଦ୍ଧ ପ୍ଲାଟିନମ୍‌ରେ ନିର୍ମିତ – ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ପ୍ରେମର ଭାବନାକୁ ପ୍ରତିଫଳିତ କରେ ଯାହା ଉଭୟ ବିରଳ ଏବଂ କାଳକାଳୀନ ପ୍ରେମର ଭାବନାକୁ ପ୍ରତିଫଳିତ କରେ। ଷ୍ଟାରଲାଇଟ୍ ଆକାଶ ତଳେ ହେଉ କିମ୍ବା ବିବାହ ବିଶୃଙ୍ଖଳା ମଧ୍ୟରେ ଏକ ଶାନ୍ତ ମୁହୂର୍ତ୍ତରେ, ଏହି ବ୍ୟାଣ୍ଡଗୁଡ଼ିକ ସେହି ଦମ୍ପତିମାନଙ୍କ ପାଇଁ ତିଆରି କରାଯାଏ ଯେଉଁମାନେ ଗଭୀର ଅର୍ଥ ଖୋଜୁଛନ୍ତି – ପାରସ୍ପରିକ ସମ୍ମାନ, ବ୍ୟକ୍ତିତ୍ୱ ଏବଂ ପ୍ରେମ ଉପରେ ନିର୍ମିତ ଏକ ଭାଗିଦାରୀର ପ୍ରତୀକ ଯାହା ପ୍ରକୃତରେ ବିରଳ। ଆପଣ ଏକ ଭବ୍ୟ ଉତ୍ସବର ଯୋଜନା କରୁଛନ୍ତି ନା ଏକ ଅଣବର୍ଣ୍ଣିତ ସମ୍ପର୍କ ଯୋଜନା କରୁଛନ୍ତି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ 'ଦ ୱେଡିଂ ଏଡିସନ୍' ହେଉଛି ଏକ ବିରଳ ମୂଲ୍ୟବାନ ଧାତୁ ସହିତ ଆପଣଙ୍କ ଯାତ୍ରାକୁ ମୋହର ମାରିବା ପାଇଁ ଆପଣଙ୍କ ନିମନ୍ତ୍ରଣ ଯାହା ପ୍ରକୃତରେ ଏକ ପ୍ରକାରର। ପ୍ଲାଟିନମ୍‌ର ବିରଳତା, ମୂଲ୍ୟବାନତା ଏବଂ ସ୍ଥିରତା ଏହାକୁ ପ୍ରେମର ଏକ ସ୍ଥାୟୀ ପ୍ରତୀକ କରିଥାଏ – ପ୍ରତ୍ୟେକ ଦମ୍ପତିଙ୍କ ପ୍ରତିବଦ୍ଧତାର ପ୍ରତିଶ୍ରୁତିକୁ ଅର୍ଥ ପ୍ରଦାନ କରେ। ପ୍ରତ୍ୟେକ ବ୍ୟାଣ୍ଡରେ ସୂକ୍ଷ୍ମ ଡିଜାଇନ୍ ଏବଂ କାରିଗରୀ ରହିଛି– ପରସ୍ପର ସହ ଜଡ଼ିତ ଢାଂଚା, ପ୍ରତୀକ ଏବଂ ଶେଷ ଯାହା ଦୁଇଟି ବ୍ୟକ୍ତିଗତ ଯାତ୍ରାକୁ ଗୋଟିଏରେ ମିଶ୍ରଣକୁ ପ୍ରତିଫଳିତ କରେ।

# ଚାର୍ଟାର୍ଡ ଆକାଉଂଟାଣ୍ଟ ସମ୍ମୀଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୬ (ମହାଭାରତ): ପାହାଳସ୍ଥିତ ପାଲହାଇଟ୍ ମଣ୍ଡଠାରେ କଟକଶାଖା ଦ୍ୱାରା ପରିଚାଳିତ ଦୁଇଦିନିଆ। ଜାତୀୟ ଚାର୍ଟାର୍ଡ ଆକାଉଟାଂଣ୍ଟସମ୍ମୀଳନୀ 'ନବପ୍ରବର୍ତନ' ଶନିବାର ଦିନ ଉଦଘାଟିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥିଭାବେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ କରିବାରେ ଚାର୍ଟାର୍ଡ ଆକାଉଟାଂ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ପୃଥିବୀ ଅର୍ଥନୀତିର ସନ୍ତୁଳନରେ ଭାରତର ଚତୁର୍ଥ ସ୍ଥାନରେ ପହଁଚିବାରେ ସିଏମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ପୂଜାରୀ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ।



ସମ୍ମାନୀତ ଅତିଥିଭାବେ ଏମ.ସି.ଏଲର ବିତ ପରିଚାଳକ ଅଜି କୁମାର ବେହୁରା ଯୋଗଦେଇଥିଲେ। ଭାରତୀୟ ଚାର୍ଟାର୍ଡ ଆକାଉଟାଂ ପରିଷଦର ମୁଖ୍ୟାଧିଶ ସିଏ ଚରଣ ଯୋତସିଂ ନନ୍ଦ, ସମ୍ମିଳନୀ ସଭାପତି ସିଏ ମଙ୍ଗେଶ ପଣ୍ଡୁରାଙ୍ଗ କିନାରେ, କାର୍ଯ୍ୟକ୍ରମର ପରିଚାଳକ ସିଏ ସଂଜିବ ସାଙ୍ଘି, ଚାର୍ଟାର୍ଡ ଆକାଉଟାଂ ପୂର୍ବାଚଂଳ ପରିଷଦର ସଭାପତି ସିଏ ବିଷ୍ଣୁ କୁମାର ତୁଳସ୍ୟାନ୍, ପରିଚାଳନା କମିଟିର ସଭାପତି ସିଏ ପବନ କୁମାର ଉଦୟପୂରିଆ, କଟକ ଶାଖାର ସଭାପତି ସିଏ ବିଜନ ସାହୁ ଓ କଟକ ଶାଖାର ସମ୍ପାଦକ ମିର୍ଜା ମୁସ୍ତାକ ବେଗ୍ ଉଦ୍ଘାଟନ ଉତ୍ସବରେ ମଂଚାସୀନ ଥିଲେ। ଏହି ସମ୍ମିଳନୀ ଦୁଇଦିନ ଚାଲିବ। ଏହି ଅଧିବେସନରେ ଷ୍ଟାଟଅଫ୍, ଅଡିଟ୍, ପରୋକ୍ଷକର, ପ୍ରତ୍ୟକ୍ଷକର, କର୍ପୋରେଟ ଆଇନ୍, କୃତ୍ରିମ ବୋଧଶକ୍ତି ଓ ରେରା ଆଇନ୍ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଓଡିଶା ଓ ବାହାର ରାଜ୍ୟର ପ୍ରାୟ ଛଅଶହ ଚାର୍ଟାର୍ଡ ଆକାଉଟାଂ ଯୋଗଦେଇଛନ୍ତି ବୋଲି ଉକ୍ତ ସମ୍ମିଳନୀର ଲୋକସମ୍ପର୍କ ଅଧିକାରୀ ସିଏ ପ୍ରଶାନ୍ତ କୁମାର ମହାପାତ୍ର ପ୍ରକାଶ କରିଛନ୍ତି।

# ପଟିଆ ଗଡ ରଜ ଉତ୍ସବ ପ୍ରସ୍ତୁତି



ଭୁବନେଶ୍ୱର,୧୦।୬ (ମହାଭାରତ): ପଟିଆ ଗଡ ରଜ ଉତ୍ସବ ପଇଁ ପ୍ରସ୍ତୁତି ବୈଠକ ପଟିଆ ସ୍ଥିତ ଏଲ୍ ଏ ଲନ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ପଟିଆ ଗ୍ରାମର ଯୁବନେତା ତଥା ୧ ନଂ ୱାର୍ଡର କର୍ପୋରେଟର ମିହିର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କବୟତ୍ରୀ ଲଳିତା ଜେନା, ବରିଷ୍ଠ ନାଗରିକ ଅକ୍ଷୟ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ରାୟ, ମନୋଜ ତ୍ରିପାଠୀ, ରନ କୁମାର ଜେନା ଓ ଅୟୋଜକ ଅଭୟ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରଥମ କରି ପଟିଆ ଗଡର ଏଲ୍ ଏ ଲନ୍ ଠାରେ ରଜ ଉତ୍ସବ ୧୪, ୧୫, ୧୬ ତିନିଦିନ ଧରି ପାଳନ କରାଯିବ। ଲନକୁ ସୁନ୍ଦର ଭାବରେ ସାଜସଜା କରାଯାଇ ବାଉଁଶ ଦୋଳି, ପଟା ଦୋଳି, ଚକିରି ଦୋଳି ଲଗାଯିବ। ଝୋଟି, ଚିତା, ମୁରୁଜ, ନାଚ, ଗୀତ ପ୍ରତିଯୋଗିତା ହୋଇଥିଲା।

## ସୁପ୍ରିମକୋର୍ଟଙ୍କୁ ସ୍ପଷ୍ଟିକରଣ

ଦେଶର ପ୍ରଧାନବିଚାରପତି ଗସ୍ତରେ ଗଲେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୁକ୍ତ ପ୍ରୋଟୋକଲ ଅନୁଯାୟୀ ସମ୍ମାନ ଦିଆଯିବା ଉଚିତ । କିନ୍ତୁ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ମୁମ୍ବଇ ପୋଲିସ କମିଶନର ଅନୁପସ୍ଥିତ ଥିଲେ । ଏହା ପ୍ରୋଟୋକଲ ଭଙ୍ଗ ବୋଲି ଉଲ୍ଲେଖ କରି ପ୍ରଧାନବିଚାରପତି କ୍ଷୋଭ ପ୍ରକାଶ କରିଥିଲେ । ପ୍ରଧାନବିଚାରପତିଙ୍କ କ୍ଷୋଭ ଯଥାର୍ଥ ଏବଂ ଏହାକୁ ଗୌଣର କରାଯାଇପାରିବ ନାହିଁ । ଦେଶର ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତିଙ୍କ ପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହେଉଛନ୍ତି ସର୍ବୋଚ୍ଚ ପଦାଧିକାରୀ । ସେ ହେଉଛନ୍ତି ନ୍ୟାୟିକ ବ୍ୟବସ୍ଥାର ମୁଖ୍ୟ । ଏହି ସମ୍ବର୍ଦ୍ଧନା ସଭାରେ ପ୍ରଧାନ ବିଚରପତି କହିଥିଲେ ଯେ, ଗଣତନ୍ତ୍ରର ୩ଟି ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପକର ଗରିମା, ଗୁରୁତ୍ୱ ଏବଂ ଦାୟିତ୍ୱ ସମାନ । ତିନିଟି ସ୍ତମ୍ଭ ପରସ୍ପରକୁ ସମ୍ମାନ ଦେବା ଉଚିତ । କେହି କାହାର କ୍ଷମତାର ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ । କେହି ନିଜ ଦାୟିତ୍ୱ ନିର୍ବାହରୁ ବିଚ୍ୟୁତ ହେବା ଅନୁଚିତ । ପରସ୍ପର ଉପରେ ବିଶ୍ୱାସ ରଖିବା ଉଚିତ । ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟ ଏବଂ କ୍ଷୋଭ ପଛରେ ଅନେକ କାରଣ ରହିଛି । ଗତ କିଛି ମାସ ମଧ୍ୟରେ ଅନେକ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରାଯାଇଛି, ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ କରାଯାଇଛି ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା । ସମ୍ଭବତଃ ସେଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା । କିନ୍ତୁ ଗଣତନ୍ତ୍ର ପରିପକ୍ୱ ଏବଂ ଜନ ସାଧାରଣ ସଚେତନ ହେବା ଫଳରେ ଏଭଳି ପ୍ରସଙ୍ଗ ସୃଷ୍ଟି ହେଉଛି । ଗତ ବର୍ଷ ଗଣେଶ ପୂଜା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡ଼ଙ୍କ ଘରକୁ ଯାଇଥିଲେ । ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ । ପ୍ରଧାନମନ୍ତ୍ରୀ ଜଣେ ରାଜନୈତିକ ବ୍ୟକ୍ତି । ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ବା ଶାସକ ଦଳର କିଛି ନେତାଙ୍କ ବିରୋଧରେ ମାମଲା ଚାଲିଥିବା ବେଳେ ପ୍ରଧାନ ବିଚାରପତିଙ୍କ ଘରକୁ ପ୍ରଧାନମନ୍ତ୍ରୀ ଯିବା କେତେଦୂର ଯଥାର୍ଥ ସେଥିନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ । ଅଯୋଧ୍ୟା ମାମଲାର ରାୟ ପ୍ରକାଶ ପରେ କେତେକ ବ୍ୟକ୍ତି ଏବଂ ସଙ୍ଗଠନ ସୁପ୍ରିମକୋର୍ଟଙ୍କ ନିରପେକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ନିକଟରେ ସୁପ୍ରିମକୋର୍ଟ ଏକ ମାମଲାରେ କହିଥିଲେ ଯେ, ରାଜ୍ୟ ବିଧାନସଭରେ ଗୃହୀତ ବିଲକୁ ରାଜ୍ୟପାଳ ବା ରାଷ୍ଟ୍ରପତି ଅଧିକ ଦିନ ଅଟକାଇପାରିବେନି । ଏପରିକି ରାଷ୍ଟ୍ରପତି ମଧ୍ୟ ସର୍ବାଧିକ ୩ ମାସ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନେବାକୁ ବାଧ୍ୟ ଏବଂ ଯଦି ରାଷ୍ଟ୍ରପତି ବିଲକୁ ଅଗ୍ରାହ୍ୟ କରନ୍ତି ବା ଏହାକୁ ଅନୁମୋଦନ କରିବାରେ ବିଳମ୍ବ କରନ୍ତି ତେବେ ଏହାର କାରଣ ସମ୍ପର୍କରେ ତାଙ୍କୁ ଜଣାଇବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ କହିଥିଲେ । ଏହା ଉପରେ ଶାସକ ଦଳର କେତେକ ସାଂସଦ ଏପରିକି ଖୋଦ ଦେଶର ଉପରାଷ୍ଟ୍ରପତି ମଧ୍ୟ ପ୍ରଶ୍ନ ଉଠାଇଥିଲେ ଏବଂ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି କହିଥିଲେ । କାରଣ ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରିକ । ସେ ହେଉଛନ୍ତି ଦେଶର ସାମ୍ବିଧାନିକ ମୁଖ୍ୟ । ସୁପ୍ରିମକୋର୍ଟ ଜଣେ ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ ଦେଇଥିଲେ, ତାଙ୍କୁ କ୍ଷମା କରିବାର ଅଧିକାର ରାଷ୍ଟ୍ରପତିଙ୍କର ରହିଛି । ତେଣୁ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି ଖୋଦ ଉପରାଷ୍ଟ୍ରପତି କହିଥିଲେ । ଏହା ପରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଏକ ପତ୍ର ଲେଖି ୧୪ଟି ପ୍ରଶ୍ନ ବା ସ୍ପଷ୍ଟିକରଣ ମାଗିଛନ୍ତି ।

# ନୈତିକ ଶିକ୍ଷାର ଗୁରୁତ୍ୱ

॥ ପ୍ରଦୀପ୍ତ ଆଚାର୍ଯ୍ୟ ॥

*“ ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା । ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ । ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ । ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ ।*

ଆଜି ପୃଥିବୀରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମନୁଷ୍ୟକୁ ଉନ୍ନତିର ଚରମ ଶିଖରରେ ଉପନୀତ କରାଇଦେଇଛି । ପୂର୍ବେ ଯେଉଁ କାର୍ଯ୍ୟ କରିବାକୁ ସମୟ, ଶ୍ରମ ଓ ଅର୍ଥବ୍ୟୟ କରିବାକୁ ପଡୁଥିଲା, ଆଜି ତାହା ବିଜ୍ଞାନର ଚରମ ଉଦ୍ଭାବନ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ କରା ଯାଇ ପାରୁଛି । ବଣ ଜଙ୍ଗଲରେ ଉଲଗ୍ନ ରହି, ବୃକ୍ଷର ଫଳମୂଳ ତଥା କଂଚା ପଶୁ ମାଂସ ଭକ୍ଷଣ କରୁଥିବା ମନୁଷ୍ୟ, ଆଜି ଯେଉଁ ସ୍ଥାନରେ ପହଂଚି ଯାଇଛି, ତାହା ଅଚିନ୍ତନୀୟ, ଅକଳ୍ପନୀୟ । ଶିକ୍ଷା, ସ୍ୱାସ୍ଥ, ଗମନାଗମନ, ଯୋଗାଯୋଗ, ପରିବହନ, କୃଷି ତଥା ଜୀବନର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟରେ, ବୈଜ୍ଞାନିକ ଉଦ୍ଭାବିତ ଯାନ୍ତ୍ରୀକ ପ୍ରୟୋଗ, ଆମର କଠିନ ଶ୍ରମକୁ ଲାଘବ କରି ଜୀବନକୁ ସୁଖ ସ୍ୱାଛନ୍ଦରେ ଭରି ଦେଇଛି । କିନ୍ତୁ ତୁଳନାତ୍ମକ ଭାବରେ, ଆମେ ଆମର ନୈତିକତା ଓ ସାଂସ୍କୃତିକ ପରମ୍ପରାରେ ସମ ପରିମାଣରେ ଅଗ୍ରଗତି କରି ପାରୁନାହୁଁ । ପ୍ରାଚୀନ କାଳରେ ପ୍ରଚଳିତ ନୈତିକତା ଓ ସାଂସ୍କୃତିକ ପରମ୍ପରାକୁ, ଆମେ ବହୁତ ପଛରେ ଛାଡି ଦେଇଛେ ।

ଆଧୁନିକ ମନୁଷ୍ୟ ସୁଖ ସ୍ୱାଛନ୍ଦରେ କାଳାତିପାତ କରୁଛି ସତ୍ୟ, କିନ୍ତୁ ଶାନ୍ତି ପ୍ରାପ୍ତି ତାପାଇଁ ସ୍ୱପ୍ନ । ପ୍ରତ୍ୟେକ ଦିନ ସମ୍ବାଦ ପତ୍ର ପୃଷ୍ଠା ମଣ୍ଡନ କରୁଥିବା, ଅଭାବନୀୟ ଖବର ସର୍ବଜନବିଦିତ । କେଉଁଠି ପଇସା ପାଇଁ ପୁତ୍ର, ପିତୃ ହତ୍ୟାକାରୀ ତ, କେଉଁଠି ଦୁଇଟି ସନ୍ତାନର ଜନନୀ ସ୍ୱାମୀକୁ ଛାଡି ପ୍ରେମିକ ସହିତ ଫେରାର । ସହଜ ଉପାୟରେ ଅର୍ଥ ରୋଜଗାରର ଦୁର୍ବାର ଲାଳସା, ମନୁଷ୍ୟର ବିବେକକୁ ସଂପୂର୍ଣ ରୁପେ ଗ୍ରାସ କରି ଦେଇଛି । କିଏ ମନୁଷ୍ୟ ମାନଙ୍କର ଜୀବନକୁ ହେୟଜ୍ଞାନ କରି, ଖାଦ୍ୟ ଅପମିଶ୍ରଣ କରୁଛି ତ କିଏ ନକଲି ଡାକ୍ତର ନକଲି ସାମ୍ବାଦିକ ସାଜି ଅର୍ଥ ରୋଜଗାରରେ ବ୍ୟସ୍ତ । ଆଧୁନିକ ଶୈଳୀରେ ଜୀବନ ଯାପନ ନିମନ୍ତେ, ଆମେ ଆମର ଚାହିଦା ଓ ଆବଶ୍ୟକତାକୁ ସୀମିତ ରଖି ପାରୁନାହେଁ । ଯାହା ଫଳରେ ଅନୈତିକ ଉପାୟରେ ଅର୍ଥ ରୋଜଗାର ନିମନ୍ତେ ପ୍ରୟାସ କରୁଛେ ।

ନୈତିକତା ବିହୀନ ମାନସିକତା, ଆମକୁ କେବେବି ସଂଯମୀ ତଥା ଶୃଙ୍ଖଳିତ କରାଇ ପାରିବ ନାହିଁ । ନିମ୍ନଗାମୀ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ, ବିଦ୍ୟାଳୟ ସ୍ତରରେ, ନୈତିକ ଶିକ୍ଷା ପ୍ରଦାନ ଏକାନ୍ତ ଆବଶ୍ୟକ । ପ୍ରାଚୀନ କାଳର ଗୁରୁକୁଳ, ବନ ବିଦ୍ୟାଳୟର ଶିକ୍ଷା, ଆଜି ଅନଲାଇନ୍ ଶିକ୍ଷାରେ ପହଂଚି ଯାଇଛି । ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର, ପ୍ରୋଜେକ୍ଟର ସ୍ମାର୍ଟ ବୋର୍ଡ, ଆଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରୀର ପ୍ରଚଳନ ଦ୍ୱାରା, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ, ବହୁଗୁଣିତ ହୋଇଛି ସତ୍ୟ, କିନ୍ତୁ ନୈତିକ ଶିକ୍ଷାର ଅଧୋପତନ ଘଟିଛି, ଯାହାକି ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ । ଆଜି ବିଜ୍ଞାନ ଯୁଗରେ ସଂସ୍କୃତି ଓ ବିଜ୍ଞାନର ସଂଘର୍ଷ । ଶାସ୍ତ୍ର ପୁରାଣର ସତ୍ୟତା ଉପରେ ପ୍ରଶ୍ନବାଚୀ ।

ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା । ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ । ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ । ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ । ଏହି ସମୟରେ ସେମାନଙ୍କର ମାନସିକ ଏବଂ ଶାରୀରିକ ପରିବର୍ତନ ପ୍ରକୃତିସୃଷ୍ଟ ଏବଂ ଏହି ସମୟରେ ସେମାନେ କିଛି ସ୍ୱତନ୍ତ୍ର ହେବାର ବା ସ୍ୱତନ୍ତ୍ର କରି ଦେଖାଇବାର ପ୍ରବୃତିର ବଶବର୍ତୀ ହୋଇଥାନ୍ତି ।

ପୂର୍ବ କାଳରେ ମାତା ମାନେ, କିମ୍ବା ଜେଜେମା ମାନେ ପିଲା ମାନଙ୍କୁ ସୁନ୍ଦର ସୁନ୍ଦର ନୀତିଶିକ୍ଷା ପୂର୍ଣ ଗଳ୍ପ ସବୁ ଶୁଣାଉଥିଲେ, ଯାହା ସେମାନଙ୍କ ମନରେ ଗଭୀର ରେଖାପାତ କରି, ନୈତିକତା ବୃଦ୍ଧି ନିମନ୍ତେ ସହାୟ ହେଉଥିଲା । ତାହାହିଁ ଥିଲା ମନୋରଂଜନର ଏକମାତ୍ର ମାଧ୍ୟମ । ଟିଭି ମୋବାଇଲର ଉଦ୍ଭାବନ ପରେ, ଗଳ୍ପ କଥନ ଓ ଶ୍ରବଣ ଯୁଗର ଅନ୍ତ ହେଲା । ଆଧୁନିକ ମାତା ମାନେ ମଧ୍ୟ ଅବସର ସମୟକୁ ସଂପୂର୍ଣ ମୋବାଇଲ ଦେଖାରେ ବିନିଯୋଗ କରୁଥିବାରୁ, ପିଲାର ନୈତିକ ଶିକ୍ଷା ପ୍ରତି ଉଦାସୀନ ରହୁଛନ୍ତି । ପିଲା ମାନଙ୍କ ଉପରେ ଅଭିଭାବକ ମାନଙ୍କ କର୍ତୃତ୍ୱ କଟକଣା କୋହଳ ହୋଇ ଯାଉ ଥିବାରୁ, ସେମାନେ କୁସଙ୍ଗରେ ପଡି, ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହୋଇ ଯାଉଛନ୍ତି ।

ଅଗ୍ନିରେ ଘୃତାହୁତି ପରି, ମୋବାଇଲରେ ପ୍ରଦର୍ଶିତ ନକାରାତ୍ମକ ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ, ବିପରିତ ଲିଙ୍ଗୀଙ୍କ ପ୍ରତି ଆକର୍ଷିତ ହେବା ସଙ୍ଗେ ସଙ୍ଗେ, ମଦ୍ୟପାନ, ଦୁଷ୍କର୍ମ, ରାହାଜାନୀ ଇତ୍ୟାଦି କାର୍ଯ୍ୟ କରିବାକୁ ଦ୍ୱିଧାଗ୍ରସ୍ତ ହେଉ ନାହାନ୍ତି । ଉପରୋକ୍ତ ପରିପ୍ରେକ୍ଷୀରେ, ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ଅଛି । ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ଦ୍ୱାରା, ଶିକ୍ଷକ ମାନଙ୍କ ସମ୍ଭ୍ରମତା ହ୍ରାସ ହୋଇଥିଲେ ମଧ୍ୟ, ଏବେବି ପିଲାମାନେ ପିତାମାତାଙ୍କ ଅପେକ୍ଷା, ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି । ତେଣୁ ଆଜିର ପତନୋନ୍ମୁଖି ସମାଜକୁ ରକ୍ଷା କରିବା ନିମନ୍ତେ, ଶିକ୍ଷକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ । ଜଣେ ଶିକ୍ଷକର ଆଗ୍ରହ, ଆନ୍ତରିକତା ଓ ନିଷ୍ଠା ଦ୍ୱାରା, ଗୋଟିଏ ପିଲା ଜଣେ ସୁନାଗରିକ ହୋଇ ପାରିବ, ଏହା ନିଃସନ୍ଦେହ । ଗୋଟିଏ ପିରିୟଡର ଶିକ୍ଷାଦାନ ସମୟ ଭିତରେ ବି ଶିକ୍ଷକ ମାନେ ପିଲା ମାନଙ୍କୁ, ବିଭିନ୍ନ ନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି ।

ନମ୍ର, ସହନଶୀଳ, ମିଷ୍ଟଭାଷୀ ଓ ମେଳାପୀ ହେବା, ଅନ୍ୟ ମାନଙ୍କୁ ଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା, ଈଶ୍ୱରଙ୍କୁ ସଭକ୍ତି ପ୍ରାର୍ଥନା କରିବା, ଗୁରୁଜନ ମାନଙ୍କ ପଦସ୍ପର୍ଶ କରି ପ୍ରଣାମ କରିବା ଇତ୍ୟାଦି ସୁଗୁଣ ଗୁଡିକ ଆପଣାଇ ନେଲେ, ସେମାନଙ୍କର କଣ ଲାଭ ହେବ, ଏକଥା ବାରମ୍ବାର ତାଙ୍କ କାନରେ ପକାଇବା ଦରକାର । କୋର୍ସ ସାରିବା ନିମନ୍ତେ ଶିକ୍ଷାଦାନ ଏବଂ ଅନ୍ୟାନ ଦାୟିତ୍ୱ ତୁଲାଇ, ଶିକ୍ଷକ ମାନେ ପ୍ରାୟ ଏକାର୍ଯ୍ୟ କରି ପାରୁ ନାହାନ୍ତି । ଯଦି ନୈତିକ ଶିକ୍ଷାଦାନ ନିମନ୍ତେ,କିଛି ନିର୍ଦ୍ଦିଷ୍ଟ ସମୟ ରଖା ଯାଆନ୍ତା, ତେବେ ହୁଏତ ଏହା ସମ୍ଭବ ହୋଇ ପାରନ୍ତା । ଅଧିକ ଅର୍ଥ ରୋଜଗାର କରିବା ନିମନ୍ତେ, ପିଲାମାନେ ତଥା ଅଭିଭାବକ ମାନେ, ବୈଷୟିକ ଶିକ୍ଷା ଉପରେ ଏତେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯେ, ପିଲାଟି ସମ୍ପୂର୍ଣ ଭାବରେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇ ଯାଉଛି । ତା ମନରୁ ସ୍ନେହ, ଶ୍ରଦ୍ଧା, ମାନବିକତା କ୍ରମେ ଲୋପ ପାଇ ଯାଉଛି, ଯାହାର କୁପ୍ରଭାବ ତାର ପିତା ମାତା ଏବଂ ସମାଜକୁ ଭୋଗିବାକୁ ପଡୁଛି । ତେଣୁ ସାଧୁ ସାବଧାନ ! ଜ୍ଞାନୀଗୁଣୀ, ଚିନ୍ତାଶୀଳ ବ୍ୟକ୍ତି, ଶିକ୍ଷାବିତ୍ ମାନେ, ଲେଡି ଗୁଡ କହୁଣିକୁ ବୋହିଯିବା ପୂର୍ବରୁ, ଏବିଷୟରେ ଗଭୀର ଅନୁଧ୍ୟାନ କରନ୍ତୁ ଏବଂ ପିଲା ମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଶତ ପ୍ରତିଶତ ଚେଷ୍ଟିତ ହୁଅନ୍ତୁ ।


**ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର,କଟକ**

**ମୋ-୬୩୭୧୫୯୩୨୨୦**


# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ନରେନ୍ଦ୍ର ନାଥ ବିଶ୍ୱନାଥ ଦତ୍ତ ବା ସ୍ୱାମୀ ବିବେକାନନ୍ଦ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିବା ମହାନ ଦାର୍ଶନିକଙ୍କ ମଧ୍ୟରେ ଅନ୍ୟତମ । ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ । ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା । ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ । ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା ।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା । ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ । ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି । ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ । ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ । ସେ ପାଶ୍ଚାତ୍ୟ ଚେତା ଥିଲେ । ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ । ମାତ୍ର ବିଧିର ବିଧାନ ଥିଲା ଭିନ୍ନ । ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ । ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ । ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚିକ୍ଷଣ ଥିଲେ । ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା ।

ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା । ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି । ଉକ୍ତ କବିତାରେ ଥିବା ଟ୍ରାନ୍‌ସ ଶବ୍ଦ ବାବାଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ । ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ । ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ । ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ । ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ । ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ । ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ । ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା । ତେବେ କିଛି ବି ହଠାତ୍ ଘଟି ନଥିଲା । ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ । ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା । ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା । ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ । ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା । ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ଥା ହରାଇବା ପରି ଲାଗିଲା । ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ । ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ । ଯାହା ମାଗିବକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି । ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ ।

୧୮୯୯ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ କାଶ୍ମୀରରେ ଅମରନାଥଙ୍କ ଦର୍ଶନ ପରେ ଶ୍ରୀନଗରର କ୍ଷୀର ଭବାନୀ ମନ୍ଦିରରେ ପହଞ୍ଚିଲେ । ସେଠାରେ ସେ ମା’ କାଳୀଙ୍କୁ ସ୍ମରଣ କରି ସମାଧି ନେଲେ । ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ନବରାତ୍ରୀରେ ଏକାନ୍ତ ସାଧନା କରିଥିଲେ । ସ୍ୱାମୀଜୀ ପ୍ରତିଦିନ ବାଳିକା ରୂପରେ ମା’କାଳୀଙ୍କ ଦର୍ଶନ କରୁଥିଲେ ଏବଂ ତାଙ୍କର ପୂଜା କରୁଥିଲେ । ସ୍ୱାମୀ ବିବେକାନନ୍ଦ କହୁଥିଲେ, ବ୍ରହ୍ମ ଏବଂ କାଳୀ, ଈଶ୍ୱର ଏବଂ ତାଙ୍କ କ୍ରିୟାଶକ୍ତି ଅଗ୍ନି ଏବଂ ତାହାର ଦହନ ଶକ୍ତି ସମାନ ଏବଂ ଅଭେଦ୍ୟ । ସ୍ୱାମୀଜୀଙ୍କ ଗୁରୁ ରାମକୃଷ୍ଣ ପରମହଂସ ମୃତ୍ୟୁ ପୂର୍ବରୁ କହିଥିଲେ ନରେନ୍ କାଳୀ ମା’ ତୋର ପ୍ରତିଟି ପଦକ୍ଷେପରେ ମାର୍ଗଦର୍ଶନ କରିବେ । ମୃତ୍ୟୁ ପର୍ଯ୍ୟନ୍ତ ମା’କାଳୀଙ୍କ ଉପସ୍ଥିତି ବୋଧ କରୁଥିଲେ ସ୍ୱାମୀଜୀ । ଏହି ଅଭିଜ୍ଞତାରୁ ସେ କାଳୀ ଦି ମଦର୍ କବିତା ଲେଖିଥିଲେ ।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା । ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ । ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ । ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ । ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ । ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ । ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା । ମାତୃଭୂମିକୁ ସେ ଅତି ଭଲ ପାଉଥିଲେ । ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ । ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ । ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ । ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ । କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ । ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ । ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ ।


ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭


# ଶତାୟୁ ହୀରାବେନ ଓ ଜୀବନ ମୂଲ୍ୟବୋଧ

॥ ଶରତ କୁମାର ସାହୁ ॥

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା’ହୀରାବେନଙ୍କ ୧୦୦ ବର୍ଷର ସଂଘର୍ଷ ଭାରତୀୟ ଆଦର୍ଶର ଏକ ପ୍ରତୀକ । ମୋଦୀଜୀ ମାତୃଦେବୋଭବ ଏବଂ ହୀରାବେନଙ୍କ ମୂଲ୍ୟବୋଧକୁ ତାଙ୍କ ଜୀବନରେ ଗ୍ରହଣ କରିଛନ୍ତି । ମା’ ହେଉଛି ଜଣେ ବ୍ୟକ୍ତି ଜୀବନର ପ୍ରଥମ ବନ୍ଧୁ ଏବଂ ଶିକ୍ଷକ । ମା’କୁ ହରାଇ ଦେବାର ଦୁଃଖ ଅବିଶ୍ୱସନୀୟ ଭାବେ ବିଶ୍ୱରେ ସବୁଠାରୁ ବଡ଼ ଯନ୍ତ୍ରଣା । ତାଙ୍କର ତ୍ୟାଗ ଏବଂ ତପସ୍ୱୀ ଜୀବନ ସବୁବେଳେ ପ୍ରତିଟି ଭାରତୀୟଙ୍କ ସ୍ମୃତିରେ ରହିବ । ଏଭଳି ଦୁଃଖ ସମୟରେ ସମଗ୍ର ଦେଶ ପ୍ରଧାନମନ୍ତ୍ରୀଙ୍କ ସହ ଅଛି । କୋଟି ଲୋକଙ୍କ ପ୍ରାର୍ଥନା ପ୍ରଧାନମନ୍ତ୍ରୀଙ୍କ ସହ ରହିଛି । ଜଣେ ମା’ର ମୃତ୍ୟୁ ଜଣଙ୍କ ଜୀବନରେ ଯେଉଁ ଶୂନ୍ୟସ୍ଥାନ ଛାଡ଼ିଯାଏ । ତାହା କେବେ ବି ପୂରଣ ହୋଇପାରେନା । ସେ ଜଣେ ଶତାୟୁ ଥିଲେ ଯିଏ ସମ୍ପୂର୍ଣ୍ଣ ଜୀବନ ଜିଇଁଛନ୍ତି । କିନ୍ତୁ ମା’ ସବୁବେଳେ ପାଖରେ ରହି ଶକ୍ତି ଦେଉଥାଉ ବୋଲି ଜଣେ ଚାହାନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା’ହୀରାବେନ ମୋଦୀଙ୍କ ଜୀବନ ଅତି ସରଳ ଓ ନିରାଡ଼ମ୍ବର ଥିଲା । ଚଳିତବର୍ଷ ଜୁନ ୧୮ ତାରିଖରେ ହୀରାବେନ ୧୦୦ ବର୍ଷ ବୟସରେ ପଦାର୍ପଣ କରିବା ସମୟରେ ମୋଦିଜୀ ତାଙ୍କ ମା’ଙ୍କ ପାଦ ଧୋଇ ଆଶୀର୍ବାଦ ନେଇଥିଲେ । ମା’ଙ୍କ ୧୦୦ତମ ଜନ୍ମଦିନରେ ମୋଦିଜୀ ଏକ ଭାବପ୍ରବଣ ବ୍ଲଗ ଲେଖିଥିଲେ । ଏଥିରେ ସେ ତାଙ୍କ ମା’ଙ୍କ ସରଳ ଜୀବନ ବିଷୟରେ ଲେଖିଥିଲେ । ମୋଦୀଙ୍କ ଏହି ପୁରୁଣା ବ୍ଲଗ ପୁଣିଥରେ ଭାଇରାଲ ହେବାରେ ଲାଗିଛି । ମୋଦିଜୀ ଲେଖିଥିଲେ ମୋ ମା’ ଅତି ସରଳ ଏବଂ ଅସାଧାରଣ । ଉତ୍ତର ଗୁଜୁରାଟର ମେହସନା ଜିଲ୍ଲା ଅଧୀନସ୍ଥ ବିସନଗର ଗ୍ରାମରେ ଏକ ଗରିବ ପରିବାରରେ ସେ ଜନ୍ମ ହୋଇଥିଲେ । ଖୁବ କମ ବୟସରେ ନିଜ ମା’ଙ୍କୁ ହରାଇ ଦେବାପରେ ମୋ ମାଙ୍କୁ ବୟସରେ ସେ ବଡ଼ନଗରର ଦାମୋଦରଦାସଙ୍କୁ ବିବାହ କରିଥିଲେ ।

ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ସହାୟତା ଦେବା ପାଇଁ ହୀରାବେନ ନିଜେ କାମ କରିବା ଆରମ୍ଭ କଲେ । ସେ ତୁଳା ଫ୍ୟାକ୍ଟିରେ କାମ କରୁଥିଲେ ଏବଂ ଅନ୍ୟ ଘରେ ବାସନ ସଫା କରୁଥିଲେ । ତାଙ୍କ ଦୈନିକ ରୋଜଗାର ୪.୫ଟଙ୍କା ଥିଲା । ଖୁବ କମ ପାଖ ପଢ଼ିଥିଲେ ମଧ ସେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଚାହିଁଥିଲେ । ପିଲାମାନଙ୍କ ପାଠପଢ଼ା ପାଇଁ ନିଜେ ସବୁ ଖର୍ଚ୍ଚ ବହନ କରୁଥିଲେ । ମୋଦୀ ଏକ ଉଦାହରଣ ଦେଇ କହିଛନ୍ତି, ଥରେ ତାଙ୍କ ଘରର ଅସ୍ଥାୟୀ ଛାତ ସଜାଡ଼ିବା ଦରକାର ପଡ଼ିଥିଲା । ତାଙ୍କ ମା’ନିଜେ ଘରେ ଉପରେ ଚଢ଼ି ଏହି କାମ କରିଥିଲେ । ସେମାନେ ସେ ସମୟରେ ମାଟି ଘରେ ରହୁଥିଲେ । ଅସରାଏ ବର୍ଷା ହେଲେ ଘରେ ପାଣି ଲହଡ଼ା ମାରୁଥିଲା । କିନ୍ତୁ ହୀରାବେନ ବହୁ ସଂଘର୍ଷ କରି ପରିବାର ଚଳାଇଥିଲେ । ନିଜର ୫ ପୁଅ ଏବଂ ଏକମାତ୍ର ଝିଅକୁ ସେ ଅତି ଶୃଙ୍ଖଳିତ ଭାବେ ବଢ଼ାଇଛନ୍ତି ।

ଭାରତର ପ୍ରିୟ ଦୃଢ଼ ଓ ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରମାପୂଜ୍ୟନୀୟା ମାତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି । ତାଙ୍କ ଜୀବନ ମୂଲ୍ୟବୋଧ ପାଇଁ ଉତ୍ସର୍ଗୀକୃତ ଥିଲା । ଅତି ଜଟିଳ ସମୟରେ ଭଗବାନଙ୍କ ଉପରେ ଅତୁଟ ବିଶ୍ୱାସ ଓ ତାଙ୍କର ବଳିଷ୍ଠ ନିଷ୍ଠ ଓ ମୂଲ୍ୟବୋଧ ପାଇଁ ପୂଜ୍ୟନୀୟା ହୀରାବେନଙ୍କ ଜୀବନ ଏକ ଉଦାହରଣ । ତାଙ୍କର ଅମର ଆତ୍ମାକୁ ଶାନ୍ତି ମିଳୁ ।


‘ଉପକରଣ ହାଉସ’, ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଦେଶୀ ମଦ ଜବତ, ୧ ଗିରଫ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତ ଅଧିନସ୍ଥ ବନ୍ଧୁଗାଁ ମାଟିଆ ନାୟକଙ୍କ ପୁଅ ରବି ନାୟକ (୩୨)ଙ୍କ ଠାରୁ ୧୨ଲିଟର ଦେଶୀ ମଦ ଜବତ କରାଯିବା ସହିତ ଜଣକୁ ଗିରଫ କରାଯାଇଥିବା ଅବକାରୀ ବିଭାଗୀୟ ଅଧିକାରୀ ଭବାନୀ ଶଙ୍କର ବେହେରା ସୂଚନା ଦେଇଛନ୍ତି। ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ସମେତ କନେଷ୍ଟବଳ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ସରକାରୀ ଯୋଜନାରୁ ବଞ୍ଚିତ ବିକଳାଙ୍ଗ ସୁନିତା



ବୌଦ୍ଧ, (ମହାଭାରତ) : ଜନ ମଙ୍ଗଳ କାରି ସାମାଜିକ ସୁରକ୍ଷା ହରଭଙ୍ଗା ବ୍ଲକ ରେ ମାରିଛି ଫେଲ। ଜୀବନ ସହିତ ସଂଘର୍ଷ କରି ଜୀବନ ବିତାଉଛି ସୁନିତା । ୨୩ବର୍ଷ ବୟସରେ ସଂସାର କୁ ଆଖିରେ ଜଳ ଜଳ କରି ଦେଖିପାରୁଥିଲେ ବି ବିକଳାଙ୍ଗ ଜୀବନକୁ ସାଜିଛି ବାଧକ। ଜୀବନ ଯୁଦ୍ଧ ରେ ହାରି ଯାଇଛି ବିକଳାଙ୍ଗ ସୁନିତା । ସୂଚନା ଆନୁଯାଇ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନାରସିଂପୁର ପଂଚାୟତ ବାଲିପୁର ଗ୍ରାମର ବୀର ସାହୁ ଛବି ସାହୁଙ୍କୁ ଆଜକୁ ୩୦ବର୍ଷ ପୂର୍ବେ ହିନ୍ଦୁ ବୈଦିକ ରୀତିନୀତି ରେ ବିବାହ କରିଥିଲେ। ବୈବାହିକ ଜୀବନ ର ପ୍ରଥମ ସନ୍ତକ ଭାବେ ୧/୧/୨୦୦୨ ରେ ଜନ୍ମ ନେଇଥିଲା ସୁନିତା । ଜନ୍ମ ରୁ ବିକଳାଙ୍ଗ ନେଇ ବାପା ମା ଚିନ୍ତାରେ ଥିବା ବେଳେ ହଠାତ ବାପାଙ୍କୁ ଚିହ୍ନିବା ପୂର୍ବରୁ ବୀର ବିବାହ ର ଆଠ ବର୍ଷ ପରେ ହଠାତ ଆର ପାରିକୁ ଚାଲିଗଲେ । ସ୍ୱାମୀ ଚାଲିଗଲା ପରେ ଛବି ତିନି ଛୁଆ ଙ୍କୁ ଧରି ସଂସାର ଆଗରେ ବାଟ ଚାଲିବାକୁ ଚେଷ୍ଟା କଲେ । ହେଲେ ସୁନିତା ର ବିକଳାଙ୍ଗ ସବୁ କ୍ଷେତ୍ରରେ ପରିବାକୁ ଦୁଃଖ ଦରିଆ ରେ ବୁଡାଇ ରଖିଲା । ବର୍ତମାନ ବିକଳାଙ୍ଗ ସୁନିତାର ବୟସ ୨୩ବର୍ଷ କ୍ଷ କେବଳ ଆଖି ଦୁଇଟି ଜଳ ଜଳ କରି ଦୁନିଆ ଦେଖିଥିବା ବେଳେ ଅନ୍ୟ ଶାରୀରିକ କ୍ଷେତ୍ରରେ ସତ ପ୍ରତିଶତ ବିକଳାଙ୍ଗ । ଦୁନିଆ କଣ ଜାଣି ପାରୁନି ସୁନିତା କ୍ଷ ୨୦୨୦ ପର୍ଯ୍ୟନ୍ତ ବିକଳାଙ୍ଗ ଭତ୍ତା ଓ ଯୋଗାଣ ରୁ ୫କିଲୋ ଚାଉଳ ପାଉଥିଲା । ସରକାର ଙ୍କ ଆଧାର କରଣ ନୂଆଁ ନୀତି ସରକାରୀ ସ୍ତରରେ ଲାଗୁ ରହିବାରୁ ସମସ୍ତ ଯୋଜନା ରୁ ବଞ୍ଚିତ ହୋଇଗଲା ସୁନିତା । ଆଜି ପର୍ଯ୍ୟନ୍ତ ହୋଇ ପାରିଲାନି ସୁନିତାର ଆଧାର । ବହୁବାର ସରପଞ୍ଚଙ୍କୁ ଅଭିଯୋଗ ଏପରିକି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବାକୁ ଆସିଥିବା ବେଳେ କିଛି ଅଧିକାରୀ ବାହାରୁ ବିତାଡିତ କରିଥିଲେ । ଶେଷ ଭରସା ଜିଲ୍ଲାପାଳ ଉପରେ କରି ବିଧବା ମା ସୁନିତା କୁ ଆଣିଥିବା ପରେ ନିରାଶ ହୋଇ ଭଗବାନ ଙ୍କ ଭରସାରେ ଏବେ ସୁନିତା । ୨୪ବର୍ଷ ର ସରକାର ବଦଳିଲା କିନ୍ତୁ ୨୩ବର୍ଷ ବିକଳାଙ୍ଗ ସୁନିତା ର ଭାଗ୍ୟ ଅନ୍ଧାରି ମୂଳକରେ । ଏଣୁ ଜିଲ୍ଲା ପ୍ରଶାସନ ଓ ଦୁଃଖ ବୁଝୁଥିବା ଦରଦୀ ଓଡିଶା ର ଭାଗ୍ୟ ବିଧାତା ମାନ୍ୟବର ମୋହନ ସରକାର ସୁନିତାର ଦୁଃଖ କୁ ଲାଘବ କଲେ ହୁଏତ ଜୀବନ ଥିବା ପର୍ଯ୍ୟନ୍ତ ସୁନିତା ସରକାର ଙ୍କ ଯୋଜନ ର ପ୍ରକୃତ ଭାଗିଦାର ହୋଇପାରିବ ।

## ଆଇ.ଟି.ଆଇ ଗଞ୍ଜାପାରା ଠାରେ କେରିୟର କାଉନସିଲିଙ୍ଗ




ରାଇଘର, (ମହାଭାରତ) : ରାଇଘର ବ୍ଲକ ଅନ୍ତର୍ଗତ ଆଇ ଟି ଆଇ ଠାରେ ରବିବାର ଦିନ ୧୦.୦୦ ଘଟିକା ଠାରୁ ୦୩.୦୦ ଘଟିକା ପର୍ଯ୍ୟନ୍ତ ରାଣୀ ଦୁର୍ଗାବତୀ ଚାରିଟେବୁଲ ଟ୍ରଷ୍ଟ ତତ୍ତ୍ୱାବଧାନରେ ଶିଳ୍ପ ତାଲିମ ପ୍ରତିଷ୍ଠାନ ରାଇଘର, ରାଇଘର, ଠାରେ ଏକ କ୍ୟାରିଅର କାଉନସିଲଇଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ବର୍ତ୍ତମାନ ପରୀକ୍ଷା ଦେଇଥିବା ମାଟ୍ରିକ ପିଲାମାନଙ୍କ ଉଦ୍ଦେଶ୍ୟରେ କରାଯାଇଥିଲା। ଏହି ପିଲାମାନଙ୍କୁ ସେମାନଙ୍କ ଭବିଷ୍ୟ ଜୀବନରେ ନିଜର ସଠିକ୍ ଜୀବନ ପଥ ଚୟନ କରି ସଫଳତା ହାସଲ ହେବା ପାଇଁ ବିଭିନ୍ନ ବିଭାଗର ଆସିଥିବା ଅଧିକାରୀମାନେ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ। ଏଠାରେ ଯୋଗଦେଇଥିବା ମାର୍ଗ ଦର୍ଶକ ମାନଙ୍କ ମଧ୍ୟରେ ମୁଖ୍ୟ ଆକର୍ଷକ ତଥା ମୂଖ୍ୟ ଅତିଥି ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ଆସିଷ୍ଟାଣ୍ଟ କମିଶନର ସିଟି ଜି ଏସ ଟି ଅଫିସର ରାଇଗଡା ମିସ୍ ଦୀପାରାଣୀ ଗଣ୍ଡ (ଓ ଏଫ ସି), ବିକାଶ ଚନ୍ଦ୍ର ସରକାର ( ବ୍ଲକ ଶିକ୍ଷା ଅଧିକାରୀ), ରଞ୍ଜନ କୁମାର ପାତ୍ର ( ପିଜିଟି- ଓ ପି ଏସ୍ ସି ) ସରକାରୀ ମହାବିଦ୍ୟାଳୟ କୋରାପୁଟ, ଡଃ ପୁର୍ନ ଚନ୍ଦ୍ର ତାଣ୍ଡି ( ଆସିଷ୍ଟାଣ୍ଟ ପ୍ରଫେସର ଡି.ଏ. ଭି ସି.ଏ.ଇ. କୋରାପୁଟ ), ମଧୁସ୍ମିତା ଗଣ୍ଡ ( ଓଡ଼ିଶାର ପ୍ରଶାସନିକ ସେବା ), ବିଜୟଶ୍ରୀ ପଟ୍ଟନାୟକ ଶିଳ୍ପ ତାଲିମ ପ୍ରତିଷ୍ଠାନ ରାଇଘର, ପ୍ରିନ୍ସିପାଲ ) ମୁରଲୀଧର ସାହୁ ( ସହାୟକ ତାଲିମ ଅଧିକାରୀ, ଇଲେକ୍ଟ୍ରିସିଆନ, ଶିଳ୍ପ ତାଲିମ ପ୍ରତିଷ୍ଠାନ ରାଇଘର ) ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଶୋକ କୁମାର ନାୟକ, ମନିରାମ ଗଣ୍ଡ ଶିକ୍ଷକ ଫଗନୁ ରାମ ଗଣ୍ଡ, ରୁଖମନ ଗଣ୍ଡ, ସୁଖମନ ଗଣ୍ଡ , ବିଶେଶ୍ୱରୀ ଗଣ୍ଡ, ସାନ୍ତି ଲତା ଗଣ୍ଡ, ସୋଭା ଗଣ୍ଡ , ମାଖନ ଗଣ୍ଡ , ଲଲିତ ସୁନାନୀ ପ୍ରେସ, ମାମୁନି ଚକ୍ରବର୍ତ୍ତୀ ପ୍ରେସ, ? ଏହି କାର୍ଯ୍ୟକ୍ରମ ରେ ୨୦୦ରୁ ଅଧିକ ବିଦ୍ୟାର୍ଥୀ ଓ ଅଭିଭାବକ ମାନେ ଉପସ୍ଥିତ ରହିଥିବା ସହିତ ଏହି କାର୍ଯ୍ୟକ୍ରମରେ ରେ ରାନୀ ଦୁର୍ଗବତୀ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଅଶ୍ୱିନୀ କୁମାର ଗଣ୍ଡ ସମ୍ପାଦକ ଚନ୍ଦନ ଗଣ୍ଡ ଏବଂ କୋଷାଧକ୍ଷ ବଳଦେବ ଗଣ୍ଡ ଏବଂ ଟ୍ରଷ୍ଟ ର ସମସ୍ତ କର୍ମକର୍ତ୍ତା ମାନେ ମଧ ଉପସ୍ଥିତି ଥିଲେ। ଶେଷରେ ଫଗନୁ ରାମ ଗଣ୍ଡ ସମସ୍ତଙ୍କୁ ଧନ୍ୟବାଦ କୃତଜ୍ଞତା ଜଣାଇ କାର୍ଯକ୍ରମକୁ ଶେଷ କରିଥିଲେ ।

## ଦ୍ୱାଦଶ ତମ ସାଧାରଣ ବୈଠକ ଅନୁଷ୍ଠିତ

ଗଜପତି, (ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ପଞ୍ଚାୟତ ସମିତି ସଭା ଗୃହ ଠାରେ ଦ୍ୱାଦଶ ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଗୋଶାଣୀ ବ୍ଲକ ଅଧକ୍ଷ ବୀର ରାଜୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ବୈଠକରେ ଗୋଶାଣୀର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରି ଜେନା ପ୍ରମୁଖ ମଞ୍ଚାସିନ ଥିଲେ। ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶିକ୍ଷା ବିଭାଗ, ଯୋଗାଣ ବିଭାଗ, କୃଷି ବିଭାଗ,ପାନୀୟ ଜଳ ବିଭାଗ ଏହିଭଳି ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା ।କିଛି ବିଭାଗ ଅଧିକାରୀ ଉପସ୍ଥିତ ନଥିବାରୁ ଗୃହରେ ଉଦବେଗ ପ୍ରକାଶ ପାଇଥିଲା ।ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଶେଷରେ ଗୋଷ୍ଠି ଉନ୍ନୟନ୍ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କୁ ରେଞ୍ଜରଙ୍କ ଅସଭ୍ୟଭାଷାରେ ଗାଳିଗୁଲଜ ସହ ଗୁଳିମାରିବାକୁ ଧମକ




ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ପ୍ରତ୍ୟେକ ଦିନ ହାତୀ ମଣିଷ ମଧ୍ୟରେ ଲଢ଼େଇ ହେଉଥିବା ଦେଖିବାକୁ ମିଳୁଥିବା ବେଳେ କେଉଁଠି କେତେବେଳେ ହାତୀର ମୃତ୍ୟୁ ତ ଅନ୍ୟ କେତେବେଳେ ମଣିଷର ମୃତ୍ୟୁ ଘଟୁଛି। ଗତକାଲି କନ୍ତିମିଳି ଗ୍ରାମର ସୁରେଶ ଦେହୁରୀ ହାତୀ ଆକ୍ରମଣରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବେଳେ ଅପରାହ୍ନରେ ହିନ୍ଦୋଳ ଏନଏସି ତଣ୍ଟିଚିରା ଜଙ୍ଗଲରେ ଏକ ମାଈ ହାତୀର ମୃତଦେହ ଠାବ ହୋଇଛି। ଆଶ୍ଚର୍ଯ୍ୟର କଥା ଜଙ୍ଗଲସୁରକ୍ଷା ସମିତିଗୃହ ଠାରୁ ମାତ୍ର ଶହେମିଟର ଦୂରରେ ଦୁଇଦିନ ତଳୁ ହାତିଟି ମୃତ୍ୟୁବରଣ କରିଥିଲେ ହେଁ ବନବିଭାଗ ଦୁଇଦିନ ପରେ ଜାଣିବା ସନ୍ଦେହ ସୃଷ୍ଟି କରିଛି ।ତେବେ ଏ ସମ୍ପର୍କରେ ଖବରପାଇ ଗଣମାଧ୍ୟମ ପ୍ରତିନିଧି ମାନେ ଘଟଣା ସ୍ଥଳକୁ ଯାଉଥିବା ବେଳେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅସଭ୍ୟଭାଷାରେ ଗାଳିଗୁଲଜ କରିବାସହ ଖବର ସଂଗ୍ରହ କରିବାକୁ ନଦେଇ ଘଟଣା ସ୍ଥଳରୁ ବାହାର କରି ଦେଇଥିଲେ ଏବଂ ମିଥ୍ୟାକେଶ ଦେଇ ଗୁଳି ମାରିଦେବି କହି ଧମକଚମକ ଦେଇଥିଲେ ଯାହା ହିନ୍ଦୋଳରେ ଉତ୍ତେଜନା ସହ ଚାଞ୍ଚଲ୍ୟ ସୃଷ୍ଟି କରିଛି ।ତେବେ ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଧେଶ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳଙ୍କ ଜରିଆରେ ଅଭିଯୋଗ କରାଯାଇଛି ।ରେଞ୍ଜର ହିନ୍ଦୋଳ ବନାଞ୍ଚଳରେ ଯୋଗଦାନ ପରଠାରୁ ଦୈନିକ ହାତୀଆକ୍ରମଣରେ ମଣିଷ ମୃତ୍ୟୁ, ଜଙ୍ଗଲରେ ଦୁଇଦୁଇଟି ହତ୍ୟା, ନିଜ ବନ୍ଧୁକରେ ଗୁଳିଫୁଟି ଫରେଷ୍ଟଙ୍କ ମୃତ୍ୟୁ, ହାତୀ ବନ୍ୟଜନ୍ତୁ ଶିକାର,ଜଙ୍ଗଲଲୁଟ, ପୋଖରୀଖୋଳା ଅଭେନ୍ୟୁ ପ୍ଲାଣ୍ଟ, ଚାରା ଦୁର୍ନୀତି ଘଟିଥିବାବେଳେ ନିରୀହ ଲୋକଙ୍କୁ ହଇରାଣହରକତ କରି ମିଥ୍ୟାକେଶରେ ଫସାଇବା ଭଳି କାର୍ଯ୍ୟପାଇଁ ଏକପ୍ରକାର ହିନ୍ଦୋଳ ଜନସାଧାରଣଙ୍କୁ ଭୟଭୀତ କରିଛି। ଯାହାଫଳରେ ଜନଅସନ୍ତୋଷ ବିସ୍ଫୋରକ ପରିସ୍ଥିତିକୁ ଗତି କରିବାରେ ଲାଗିଛି। ତେବେ ହିନ୍ଦୋଳ ରେଞ୍ଜରଙ୍କର ସାମ୍ବାଦିକଙ୍କୁ ହତ୍ୟାଧମକ ଓ ଗାଳିଗୁଲଜକୁ ନେଇ ହିନ୍ଦୋଳର ସମସ୍ତ ସାମ୍ବାଦିକ ସଂଘ, ବୁଦ୍ଧିଜୀବୀ ଓ ଜନସାଧାରଣରେ ତୀବ୍ରନିନ୍ଦା କରିବାସହ ରାଜ୍ୟସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଘରୋଇ ପାଥୋଲ୍ୟାବରେ ଲିଙ୍ଗ ନିରୂପଣ ଘଟଣା, ଗୁଜବ ବୋଲି କହିଲେ ଅସ୍ତରଙ୍ଗ ସ୍ୱାସ୍ଥ୍ୟ ଅଧିକାରୀ




ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ଗତ କିଛି ଦିନ ଧରି ଏକ ଗୁଜବ ଘୁରି ବୁଲୁଚି କି ଅଞ୍ଚଳରେ ଥିବା କେତେକ ପାଥୋଲ୍ୟାବ, କ୍ଲିନିକ ଓ ଡାଇଗ୍ନୋସିସ୍ ସେଣ୍ଟର ଗୁଡିକ ରେ ଅଲଟ୍ରାସାଉଣ୍ଡ ମେସିନ ପକାଯାଇ ବେଆଇନ ଭାବେ ଗର୍ଭବତୀ ମହିଳା ଙ୍କ ଗର୍ଭସ୍ତ ସନ୍ତାନ ଙ୍କ ଲିଙ୍ଗ ନିରୂପଣ କରାଯାଉଛି। ଯାହା ଅସ୍ତରଙ୍ଗ ଅଞ୍ଚଳ ରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରି ସାଧାରଣ ଲୋକ ଙ୍କୁ ଭୟଭୀତ କରାଉଛି। ଏହି ଘଟଣା ପରେ ଆମେ ଯାଇ ଅସ୍ତରଙ୍ଗ ରେ ଥିବା ଅନେକ କ୍ଲିନିକ ଓ ପାଥାଲ୍ୟାବ ରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲୁ ଏବଂ ଦେଖିବାକୁ ପାଇଥିଲୁ ଯେ କେବଳ ରକ୍ତ ପରୀକ୍ଷା ଉପକରଣ ଆଉ କ୍ଲିନିକ ଉପକରଣ ବ୍ୟତୀତ କୌଣସି ପ୍ରକାର ଲିଙ୍ଗ ନିରୂପଣ ଅଲଟ୍ରାସାଉଣ୍ଡ ମେସିନ କେଉଁଠି ନଥିଲା। ସୂଚନା ଅନୁସାରେ ପିସି ଆଣ୍ଡ ପିଏନଡିଟି ଆକ୍ଟ ୧୯୯୪ ଅନୁଯାୟୀ ବିନା ଅନୁମତି ରେ ଏହି କାର୍ଯ୍ୟ ଯେଉଁଠି ହେବ ସେହି ଅନୁଷ୍ଠାନ ଓ ସମ୍ପୃକ୍ତ ବ୍ୟକ୍ତି ଙ୍କ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ ହେବା ନିୟମ ରହିଛି ।ମାତ୍ର ଅସ୍ତରଙ୍ଗ ରେ ୭ ରୁ ୧୦ ଗୋଟି ଛୋଟ କ୍ଲିନିକ ସହିତ ପାଥାଲ୍ୟାବ ରହିଛି କିନ୍ତୁ ସେହି ସ୍ଥାନ ରେ କୌଣସି ପ୍ରକାର ଅଲଟ୍ରାସାଉଣ୍ଡ ମେସିନ ନାହିଁ ବର୍ଷକୁ ଅନେକ ଥର ଆସୁଥିବା ରୋଗୀ ରମେଶ ବେଉରା କୁହନ୍ତି ଆମେ ଆସୁଛୁ ବ୍ଲଡ଼ ଟେଷ୍ଟ କରୁଛୁ କିନ୍ତୁ ଆଜି ପର୍ଯ୍ୟନ୍ତ କେବେ କୌଣସି ଲ୍ୟାବ ରେ ଏହିଭଳି ଜଘନ୍ୟ ଲିଙ୍ଗ ନିରୂପଣ କାର୍ଯ୍ୟକ୍ରମ ହେବାର ଆମ ନଜର କୁ ଆସିନି କି ଶୁଣିନୁ। ନିୟମ ଅନୁସାରେ ଯଦି କୌଣସି ହସ୍ପିଟାଲ କି କ୍ଲିନିକ ରେ ଅଲଟ୍ରାସାଉଣ୍ଡ ମେସିନ ରୁହେ ତାହେଲେ ସେଥିପାଇଁ ଜଣେ ବିଭାଗୀୟ ଡାକ୍ତର ନିଯୁକ୍ତି ସହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ଅନୁମୋଦନ ନିତ୍ୟାନ୍ତ ଆବଶ୍ୟକ, ।ଏ ସମ୍ପର୍କ ରେ ଅସ୍ତରଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ କୁହନ୍ତି ଅଞ୍ଚଳ ରେ କୌଣସି ଲ୍ୟାବ କି କ୍ଲିନିକ ରେ ଏହିଭଳି ଘଟଣା ଆମର ଦୃଷ୍ଟିଗୋଚର ହୋଇନାହିଁ ଯଦିବି କେହି ବ୍ୟକ୍ତି କେଉଁଠି ଲୁଚା ଚୋରା ରେ କରୁଥିବ ତାହା ତଦନ୍ତ ପରେ ଜଣାପଡିବ। ଏବେ ଉଠିଥିବା ଗୁଜବ ପ୍ରକୃତ ରେ ସତ୍ୟ କି ଏହା ପଛରେ ଆଉ କିଛି ରହସ୍ୟ ରହିଛି ତାହା ତଦନ୍ତ ପରେ ଜଣାପଡିବ।

## ବୌଦ୍ଧରେ ପହଁଚିଲେ ପୂର୍ବତଟ ରେଲୱେ ଜିଏମ୍

ବୌଦ୍ଧ, (ମହାଭାରତ): ପ୍ରତିକ୍ଷୀତ ଖୋର୍ଦ୍ଧା- ବଲାଙ୍ଗୀର ରେଳ ଲାଇନର ଶେଷ ଥର ଯାଞ୍ଚ କରିଛନ୍ତି ପୂର୍ବତଟ ରେଳ ବିଭାଗର ଜି ଏମ ପରମେଶ୍ୱର ଫୁଙ୍କୁଆର । ମଙ୍ଗଳବାର ଦିନ ସ୍ୱତନ୍ତ୍ର ନିରୀକ୍ଷଣ ଯାନ ରେ ବୌଦ୍ଧ ପହଁଚି ପ୍ରଥମେ ବୌଦ୍ଧ ରେଲୱେ ଷ୍ଟେସନ ର ନିରୀକ୍ଷଣ କରିବା ସହ ଜିଲ୍ଲା ଷ୍ଟାଡିୟମ କୁ ବୁଲି ଦେଖିଥିଲେ। ଅପରାହ୍ନରେ ବୌଦ୍ଧରୁ ପୁରୁଣା କଟକ ରେଲୱେ ଷ୍ଟେସନ ପହଁଚି ଷ୍ଟେସନ ପରିଦର୍ଶନ କରିବାପରେ ସ୍ଥଳ ପଥରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ପୂର୍ବରୁ ସିଆର ଏସ ସାରିଥିଲେ ମଧ ଟ୍ରେନ ଗଡି ନଥିଲା ତାଙ୍କର ଏହି ଶେଷ ଯାଞ୍ଚ ପରେ ଖୁବଶୀଘ୍ର ପୁରୁଣା କଟକରୁ ବଲାଙ୍ଗୀର ସମେତ ଅନନ୍ୟ ସ୍ଥାନକୁ ରେଳ ଗଡ଼ିବା ଆଶା କରାଯାଉଛି । ଏପଟେ ରେଳ ଗଡ଼ିଲେ ଖୁବ ଶୀଘ୍ର ବୌଦ୍ଧ ଜିଲ୍ଲା ବାସି ପ୍ରଥମ ଥର କରି ଟ୍ରେନ ରେ ପୁରୀ ଯାତ୍ରା କରିବା ସ୍ୱଭାଗ୍ୟପାଇବେ ବୋଲି ଜିଲ୍ଲା ବାସି



ଆଶା ବାନ୍ଧିଛନ୍ତି । କିନ୍ତୁ ପୂର୍ବତଟ ରେଳ ବିଭାଗର ଅନୁମତି କୁ ହିଁ ସମସ୍ତଙ୍କର ଅପେକ୍ଷା ରହିଛି ।ଏହି ନିରୀକ୍ଷଣ ରେ ପୂର୍ବତଟ ରେଳ ବିଭାଗର ଜି ଏମ ଙ୍କ ସହ ଚିଫ ଇଞ୍ଜିନିଅରିଙ୍ଗ ଅଜୟ ସାମଲ ଓ ସମ୍ବଲପୁର ଡିଆରଏମ ଙ୍କ ସମେତ ଅନନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## କନ୍ଧ ସମାଜର ପଞ୍ଚାୟତ ସ୍ତରୀୟ ଶିକ୍ଷା ସଚେତନ କାର୍ଯ୍ୟକ୍ରମ



ବିଷମ କଟକ, (ମହାଭାରତ): ହଜାରିଡାଙ୍ଗ ଆଦିବାସୀ କନ୍ଧ ସମାଜର ପଞ୍ଚାୟତ ସ୍ତରୀୟ ଶିକ୍ଷା ସଚେତନା କାର୍ଯ୍ୟକ୍ରମ ଅନିଷ୍ଠିତ ହୋଇଯାଇଛି। । ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ହଜାରିଡାଙ୍ଗ ପଞ୍ଚାୟତର ବରଡା ଗୁଡା ଆମ୍ବ ତୋଟା ଠାରେ ଶିକ୍ଷା ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ ବିଷମ କଟକ ବ୍ଲକ ର ୨୧ ଗୋଟି ପଞ୍ଚାୟତରେ ରହିଥିବା ଆଦିବାସୀ ସମ୍ପ୍ରଦାୟର ଶତାଧିକ ପରିବାର ଏହି ଶିକ୍ଷା ସଚେତନା କାର୍ଯ୍ୟକ୍ରମ ରେ ଏକତ୍ରିତ ହୋଇଥିଲେ। ପଞ୍ଚାୟତ ସ୍ତରୀୟ ଶିକ୍ଷା ସଚେତନ କାର୍ଯ୍ୟକ୍ରମ ଅବସରରେ ହଜାରି ଡାଙ୍ଗ ପଞ୍ଚାୟତର କନ୍ଧ କୂଳ ସମାଜ ସଭାପତି ଶମ୍ଭାରା ବ୍ରାଲିକା, ସମ୍ପାଦକ ଲଦା ହିକକା, ଆଦିବାସୀ କନ୍ଧ କୂଳ ଉନ୍ନୟନ ପରିଷଦ ବିଷମ କଟକ ଉପ ସଭାପତି ମାଝୀ ପିଡିକାକା,ଉପ କୋଷାଧକ୍ଷ ରାଣୁ ହିକକା, ଆଦିବାସୀ ସମାଜ ସଭାପତି ସୁଶାନ୍ତ ତୁଇକା, ତାମନା ବ୍ରାଲିକା, ଗୋବର୍ଦ୍ଧନ ଓ୍ୱାଡାକା, ବଳରାମ ହିକକା, ବିଦ୍ୟାଧର ବ୍ରେଡାକା ଏବଂ ମହିଳା ନେତ୍ରୀ ତଥା ହଜାରିଡାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟଲକ୍ଷ୍ମୀ ବ୍ରାଲିକା, ସନା କୁଟ୍ରୁକା ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯୁବ ପିଢ଼ିକୁ ନେଇ ସେମାନଙ୍କ ଭବିଷ୍ୟତରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ନିଜ ଭାଷା ସଂସ୍କୃତି ପରମ୍ପରା ବଞ୍ଚାଇବା ଏବଂ ଭାରତୀୟ ସମ୍ବିଧାନର ବିଷୟରେ ଜାଣିବା,ବାଲ୍ୟ ବିବାହ ବନ୍ଦ କରିବା, ଅନ୍ୟ ରାଜ୍ୟକୁ ଦାଦନ ପାଇଁ ଯାଉଥିବା ଯୁବକଙ୍କୁ ସଚେତନା କରାଇବା ସହ ବ୍ଲକ ରେ ଦାଦନ ମୁକ୍ତି କରିବା ଏଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଗଲା।

## ଗଡୁଛି ତାରିଖ କିନ୍ତୁ ହେଇ ପାରୁନି ସରକାରୀ ମାପଚୂପ

କାକଟପୁର, (ମହାଭାରତ) : କାକଟପୁର ଅଞ୍ଚଳରେ ସରକାରୀ ଜମି ଜବରଦଖଲ ଏକ ସ୍ୱତନ୍ତ୍ର ବିଷୟବସ୍ତୁ ପାଲଟିଛି। ଅନେକ ସ୍ଥାନରେ ସରକାରୀ ଜମିକୁ କିଛି ବ୍ୟକ୍ତି ବିଶେଷ ଦୋକାନ, ବରଜ, ବାଡ଼ବନ୍ଦୀ କରି ନିଜ ଅକ୍ତିଆରକୁ ଆଣି ଜବରଦଖଲ କରିବାରେ ଲାଗିଛନ୍ତି, ଅଭିଯୋଗ ହେଉଛି। ତହସିଲ ତରଫରୁ ରାଜସ୍ୱ ନିରୀକ୍ଷକ ଙ୍କୁ ଅଞ୍ଚଳ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି ମାତ୍ର ଆରଆଇ ଙ୍କ ରିପୋର୍ଟ ଆସିଲା ପରେ ବି ତହସିଲଦାର ଙ୍କ ନ୍ୟାୟକୋଠା ରୁ କେବଳ ପକ୍ଷ ମାନେ ତାରିଖ ନେଉଛନ୍ତି ଯାହାକି ଫଳରେ ସରକାରୀ ସ୍ଥାନ ମାପଚୂପ ରୁ ବଞ୍ଚିତ ରହୁଛି କିନ୍ତୁ ମାପ ହେଇପାରୁନି। ଆଉ କିଛି ଦିନ ପରେ ବର୍ଷା ଆରମ୍ଭ ହୋଇଗଲେ ପୂରା ସ୍ଥଗିତ ହେଇଯିବ ଏହି ମାପଚୂପ, ଏହିଭଳି ଏକ ଘଟଣା କାକଟପୁର ତହସିଲ ଅଧୀନରେ ଜଳେସ୍ୱରପଡା ମୌଜା ଶୁକପୋଖରୀ ଅଞ୍ଚଳ ରୁ ସାମ୍ନା କୁ ଆସିଛି। ଦୀର୍ଘ ବର୍ଷ ଆଗରୁ ଜଣେ ବ୍ୟକ୍ତି ଏକ ଜଳାଶୟକୁ ନିଜ ଘରବାଡ଼ି ସହ ସଂଲଗ୍ନ କରି ଘରବାଡ଼ି ପଟ୍ଟା ପାଇ ଚଳିଆସୁଛନ୍ତି ଯାହାର ଖାତା ନମ୍ବର -୮୧୭, ପ୍ଲଟ ନମ୍ବର -୩୧୫୦, ଏହି ଗ୍ରାମ ରେ ରହୁଥିବା ଚନ୍ଦନ ସାହୁ ଓ ରଞ୍ଜନ ସାହୁ ଭୁବନାନନ୍ଦ ଙ୍କୁ ଉକ୍ତ ଜାଗାରୁ ବେଦଖଲ କରିବାକୁ ଉଦ୍ୟମ କରୁଥିବା ବେଳେ ଭୋବନାନନ୍ଦ ପରିଡା ଏହି ମୌଜା ର ୩୨୨୧ ପ୍ଲଟ, ୮୧୭ ନମ୍ବର ଖାତା ର ୮୨ଡ଼ିସିମିଲ ସରକାରୀ ଗୋଚରକୁ ଜବରଦଖଲ କରି କୋଠା ବାଡ଼ି ନିର୍ମାଣ କରିବା ସହିତ ବ୍ୟବସାୟ ମଧ କରୁଛନ୍ତି ଯାହା ସମ୍ପୂର୍ଣ୍ଣ ବେଆଇନ, ଏହି ଘଟଣାରେ ଭୋବନାନନ୍ଦ ପରିଡା ପ୍ରଥମେ ତହସିଲ ରେ ଅଭିଯୋଗ ପରେ ରାଜସ୍ୱ ନିରୀକ୍ଷକ ଘଟଣା ଯାଞ୍ଚ କରି ତହସିଲ ରେ ରିପୋର୍ଟ ଦେଇଛନ୍ତି ମାତ୍ର ଆଜି ପର୍ଯ୍ୟନ୍ତ ତାରିଖ ଗଡୁଛି କିନ୍ତୁ ମାପଚୂପ ହୋଇ ସରକାରୀ ସ୍ଥାନ ଚିନ୍ହଟ କରିପାରୁନାହାନ୍ତି ସ୍ଥାନୀୟ ଅଧିକାରୀ।

## ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଗୁଆଲିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଯୋଡା, (ମହାଭାରତ) : କେଉଁଝର ଜିଲ୍ଲା ଯୋଡ ଆନ୍ତର୍ଗତ ଗୁଆଲି ଠାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରି ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଭଲ ରେଜଲ୍ଟ କରିଥିବା ଗୁଆଲି ଏବଂ ଲୋଇଡାପଡା ପଞ୍ଚାୟତର କୃତୀ ଛାତ୍ରଛାତ୍ରୀଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଏହି ସମାରୋହରେ ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର (ଓଏମକ୍ୟୁ) ଅତୁଲ ଭଟ୍ଟନାଗର, ଯୋଡା ବ୍ଲକ ଅଧକ୍ଷ କବିନ୍ଦ୍ର ନାୟକ, ସାମାଜିକ କର୍ମୀ ବିଦ୍ୟାଧର ନାୟକ, ଖୁସା ଆପଟ, ଡବରା ମୁଣ୍ଡା ଏବଂ ଝୁରିଆ ମୁଣ୍ଡା ପ୍ରମୁଖ ଅତିଥି ଭାବେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ୯ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଗୁଆଲିର ଝରଣା ମହାନ୍ତି ୬୮% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସୁମନ ମୁଣ୍ଡା ୭୦%, ସ୍ନେହାରାଣୀ ପାତ୍ର ୬୨% ଏବଂ ସୁନାମ ମୁଣ୍ଡା ୬୫% ମାର୍କ ରଖିଛନ୍ତି। ସେହିପରି ଲୋଇଡାପଡାର ସ୍ୱପ୍ନା ଆପଟ ୭୩% ଏବଂ ଦେବାଶିଷ ବାରିକ ୬୦%, ଟୋପାଡିହିର ଦୋଳଗୋବିନ୍ଦ ନାହାକ ୬୧%, ବରପଦାର ପ୍ରତିମା ନାଏକ ୬୦% ଏବଂ କମାରପୋଷର ରେମା ମୁଣ୍ଡା ୬୮% ମାର୍କ ରଖିଛନ୍ତି ।ଏହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସ୍ନେହାରାଣୀ ପାତ୍ର, ଦୋଳଗୋବିନ୍ଦ ନାହାକ ଏବଂ ରେମା ମୁଣ୍ଡା ଟାଟା ଷ୍ଟିଲ ଫାଉଣ୍ଡେସନର ଜ୍ୟୋତି ଫେଲୋସିପ୍ ପାଉଛନ୍ତି। ଫାଉଣ୍ଡେସନ୍ ପକ୍ଷରୁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପାଇଁ ସହାୟତା ପ୍ରଦାନ ଲକ୍ଷ୍ୟରେ ଫେଲୋସିପ ପ୍ରଦାନ କରାଯାଉଛି ।ଟାଟା ଷ୍ଟିଲ ଫାଉଣ୍ଡେସନ୍ ର ଏହି ସମ୍ବର୍ଦ୍ଧନା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗର୍ବ ଏବଂ ସଫଳତାର ଭାବନା ଜାଗ୍ରତ କରିବା ସହ ସେମାନଙ୍କୁ ବଡ଼ ଲକ୍ଷ୍ୟ ପୂରଣ କରିବାକୁ ପ୍ରେରଣା ଦେବ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଅସରାଏ ବର୍ଷାରେ ଭରିଲା ନବନିର୍ମିତ ଗଳି ପୋଲ

ବ୍ୟାସନଗର, (ମହାଭାରତ): ଶେଷ ପର୍ଯ୍ୟାୟରେ ନିର୍ମାଣ ଚାଲିଥିବା ବ୍ୟାସନଗର ସହରର ଗୋପବନ୍ଧୁ ଛକ ଗଳି ପୋଇ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ମାତ୍ର କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହି ଗଳି ରାସ୍ତା ତ୍ରୁଟିପୂର୍ଣ ଭାବେ ନିର୍ମିତ ହୋଇଥିବା ଅଭିଯୋଗ ହେଉଛି। ସୋମବାର ଅପରାହ୍ନରେ ଅସରାଏ ବର୍ଷା ପରେ ଏହି ଗଳି ପୋଲ ପାଣିରେ ଭରି ଯାଇଛି। ପୋଲର ସର୍ବ ନିମ୍ନ ସ୍ଥାନରେ ଉଦବୃତ ବର୍ଷା ଜଳ ନିଷ୍କାସନ ପଦ୍ଧତି ଠିକ୍ ନଥିବାରୁ ଏଠାରେ ଏହି ପରିସ୍ଥିତି ଆଗକୁ ସବୁବେଳେ ଲାଗି



ରହିବା ଆଶଙ୍କା ପ୍ରକାଶ ପାଇଛି।ପୂର୍ବତଟ ରେଳପଥ ପାଇଁ ଦୁଇ ଭାଗରେ ବିଭକ୍ତ ହୋଇଛି ବ୍ୟାସନଗର ସହର । ସହର ଭିତରେ ଉଭୟ ପାର୍ଶ୍ୱକୁ ଯାତାୟାତ ପାଇଁ ଦୁଇ ପଟରେ ଦୁଇଟିଲେଭଲ କ୍ରସିଂ ଫାଟକ ଅନ୍ତରାୟ ଭାବେ ରହି ଆସିଥିଲା। ଜରୁରୀକାଳୀନ ସମୟରେ ଲୋକେ ରେଳ ଫାଟକ ଅତିକ୍ରମ କରିବାକୁ ନାକେଦମ ହେଉଥିଲେ । ସହରବାସୀଙ୍କ ଦୀର୍ଘ ବର୍ଷର ଦାବିକୁ ମାନି ଗୋପବନ୍ଧୁ ଛକ ଲେଭଲ କ୍ରସିଂ ଓ ସାଇ ମନ୍ଦିର ନିକଟ ପୁରୁଣା ଲେଭଲ କ୍ରସିଂ ନିକଟରେଦୁଇଟି ଗଳାପୋଲ ଓ ଗାୟତ୍ରୀ ବିହାର ପଟରୁ ଗୋଶାଳା ସଂଯୋଗରେ ଏକ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ୨୦୨୪ ଫେବୃଆରୀ ୨୬ରେ ରେଳମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ବର୍ଷକ ମଧ୍ୟରେ ଗଳି ପୋଲରେ ପ୍ରି-କାଷ୍ଟ ପୋଲ ଖଞ୍ଜି ଦୁଇ ପଟରେ ଥିବା ସଂଯୋଗ ରାସ୍ତା ନିର୍ମାଣ ସାରିବାକୁଲକ୍ଷ୍ୟ ରହିଥିଲା । ଶିଳାନ୍ୟାସର ୧୬ ମାସ ପରେ ମଧ ନିର୍ମାଣ ଶେଷ ହୋଇନଥିବା ଏହି ପୋଲ ଖୁବ୍ ଶୀଘ୍ର ସେବାରେ ଲାଗିବ ବୋଲି ଘୋଷଣା ହେଉଥିବା ବେଳେ ଆଜିର ଅବସ୍ଥା ଦେଖୁଲା ପରେ ଏହି ପୋଲ ଆଗକୁ କିପରି ସେବା ଦେବ ତାହା ସହଜରେ ବୁଝାପଡୁଛି।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପକ୍ଷରୁ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍



ପାରାଦୀପ(ମହାଭାରତ): ପାରାଦୀପ ରିଫାଇନାରୀ ପକ୍ଷରୁ ମଙ୍ଗଳବାର ଦିନ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍ ଆୟୋଜିତ ହୋଇଯାଇଛି । ରିଫାଇନାରୀ ଏହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଂଚ କରାଯାଇଥିଲା । ପାରାଦୀପ ରିଫାଇନାରୀ ଅନୁମୋଦିତ ଇମରର୍ଜେନ୍ସି ରେସପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେ□ ପ୍ଲାନ୍ ଦ୍ୱାରା ଏହି ଡ୍ରିଲ୍ କାର୍ଯ୍ୟ କରାଯାଇଥିଲା । ପାରାଦୀପ ରିଫାଇନାରୀର ଏକ ପମ୍ପ ଡିସଚାର୍ଜ ଲାଇନ୍‌ରୁ ପ୍ରୋପିଲିନ୍ ଲିକେଜ୍ ହୋଇ ବାଷ୍ପ ମେଘ ସୃଷ୍ଟି ହେଲେ ଏବଂ ଏହାର ପ୍ରଭାବରେ ବିସ୍ଫୋରଣ ହେଲେ ଏହାକୁ କିପରି ସଫଳତାର ସହିତ ମୁକାବିଲା କରାଯିବ ସେ ସମ୍ପର୍କରେ ମକ୍‌ଡ୍ରିଲ୍ କରାଯାଇଥିଲା । ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ନିୟମାନୁଯାୟୀ ସଫଳତାର ସହିତ ମକ୍‌ଡ୍ରିଲ୍ ସମ୍ପାଦିତ ହୋଇଥିବାରୁ କର୍ତ୍ତୃପକ୍ଷ ସମସ୍ତଙ୍କୁ ପ୍ରଶଂସା କରିଥିଲେ । ଏହା ପରେ ପାରାଦୀପ ରିଫାଇନାରୀ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୌସିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରିଫାଇନାରୀର ସମସ୍ତ ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ସାମିଲ ହୋଇଥିଲେ ।

## ଜିଲ୍ଲାସ୍ତରୀୟ ଟା କ୍ସ ଫୋର୍ସ କମିଟି ବୈଠକ:ମ୍ୟାଲେରିଆ ଓ ଭି ଭି ଡି ମ୍ୟାଲେରିଆ ପ୍ରତିରୋଧ



ଦେବଗଡ଼(ମହା ଭାରତ) :ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ବିଶ୍ୱ ମୋହନ ମିଶ୍ର ଙ୍କ ଆବାହନ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ଅଧ୍ୟକ୍ଷତା ରେ ମ୍ୟାଲେରିଆ ନିରାକରଣ ଏବଂ ଅନାନ୍ୟ ଭିଭିଡି ମ୍ୟାଲେରିଆ ପ୍ରତିରୋଧ ଜିଲ୍ଲାସ୍ତରୀୟ ଟାକ୍ସ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛିୟ । ଜିଲ୍ଲାପାଳ ଶ୍ରୀ ସାହୁ ମ୍ୟାଲେରିଆ ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ସହ ଏହି ରୋଗକୁ ନିୟନ୍ତ୍ରଣ କରିବା ଉପରେ ଆଲୋକପାତ କରିଥିଲେ । ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ଘର ଚାରିପାଖ ସଫା ରଖିବା ସହ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ଓ ମଶାରୀ ଟାଙ୍ଗୀ ଶୋଇବା ଉଚିତ । ଏହି ରୋଗ ଘାତକ ସାଜିଥାଏ। ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀ ମୃତ୍ୟୁ ମୁଖ୍ୟରେ ପଡ଼ିଥାଏ । ମ୍ୟାଲେରିଆ ରୋଗର କାରଣ, ନିରାକରଣ ଏବଂ ଚିକିତ୍ସା ସମ୍ବନ୍ଧରେ ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଧନଞ୍ଜୟ ମହନ୍ତ ସବିଶେଷ ସୂଚନା ପ୍ରଦାନ କରିଥିଲେ ଯ ବୈଠକରେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରଭାତ କୁମାର ଓଝା, ଡ଼ ମନୋରଞ୍ଜନ ସାମଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ସଂନ୍ଧ୍ୟା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣି ସୁରତି ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିଭ ଲାଇନ ଡିପାର୍ଟମେ□ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସହକାରୀ ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ହତ୍ୟାକାଣ୍ଡର ୪ ବର୍ଷ ପରେ ୫ ଜଣ ଅଭିଯୁକ୍ତ କୋର୍ଟ ଚାଲାଣ

କରଞ୍ଜିଆ, (ମହାଭାରତ) ମୟୁରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା ଘୁଲୁଘୁଲିଆ ଗ୍ରାମରେ ଗତ ୨୦୨୧ ମସିହା ଫେବୃଆରୀ ମାସରେ ଜଣେ ବୃଦ୍ଧ ଙ୍କୁ ମାରି ପଥର ହୁଡ଼ି ରେ ପକାଇ ଦେଇଥିବା ଘଟଣାରେ ମହୁଲଡ଼ିହା ଥାନା ପୋଲିସ ୫ ଜଣ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଛି ।ସୂଚନା ଅନୁଯାୟୀ ଘୁଲୁଘୁଲିଆ ଗ୍ରାମ ବିଦିରି ସାହିର ୬୫ ବର୍ଷୀୟ ବୃଦ୍ଧ ମୁଖୀ ହାଇବୁରୁ ୨୦୨୧ ମସିହା ଫେବୃଆରୀ ମାସ ୨୪ ତାରିଖ ସନ୍ଧ୍ୟାରେ ନିଖୋଜ ହୋଇ ଯାଇଥିଲେ ।ନିଖୋଜ ହେବାର ୧୦ ଦିନ ପରେ ତାଙ୍କର ଗଳିତ ଶବ ଗ୍ରାମ ଠାରୁ ୨ କିମି ଦୂର ଜଙ୍ଗଲ ପଥର ହୁଡ଼ି ରୁ ଗଳିତ ଶବ ଉଦ୍ଧାର ପରେ ମହୁଲଡ଼ିହା ଥାନା ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ଶବ କୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ ।ମୃତକ ଙ୍କ ନାତି ବନ ହାଇବୁରୁ ଙ୍କ ଅଭିଯୋଗ କ୍ରମେ ପୋଲିସ କେଶ ନମ୍ବର ୧୦/୨୦୨୧ ଅନୁସାରେ ମାମଲା ରୁଜୁ କରି ତଦନ୍ତ କରୁଥିଲା ।ହତ୍ୟା କାଣ୍ଡର ଅଭିଯୁକ୍ତ ମାନେ ସେହିଦିନ ଠାରୁ ଫେରର ହୋଇ ଯାଇଥିଲେ।ସୂଚନା ପାଇ ମହୁଲଡ଼ିହା ଥାନା ଅଧିକାରୀ ଅଶୋକ କୁମାର ପହି ଙ୍କ ନେତୃତ୍ୱରେ ପୋଲିସ ଟିମ ଅଭିଯୁକ୍ତଙ୍କ ଗ୍ରାମରେ ଚଢ଼ାଉ କରିଥିଲେ ।ଚଢ଼ାଉ ରେ ଅଭିଯୁକ୍ତ ଡମ୍ବରୁ ହାଇବୁରୁ, ବାଗୁନ ହାଇବୁରୁ, ରାଜା ସୋରେନ , ନାରାୟଣ ବଦ୍ରା,ସାଲୁକା ହାଇବୁରୁ ଙ୍କୁ ତାଙ୍କ ଗ୍ରାମ ଘୁଲୁଘୁଲିଆ ଗ୍ରାମରୁ ରୁ ଗିରଫ କରିଥିଲେ।ୟ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।



## ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟରେ ବାଧା,ଉଭୟପକ୍ଷରୁ ଏତଲା ପ୍ରଶାସନ ହସ୍ତକ୍ଷେପରେ ସ୍ଥାୟୀ ସମାଧାନ ପାଇଁ ଦାବୀ

ଅସ୍ତରଙ୍ଗ(ମହାଭାରତ )- ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଅସନ ଗ୍ରାମ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟ କୁ ନେଇ ୨ ପାରମ୍ପରିକ ରାଜନୈତିକ ଦଳ ର ଗୋଷ୍ଠୀ ବିବାଦ ଏବେ ଲୋକଲୋଚନ କୁ ଆସିଥିବା ବେଳେ ଉଭୟ ଙ୍କ ଭିତରେ ଗୋଷ୍ଠୀ ବିବାଦ ହୋଇ ଉଭୟ ଙ୍କ ପକ୍ଷ ରୁ ଅସ୍ତରଙ୍ଗ ଥାନା ରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ମୁତାବକ ଅସନ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟ ପାଇଁ ଅସ୍ତରଙ୍ଗ ପଞ୍ଚାୟତ ସମିତି ତରଫରୁ ଉକ୍ତ ଗ୍ରାମ ର କିଛି ବ୍ୟକ୍ତି ଙ୍କୁ ଶ୍ରମିକ ହିସାବରେ କାର୍ଯ୍ୟ ସମ୍ପାଦନ କରାଯାଇଥିଲା, ମାତ୍ର ଏହି ପଞ୍ଚାୟତ ର ସରପଞ୍ଚ ଏହି କାମ କୁ ବିରୋଧ କରିଥିଲେ, ସରପଞ୍ଚ ଓ ୱାର୍ଡସଭ୍ୟା ଙ୍କ ଅଭିଯୋଗ ଯେ ଅଞ୍ଚଳ ରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ରେ କମିଟି ରହିଛି, ଏହି କମିଟି ସମ୍ପୂର୍ଣ୍ଣ ସରପଞ୍ଚ ଙ୍କ ମାର୍ଫତ ମାତ୍ର ସରପଞ୍ଚ ଙ୍କ ଅଜ୍ଞାତ ସାର ରେ ଏହି କାମ କୁ ଅନ୍ୟ ଏକ ଗୋଷ୍ଠୀ କିପରି କରୁଛନ୍ତି, ଯାହାକୁ ନେଇ ଉଭୟ ଙ୍କ ଭୀତରେ ବିବାଦ ଘନେଇବାରୁ ୱାର୍ଡ ସଭ୍ୟା ବେବିନା ମଲ୍ଲିକ ରାଜକିଶୋର ନାୟକ ଓ ଅନ୍ୟ ସହଯୋଗୀ ମାନକ ନାମ ରେ ଏତଲା କରିଥିବା ବେଳେ ଆଜି ଅପରପକ୍ଷ ତରଫରୁ କୈଳାଶ ଦାସ ଉକ୍ତ ଅଞ୍ଚଳ ର ହିମାଂଶୁ ରାଉତ ଓ ଆଉ ଏକ ପୃଥକ ଏତଲା ରାଜୁନାୟକ ବାବୁରାମ ମଲିକ ଙ୍କ ନାମରେ ଦେଇଛନ୍ତି, ପଞ୍ଚାୟତ ସମିତି ତରଫରୁ ଆସିଥିବା ୬ଲକ୍ଷ ଟଙ୍କା ବିନା ସ୍ଥାଇ କମିଟି ଗଠନ ଓ ସରପ□ ଙ୍କ ଅଜ୍ଞାତ ସାର ରେ ହେଉଥିବାରୁ ଏହି ଉନ୍ନୟନ ମୂଳକ କାର୍ଯ୍ୟ ରେ ୨ ରାଜନୈତିକ ଗୋଷ୍ଠୀ ବିବାଦ ଦିନକୁ ଦିନ ଘନେଇବାରେ ଲାଗିଛି, ଏଥିରେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଗୋଟେ ସ୍ଥାୟୀ ସମାଧାନ ବାଟ କରି ଉଭୟ ପକ୍ଷ ରେ ଆଲୋଚନା କରିବା ସହ ସରକାରୀ ଅର୍ଥ କୁ ଉପଯୁକ୍ତ ମାର୍ଗ ରେ ବିନିଯୋଗ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବୀ କରିଛନ୍ତି ।

## ପ୍ରଦୀପ ବହିଦାର ମେମୋରିଆଲ ନକ୍‌ଆଉଟ୍ କ୍ରିକେଟ୍ ଉଦଯାପିତ ରଘୁନାଥପୁରକୁ ହରାଇ ଜଗନ୍ନାଥପୁର ଚାମ୍ପିଅନ୍



ଲାଞ୍ଜିଗଡ (ମହାଭାରତ ) ଲାଞ୍ଜିଗଡ ବ୍ଲକ ଛତ୍ରପୁର ପଞ୍ଚାୟତ ମୋହନଗୁଡା ଖେଳ ପଡିଆ ଠାରେ ପ୍ରଦୀପ ବହିଦାର ମେମୋରିଆଲ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ସୁପୁତ୍ର ଭୈରବ ବହିଦାରଙ୍କ ତ□ବଧାନରେ ଅନୁଷ୍ଠିତ ପ୍ରଦୀପ କୁମାର ବହିଦାର ମେମୋରିଆଲ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ଉଦଯାପନି ଫାଇନାଲ ମ୍ୟାଚ୍ ରଘୁନାଥ ପୁର ଓ ଜଗନ୍ନାଥପୁର ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ରଘୁନାଥପୁର ପ୍ରଥମେ ବ୍ୟାଟିଂ କରି ୧୫ ଓଭର ୮ ଉଇକେଟ ବିନିମୟରେ ୧୧୪ ରନ୍ ସଂଗ୍ରହ କରି ଥିବାବେଳେ ଜବାବରେ ଜଗନ୍ନାଥପୁର ଦଳ ୧୨ ଓଭର ୭ ଉଇକେଟ ବିନିମୟରେ ୧୧୫ ରନ୍ କରି ବିଜୟଲାଭ କରିଥିଲେ ।ଆଜିର ମ୍ୟାଚରେ ଜିତୁ ନାଏକ ଓ ପ୍ରଫୁଲ୍ଲ ମାଝୀ ଖେଳ ପରିଚାଳନା କରିଥିବାବେଳେ ରାଜେଶ ବିଭାର ଧାରାବିବରଣୀ ଓ ସ୍କୋର ବୋର୍ଡରେ ଟଙ୍କ ରାଉତ ସହଯୋଗ କରିଥିଲେ। ଏହି ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଶ୍ରୀକାନ୍ତ ବହିଦାର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ବିଦ୍ୟୁତଜ୍ୟୋତିବହିଦାର, ସତ୍ୟନାରାୟଣ ନାଏକ, ଶିବରାମ ଦଳପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୨୮ଟି ଦଳ ଅଂଶ ଗ୍ରହଣ କରି ଥିବା ବେଳେ ଗତ ମେ ୨୭ ତାରିଖରେ ଆରମ୍ଭ ହୋଇ ଆଜି ଏହାର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଉଇନର ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରନର ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି ।ଏହି ପ୍ରତିଯୋଗିତାକୁ ମସ୍କାପଦର କ୍ରିକେଟ କମିଟି ପରିଚାଳନା କରିଥିବାବେଳେ ଏଥିରେ ଧାବ ମାଝୀ, ଗୌରାଙ୍ଗ ମାଝୀ, ନବୀନ ମାଝୀ, ପଙ୍କଜ ହରିଜନ ସମେତ କ୍ରିକେଟ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜୟ ଶ୍ରୀ ରାମ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ

ମାଲକାନଗିରି (ମହାଭାରତ): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଏମଭି ୭୯ ଗ୍ରାମସ୍ଥିତ ଡିଏନକେ ଖେଳ ପଡିଆରେ ଜୟ ଶ୍ରୀ ରାମ ଅନ୍ତରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଦଳର ପୂର୍ବତନ ମ୍ୟାନେଜର୍ ସତବୀର ସିଂ ରିଆରଙ୍କ ଦ୍ୱାରା ଉଦଘାଟିତ ଏହି ଟୁର୍ଣ୍ଣାମେଣ୍ଟରେ ବିଜେପିର ବରିଷ୍ଠ କର୍ମୀ ଦୀପକ ଦତ୍ତ, ପରିତୋଶ ସରକାର, ସମ୍ଭୂ ବାଗଚି, ସଚିନ ସରକାର ଓ ବରିଷ୍ଠ କ୍ରିକେଟ ଖେଳାଳୀ ମାନସ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ ଓଡିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ମୋଟ ୧୬ ଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିବା ବେଳେ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ ସକ୍ରିୟ ଖେଳାଳୀ ଏଥିରେ ଭାଗ ନେବାକୁ ଥିବା ଜଣା ପଡିଛି। ଆଜିର ଏହି ଉଦଘାଟନୀ ମ୍ୟାଚ ଛତିଶଗଡ଼ର କୋଣ୍ଟା ଗ୍ରାମ ସହ ଭୁବନପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ କୋଣ୍ଟା ଦଳ ବିଜୟୀ ହୋଇଛି।

## ସାମ୍ବାଦିକ ସମ୍ମିଳନୀ: ଧର୍ତି ଆବା ଜନ ଜାତି ଗ୍ରାମ ଉତ୍କର୍ଷ ଓ ବିକାଶ ମେଳା

ଦେବଗଡ଼(ମହା ଭାରତ):ମଙ୍ଗଳ ବାର ଦିନ ଦେବଗଡ଼ ଜିଲ୍ଲାପାଳଙ୍କ ବାସଭବନ ସମ୍ମିଳନୀ କକ୍ଷରେ ଧର୍ତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଧର୍ତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଜନଜାତି ସମ୍ପ୍ରଦାୟର ସାମାଜିକ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଲାଗି ଅନୁମୋଦିତ ହୋଇଯାଇଛି ଯାହାକି ୨୦୨୪-୨୫ ରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଭିତ୍ତିଭୂମି,ସ୍ୱାସ୍ଥ୍ୟ,ସେବା, ଶିକ୍ଷା ଏବଂ ଜୀବିକା କ୍ଷେତ୍ରରେ ଗୁରୁତ୍ୟପୂର୍ଣ୍ଣ ବ୍ୟବଧାନକୁ ଦୂର କରି ଜନଜାତି ଅଞ୍ଚଳ ଏବଂ ସମ୍ପ୍ରଦାୟର ବ୍ୟାପକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି । ଏହା ଏକ ସମନ୍ୱିତ ଆଭିମୁଖ୍ୟ ଏବଂ ଭାରତ ସରକାରଙ୍କ ବିଭିନ୍ନ ଯୋଜନାର ସମନ୍ୱୟ ମାଧ୍ୟମରେ,ମିଶନର ଲକ୍ଷ୍ୟ ହାସିଲ



କରିବାର ଏକ ସାମଗ୍ରିକ ଏବଂ ସ୍ଥାୟୀ ପ୍ରୟାସ ।ଏହି ମିଶନ ଦ୍ୱାରା ମନୋନୀତ ଜନଜାତି ବହୁଳ ଗ୍ରାମ (୫୦୦ କିମ୍ବା ତା ଠାରୁ ଅଧିକ ଜନସଂଖ୍ୟା,ଅତି କମରେ ୫୦% ଆଦିବାସୀ ବାସିନ୍ଦା ତଥା ଆକାଂକ୍ଷି ଜିଲ୍ଲାର ୫୦ କିମ୍ବା ତା ଠାରୁ ଅଧିକ ଜନଜାତି ଜନସଂଖ୍ୟା ଥିବା ଗ୍ରାମ ) ରେ ସକ୍ଷମ ଭିତ୍ତିଭୂମି ବିକାଶ ଏବଂ ସାମାଜିକ ଅର୍ଥନୈତିକ ସ୍ଥିତିକୁ ବୃଦ୍ଧି କରିବାକୁ ଲକ୍ଷ ରଖାଯାଇଛ ।ଏହା ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଯାହା ଦ୍ୱାରା ଶିକ୍ଷା,ସ୍ୱାସ୍ଥ୍ୟ ସେବା ଏବଂ ଦକ୍ଷତାର ପ୍ରବେଶକୁ ଉନ୍ନତ କରାଯାଇପାରିବ ।ଏହି ମିଶନରେ ଓଡ଼ିଶାର ୨୭ ଟି ଜିଲ୍ଲା ,୨୩୪ ବ୍ଲକ୍,୭୬୬୭ଗ୍ରାମ ,୧୦,୮୩,୬୬୧ ଜନଜାତି ପରିବାର ଏବଂ ୪୮,୧୫,୬୭୦ ଜନଜାତି ଲାଭାର୍ଥି ଅନ୍ତର୍ଭୁକ୍ତ ଅଛନ୍ତି ।କେନ୍ଦ୍ର ସ୍ତରରେ ୧୭ ଟି ବିଭାଗ ଏବଂ ରଜ୍ୟ ସ୍ତରରେ ୧୩ ଟି ବିଭାଗ ର ମିଳିତ ଉଦ୍ୟମରେ ଏଇ କାର୍ଯ୍ୟକ୍ରମ ଟି ୨୫ ଗୋଟି ସେବା ପ୍ରଦାନ କରିବ ।ଦେବଗଡ଼ ଜିଲ୍ଲାରେ ତିନୋଟି ବ୍ଲକ୍ ଯଥା :- ବାରକୋଟ, ତିଲେଇବଣି ଓ ରିଆମାଳ ବ୍ଲକରେ ୩୨ ଗୋଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୫୨ ଗୋଟି ଗ୍ରାମକୁ ଏହି ମିଶନରେ ଅନ୍ତର୍ଭୁକ୍ତ କରାଯାଇଛି। ନିରାପଦ ବାସସ୍ଥାନ ,ବିଶୁଦ୍ଧ ପାନୀୟଜଳ ଓ ପରିମଳ ବ୍ୟବସ୍ଥା , ଉତ୍ତମ ଶିକ୍ଷାର ସୁଯୋଗ, ସ୍ୱାସ୍ଥ୍ୟ ଓ ପୁଷ୍ଟି ,ସଡକ ଓ ଦୂରସଂଚାର ସଂଯୋଗୀକରଣ, ବିଦ୍ୟୁତୀକରଣ ,ସ୍ୱଚ୍ଛ ଓ ନବୀକରଣ ଶକ୍ତି ର ପ୍ରୋତ୍ସାହନ ଏବଂ ଚିରସ୍ଥାୟୀ ଜୀବିକା ସୁଯୋଗ ଭଳି ସେବା ଗୁଡ଼ିକ ଏହି ମିଶନ ରେ ଉପଲବ୍ଧ ହୋଇପାରିବ। ଏହି କାର୍ଯ୍ୟକ୍ରମ ତା ୧୨.୦୬.୨୦୨୫ ରୁ ୨୧.୦୫.୨୦୨୫ ରିଖ ପର୍ଯ୍ୟନ୍ତ ଜିଲ୍ଲାରେ ୫୨ ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯିବାସହ ବିଭିନ୍ନ ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ତରଫରୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି ।

## ରଥ ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ ବିଜେପି ଟିମ



ଗଜପତି(ମହାଭାରତ):ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରମୁଖ ଐତିହାସିକ ରଥଯାତ୍ରା ପାରଳାଖେମୁଣ୍ଡି ଠାରେ ବହୁ ବର୍ଷ ଧରି ଆୟୋଜନ ହେଇଆସୁଛି। ଆଗମୀ ଦିନରେ ହେବାକୁ ଥିବା ରଥଯାତ୍ରା ପୂର୍ବ ରୁ ରଥ ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ ବିଜେପି ଜିଲ୍ଲା ସଭାପତି ନବ କିଶୋର ଶବର, ପୂର୍ବତନ ବିଧାୟକ କେ ନାରାୟଣ ରାଓ, ବରିଷ୍ଠ ନେତା ସିଏଚ ସୀମାଦ୍ରି, କାଉନସିଲର ବିଭୂତି ଭୂଷଣ ବେହେରା, ଯୁବ ମୋର୍ଚ୍ଚା ସଭାପତି ବାଳକୃଷ୍ଣ ପାତ୍ର, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଦିଲୀପ ଦାସ, ଟି ବସନ୍ତ କୁମାର, ଦାରପୁ ରାଜେଶ୍ ଓ ଅନ୍ୟ ପ୍ରମୁଖ ନେତୃବୃନ୍ଦ, ବହୁ ବର୍ଷ ଧରି ଚାଲିଥିବା ୩ଟି ରଥ ଗଢୁଥିବା ପରମ୍ପରା କିଛି ବର୍ଷ ବନ୍ଦ ହୋଇଯାଇଥିଲା । କିନ୍ତୁ ତତ୍କାଳୀନ ବିଧାୟକ କେ.ନାରାୟଣ ରାଓ ନିର୍ବାଚିତ ହେଲା ପରେ ସେ ଏହି ପୁରୁଣା ପରମ୍ପରା କୁ ପୁନଃ ଆରମ୍ଭ କରି ପାରଳା ସହରର ବଡ ଦାଣ୍ଡ ରେ ତିନି ରଥ ଗଡିଥିଲା। ସେହିପରି ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ମଧ୍ୟ ବୁଲି ଦେଖିଥିଲେ ଏହି ଟିମ୍, ନୂତନ ବିଜେପି ସରକାର ମନ୍ଦିର ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ୬୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଯୋଗୁଁ ବିଜେପି ସଭାପତି ଓ ପୂର୍ବତନ ବିଧାୟକଙ୍କ ସମେତ ସମସ୍ତେ ସରକାରଙ୍କୁ ଧନ୍ୟବାଦ ଦେବା ସହ ଏହି ନୂଆ ସରକାର ସମୟରେ ପାଣ୍ଠି ର ଅଭାବ ରହିବ ନାହିଁ ଯେତେ ଶୀଘ୍ର କାମ ଆଗକୁ ବଢ଼ିବ ପୁଣି ଥରେ ପାଣ୍ଠି ଆସିବ ବୋଲି ମନ୍ଦିର ନିର୍ମାଣ କମିଟିକୁ କହିଥିଲେ।

## ପୋଲ ତଳକୁ ଖସି ବାଇକ ଚାଳକ ମୃତ

କରଞ୍ଜିଆ,(ମହାଭାରତ)ଠାକୁରମୁଣ୍ଡା- ଶରତ ରାସ୍ତା ଘାଟି ନିକଟ ପୁରୁଣାପାଣି ନିକଟରେ ସୋମବାର ରାତିରେ ପୋଲ ତଳକୁ ଖସି ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି ।ମୃତ ବାଇକ ଚାଳକ ଜଣକ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ସାସନବାଡ଼ ଗ୍ରାମର ସିଦ୍ଧେଶ୍ୱର ଜେନା ଙ୍କ ପୁଅ ଶୁଭଙ୍କର ଜେନା ବୋଲି ଜଣାପଡ଼ିଛି ।ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ପୋଲ ତଳେ ବାଇକ ସହ ଚାଳକ ପଡିଥିବା ଦେଖି ୧୦୮ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ ।ଘଟଣାସ୍ଥଳ ରେ ଆମ୍ବୁଲାନ୍ସ ପହଞ୍ଚି ପୋଲ ତଳୁ ବାଇକ ଚାଳକ ଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ।ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଶରତ ଥାନା ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉଦଳା ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ ।ଶୁଭଙ୍କର କୌଣସି କାମରେ ଠାକୁରମୁଣ୍ଡା ଆସି ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ କୌଣସି କାରଣ ରୁ ପୋଲ ତଳକୁ ବାଇକ ଖସି ପଡି ଥିଲା।

## କାଶୀନଗର ବ୍ଲକ ଓ ଗୋଷାଣୀ ବ୍ଲକ ଠାରେ ସାଂସଦ ପ୍ରତିନିଧି ଙ୍କୁ ମିଳୁନି ଉଚିତ ସମ୍ମାନ

ଗଜପତି ଜିଲ୍ଲା କାଶୀନଗର ଓ ଗୋଷାଣୀ ବ୍ଲକ ଠାରେ ବିଭିନ୍ନ ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ବୈଠକ ଓ ଅନ୍ୟାନ୍ୟ ବୈଠକ ଅନୁଷ୍ଠିତ ହେଉଛି କିନ୍ତୁ ଏହି ବୈଠକ ଗୁଡିକରେ ବ୍ରହ୍ମପୁର ସାଂସଦ ପ୍ରତିନିଧି ମାନଙ୍କୁ ସଠିକ ସମ୍ମାନ ଦେଉନି ବ୍ଲକ ପ୍ରଶାସନ, ଏନେଇ ପ୍ରତିନିଧି ମାନେ ବାରମ୍ବାର ଅଭିଯୋଗ କରିଲେ ମଧ୍ୟ ସୁଫଳ ମିଳୁନି ତେଣୁ ଆଜି କାଶୀନଗର ବ୍ଲକ କାର୍ଯ୍ୟାଳୟ ଠାରେ ବୈଠକ ଚାଲୁଥିବା ବେଳେ ସାଂସଦ ପ୍ରତିନିଧି ଆର. ସତୀଶ ବ୍ଲକ ପ୍ରଶାସନ ର ଏଭଳି ପତାର ଅନ୍ତର ନୀତି କୁ ବିରୋଧ କରି ଚଟାଣ ତଳେ ବସି ବୈଠକ ରେ ଯୋଗ ଦେଇଥିଲେ। ଯଦ୍ୱାରା ଆଗାମୀ ଦିନରେ ବ୍ଲକ ପ୍ରଶାସନ କୁ ସଦବୁଦ୍ଧି ଆସିବ ଓ ଏହିପରି କାର୍ଯ୍ୟ ରୁ ନିବୃତ୍ତ ରହିବେ ବୋଲି ସାଂସଦ ପ୍ରତିନିଧି କହିଥିଲେ।



## ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ, ୩ ମୃତ



ନୂଆଦିଲ୍ଲୀ : ଦିଲ୍ଲୀର ଦ୍ୱାରକାରେ ଏକ ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଆପାର୍ଟମେଣ୍ଟ ଭିତରେ କିଛି ଲୋକ ଫସିଥିବା ଆଶଙ୍କା କରାଯାଉଛି। ଘଟଣା ସ୍ଥଳରେ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରୁଛି। ୮ ମହଲା ବିଲିଡିଂର ୬ଷ୍ଠ ଏବଂ ୭ମ ମହଲା ନିଆଁ ଲାଗିଥିବା ଜଣାପଡିଛି । ଯେଉଁ ମହଲାରେ ନିଆଁ ଲାଗିଥିଲା, ସେଥିରେ ୨ ଜଣ ପିଲା ସହିତ ବାପାଙ୍କର ମୃତ୍ୟୁ ହୋଇଛି । ବିଲିଡିଂରେ ନିଆଁ ଲାଗିବା ଯୋଗୁଁ ୩ ଜଣ ଡେଇଁପଡିଥିଲେ । ଖବର ମୁତାବକ, ଆପାର୍ଟମେଣ୍ଟରେ ନିଆଁ ସକାଳ ୧୦ଟାରେ ଲାଗିଛି । ଦିଲ୍ଲୀର ଅଗ୍ନିଶମ ଟିମକୁ ନିଆଁ ଲାଗିଥିବା ଫୋନ ଆସିଥିଲା । ଏମଆରଭି ସ୍କୁଲ ନିକଟରେ ଏକ ଆପାର୍ଟମେଣ୍ଟରେ ନିଆଁ ଲାଗିଥିବା ସୂଚନା ମିଳିଛି । ଆପାର୍ଟମେଣ୍ଟ ଭିତରେ କିଛି ଲୋକ ଫସିଥିବା ଆଶଙ୍କା କରାଯାଉଛି । ୮ ମହଲା ବିଲିଡିଂର ୬ଷ୍ଠ ଏବଂ ୭ମ ମହଲା ନିଆଁ ଲାଗିଥିବା ଜଣାପଡିଛି । ଘଟଣା ସ୍ଥଳରେ ୮ଟି ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରୁଛି । ଅଗ୍ନିଶମ ଟିମ ଅଗ୍ନିକାଣ୍ଡ ଘଟିଥିବା ଆପାର୍ଟମେଣ୍ଟ ପାଖରେ ସ୍କାଏ ଲିଫ୍ଟ ଲଗାଇଛନ୍ତି । ଫଳରେ ଭିତରେ ଫସିଥିବା ଲୋକଙ୍କୁ ଉଦ୍ଧାର କରାଯାଇପାରିବ । ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକ ଭୟଭୀତ ରହିଛନ୍ତି । ଅଗ୍ନିଶମ ଟିମ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି। କୌଣସି ପ୍ରକାରର ଗୁଜବ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି ।

## ନଦୀରେ ବୁଡ଼ି ୮ ମୃତ

ରାଜସ୍ଥାନ : ରାଜସ୍ଥାନର ଟୋଙ୍କରେ ବଡ଼ ଅଘଟଣ ଘଟିଛି । ବନାସ ନଦୀ ଉପରେ ନିର୍ମିତ ଫ୍ରେଜର ବ୍ରିଜ୍ ନିକଟରେ ଗାଧୋଇବା ସମୟରେ ବୁଡ଼ି ଯିବାରୁ ୮ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ, ୧୧ ଜଣ ଯୁବକ ନଦୀକୁ ଗାଧୋଇବାକୁ ଯାଇ ବୁଡ଼ି ଯାଇଛନ୍ତି । ଫଳରେ ସେମାନଙ୍କର ଜୀବନ ଚାଲିଯାଇଛି । ସ୍ଥାନୀୟ ଲୋକ ଏବଂ ପୋଲିସ ୮ ଜଣ ଯୁବକଙ୍କୁ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ପୁରୁଣା ଫ୍ରେଜର ବ୍ରିଜ୍ ନିକଟରେ ଯୁବକମାନେ ନଦୀରେ ଗାଧୋଉଥିବା ବେଳେ ପାଣି ଭିତରକୁ ପଶିଯାଇଥିଲେ । ଫଳରେ ଜଣେ ବୁଡ଼ିଯିବାରୁ ଅନ୍ୟମାନେ ବଞ୍ଚାଇବାକୁ ଯାଇ ବୁଡ଼ିଯାଇଥିଲେ । ପ୍ରଶାସନ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ସମସ୍ତ ମୃତକ ଜୟପୁରର ବାସିନ୍ଦା ବୋଲି କୁହାଯାଉଛି। ତେବେ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ସମସ୍ତେ ସାଙ୍ଗ ଥିଲେ । ଏମାନେ ପିକନିକ୍ ପାଇଁ ଏକାଠି ହୋଇଥିଲେ । ତେବେ ବର୍ତ୍ତମାନ ସୁଦ୍ଧା ୩ ଜଣ ଯୁବକ ନିଖୋଜ ରହିଛନ୍ତି । ଟୋଙ୍କ ଜିଲ୍ଲା ଏସପି ବିକାଶ ସାଙ୍ଗୱାନ କହିଛନ୍ତି, ଜୟପୁରର ୧୧ ଯୁବକ ପିକନିକ୍ ପାଇଁ ଟୋଙ୍କ ଆସିଥିଲେ । ସମସ୍ତଙ୍କ ବୟସ ୨୦ ରୁ ୨୫ ବର୍ଷ ହେବ ବୋଲି କୁହାଯାଉଛି । ଜିଲ୍ଲା ପୋଲିସ ଅଧିକ୍ଷକ ବିକାଶ ସାଙ୍ଗୱାନ, ଅତିରିକ୍ତ ପୋଲିସ ଅଧିକ୍ଷକ ବ୍ରିଜେନ୍ଦ୍ର ସିଂହ ଏବଂ ଏସଡିଏମ୍ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ହସ୍ପିଟାଲରେ ଉପସ୍ଥିତ ଅଛନ୍ତି । ସ୍ଥାନୀୟ ପ୍ରଶାସନ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି । ଏହି ଘଟଣାକୁ ନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଦୁଃଖ ପ୍ରକାଶ କରିଛନ୍ତି । ସେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ଟୋଙ୍କ ଜିଲ୍ଲା ସ୍ଥିତ ବନାସ ନଦୀରେ ଯୁବକଙ୍କ ବୁଡିବା ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖଦାୟକ ଏବଂ କଷ୍ଟଦାୟକ । ଏହାସହିତ ପ୍ରଶାସନକୁ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଅତ୍ୟାଚାରର ସବୁ ସୀମା ପାର କଲେ ୟୁନୁସ ସରକାର !



ଢାକା,୧୦।୬: ଗତ ବର୍ଷ ହୋଇଥିବା ବିପ୍ଳବ ପରଠାରୁ ବାଂଲାଦେଶର ପରିସ୍ଥିତି କ୍ରମାଗତ ଭାବରେ ଖରାପ ହେବାରେ ଲାଗିଛି। ଏହି ସମୟରେ, ଯେତେବେଳେ ବାଂଲାଦେଶ ଭିତରେ ଲୋକମାନେ ଗଣତାନ୍ତ୍ରିକ ନିର୍ବାଚନ ଦାବି କରି ରାସ୍ତାକୁ ଓହ୍ଲାଇ ଆସୁଛନ୍ତି, ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ଆୱାମୀ ଲିଗ କର୍ମୀମାନଙ୍କୁ ହତ୍ୟା କରୁଛି। ଆୱାମୀ ଲିଗ ଅଭିଯୋଗ କରିଛି ଯେ ସେମାନଙ୍କ କର୍ମୀମାନଙ୍କୁ ଜେଲରେ ଟାର୍ଗେଟ କରାଯାଉଛି, ଯାହା ଠିକ ନୁହେଁ। ଦଳ ଏଥିପାଇଁ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ସିଧାସଳଖ ଦାୟୀ କରିଛି ଏବଂ ଏହି କାର୍ଯ୍ୟକୁ କଡ଼ା ଶବ୍ଦରେ ନିନ୍ଦା କରିଛି। ଆୱାମୀ ଲିଗ ଏକ ବିବୃତ୍ତିରେ କହିଛି, 'ଦେଶର ବିଭିନ୍ନ ଜେଲରେ ବାଂଲାଦେଶ ଆୱାମୀ ଲିଗ କର୍ମୀଙ୍କ ରହସ୍ୟମୟ ମୃତ୍ୟୁ କ୍ରୋଧ ଏବଂ ଚିନ୍ତା ସୃଷ୍ଟି କରିଛି। ରାଜନୈତିକ ବିଶ୍ଳେଷକ କହିଛନ୍ତି ଯେ ଏଗୁଡ଼ିକ ପୃଥକ ଘଟଣା ନୁହେଁ, ବରଂ ୟୁନୁସଙ୍କ ସହ ଜଡିତ ଛାୟା କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ଏକ ସୁସଂଗଠିତ, ଗୁପ୍ତ ଅଭିଯାନର ଅଂଶ। ଏହାର ଲକ୍ଷ୍ୟ ହେଉଛି ଭୟ, ନିର୍ଯ୍ୟାତନା ଏବଂ ନିରାକରଣ ମାଧ୍ୟମରେ ମୁକ୍ତି ସମର୍ଥକ ରାଜନୀତିର ମେରୁଦଣ୍ଡ ଭାଙ୍ଗିବା।' ଦଳର ବିବୃତ୍ତି ଅନୁଯାୟୀ, 'ପ୍ରତ୍ୟକ୍ଷଦର୍ଶୀ ଏବଂ ଲିକ ହୋଇଥିବା ରିପୋର୍ଟଗୁଡ଼ିକ ଚିକିତ୍ସା ଅବହେଳା ଏବଂ ସମୟାନୁବର୍ତ୍ତୀ ଚିକିତ୍ସାର ଅଭାବ ପ୍ରକାଶ କରିଛି। ଯାହା ମୃତ୍ୟୁ, ଜବରଦସ୍ତି ବିଷାକ୍ତତା କିମ୍ବା ରାସାୟନିକ ଭାବରେ ହୃଦଘାତର କାରଣ ହୋଇଥିଲା। ସେମାନଙ୍କୁ ଏକାକୀ ବନ୍ଦୀଶାଳାରେ ରଖାଯାଇଥିଲା ଏବଂ ଆୱାମୀ ଲିଗ କର୍ମୀମାନଙ୍କୁ ଶାରୀରିକ ନିର୍ଯ୍ୟାତନା ମଧ୍ୟ ଦିଆଯାଇଥିଲା। ଏହି ଘଟଣାଗୁଡ଼ିକ ଦଳର ଶକ୍ତିକୁ ଚୂର୍ଣ୍ଣ କରିବା ପାଇଁ ଏକ ଗୁପ୍ତ ଅଭିଯାନକୁ ଇଙ୍ଗିତ କରୁଛି, ତାହା ମଧ୍ୟ ଦେଶକୁ ମୁକ୍ତ କରିବାରେ ଭୂମିକା ଗ୍ରହଣ କରିଥିବା ଦଳ।' ଏହି ସମୟରେ, ସୋମବାର (୯ ଜୁନ ୨୦୨୫), ଆୱାମୀ ଲିଗ ଜେଲରେ ଏହାର ନେତା ଅଲୀ ଅସଗରଙ୍କ ମୃତ୍ୟୁଦଣ୍ଡ ପ୍ରସଙ୍ଗ ଉଠାଇଥିଲା। 'ଅଲୀ ଅସଗରଙ୍କ ହତ୍ୟା ୟୁନୁସ ଶାସନର ନିଷ୍ଠୁରତାକୁ ଉଜାଗର କରିଛି। ୟୁନୁସ ଶାସନ ଅଧୀନରେ, ଜେଲଗୁଡ଼ିକ ନିର୍ଯ୍ୟାତନା କୋଠରୀ ପାଲଟିଛି ଯେଉଁଠାରେ ଆୱାମୀ ଲିଗ ନେତାମାନଙ୍କୁ ନିପାତ କରାଯାଉଛି,' ବିବୃତ୍ତିରେ କୁହାଯାଇଛି। ଗତ ମାସରେ ଏକ ବିବୃତ୍ତିରେ, ଆୱାମୀ ଲିଗ ପ୍ରକାଶ କରିଥିଲା ଯେ ୟୁନୁସ କ୍ଷମତାକୁ ଆସିବା ପରଠାରୁ ଅତି କମରେ ୨୧ ଜଣ ଆୱାମୀ ଲିଗ ସଦସ୍ୟ ହାଜତରେ ମୃତ୍ୟୁବରଣ କରିଛନ୍ତି। 'କାରାଗାର ଭିତରେ ଏବଂ ପୋଲିସ ହାଜତରେ ହୋଇଥିବା ହତ୍ୟାକାଣ୍ଡ ଜାତୀୟ ଆଇନ ଏବଂ ଅନ୍ତର୍ଜାତୀୟ ମାନବାଧିକାର ମାନଦଣ୍ଡ ଉଭୟର ଗମ୍ଭୀର ଉଲ୍ଲଂଘନ,' ବିବୃତ୍ତିରେ କୁହାଯାଇଛି। ଜେଲରେ ଏହି ସମସ୍ତ ମୃତ୍ୟୁ ପାଇଁ ତୁରନ୍ତ ଜାତୀୟ କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟିକ ତଦନ୍ତ କମିଶନ ଗଠନର ଆବଶ୍ୟକତା ଉପରେ ଆୱାମୀ ଲିଗ ଗୁରୁତ୍ୱାରୋପ କରିଛି। ପିଏମଓ ଏବଂ ଅନ୍ତର୍ଜାତୀୟ ମାନବାଧିକାର ପର୍ଯ୍ୟବେକ୍ଷକଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନ ତଦନ୍ତ ଦଳ ଗଠନ କରି ଅଟକ ଉପରେ ନଜର ରଖିବା ଏବଂ ୟୁନୁସଙ୍କ ସହଯୋଗୀମାନଙ୍କୁ ଚିହ୍ନଟ କରି ପ୍ରମୁଖ ରାଷ୍ଟ୍ର ପ୍ରତିଷ୍ଠାନରୁ ବହିଷ୍କାର କରିବା ପାଇଁ ଦଳ ଦାବି କରିଛି। ଆୱାମୀ ଲିଗ ଅନୁଯାୟୀ, ୟୁନୁସ ପ୍ରଶାସନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭବିଷ୍ୟତରେ ନିର୍ବାଚନୀ ପ୍ରତିରୋଧ ଏବଂ ସ୍ୱାଧୀନତା ବିରୋଧୀ, ମୌଳବାଦୀ ଶକ୍ତିର ପଛ ଦ୍ୱାର ଦେଇ ଫେରିବା ରୋକିବା ପାଇଁ ଭୟ ପ୍ରସାର କରିବା। ଆୱାମୀ ଲିଗ କହିଛି, 'ଏହା କେବଳ ରାଜନୈତିକ ଦମନ ନୁହେଁ। ଏହା ମୁକ୍ତି ସଂଗ୍ରାମର ଆତ୍ମା ଉପରେ ଆକ୍ରମଣ। ଏହି ଅନ୍ଧାର ସମୟରେ, ଶେଖ ହସିନା ହେଉଛନ୍ତି ଏକମାତ୍ର ନେତା ଯାହାଙ୍କ ନେତୃତ୍ୱରେ ବାଂଲାଦେଶର ଲୋକମାନେ ସୁରକ୍ଷିତ ଅନୁଭବ କରନ୍ତି। ଜାତିର ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ଝିଅ ହୋଇଥିବାରୁ, ଏହି ଷଡ଼ଯନ୍ତ୍ରଗୁଡ଼ିକୁ ମୂଳପୋଛ କରି ନ୍ୟାୟ ଦେବା ପାଇଁ ତାଙ୍କର ନୈତିକ ଏବଂ ରାଜନୈତିକ ଅଧିକାର ଅଛି।' ଆୱାମୀ ଲିଗ କହିଛି ଯେ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା କେବେବି ବିଦେଶୀ ଚାପ, ଉଗ୍ରବାଦୀ ଧମକ କିମ୍ବା ଆଭ୍ୟନ୍ତରୀଣ ବିଶ୍ୱାସଘାତକତା ଆଗରେ ମୁଣ୍ଡ ନୁଆଁଇ ନଥିଲେ। ତାଙ୍କ ନେତୃତ୍ୱରେ ଯୁଦ୍ଧ ଅପରାଧୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିଲା, ଆତଙ୍କବାଦୀ ନେଟୱାର୍କ ଭାଙ୍ଗି ଦିଆଯାଇଥିଲା ଏବଂ ରାଜନୈତିକ ସ୍ଥିରତା ସହିତ ବଡ଼ ଧରଣର ବିକାଶ ହାସଲ କରାଯାଇଥିଲା।

## ଭାରତୀୟ ଛାତ୍ରଙ୍କୁ ହାତକଡ଼ି ପକାଇ ତଳେ କଚାଡି ଦେଲେ ଆମେରିକା ସୁରକ୍ଷାକର୍ମୀ



ୱାଶିଂଟନ :ଆମେରିକାର ନ୍ୟୁଜର୍ସିସ୍ଥିତ ନୱାର୍କ ଲିବର୍ଟି ଅନ୍ତର୍ଜାତୀୟ ବିମାନବନ୍ଦରରେ ଜଣେ ଭାରତୀୟ ଛାତ୍ରଙ୍କୁ ହାତକଡ଼ି ପକାଇ ସୁରକ୍ଷାକର୍ମୀମାନେ ତାଙ୍କୁ ତଳେ ଚାପି ଧରିଥିବାର ଭିଡିଓ ଭାଇରାଲ ହୋଇଛି। ଏହା ଜଣାପଡ଼ିବା ପରେ ନ୍ୟୁୟର୍କସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ଜବାବ ମଗାଯାଇଛି। ଗତ ୭ ତାରିଖରେ ଏହି ଘଟଣା ଘଟିଥିବାବେଳେ ଭାରତୀୟ ଆମେରିକୀୟ ଉଦ୍ୟୋଗୀ କୁନାଲ ଜୈନ ଏହାର ଫୁଟେଜ୍‌କୁ ସୋସିଆଲ ମିଡିଆ ଏକ୍ସ'ରେ ଶେୟାର କରିବା ପରେ ଲୋକଲୋଚନକୁ ଆସିଛି। ଛାତ୍ର ଜଣକ ତଳେ ପଡ଼ି କାନ୍ଦୁଥିବାବେଳେ ପାଖରେ ଅଫିସରମାନେ ଛିଡ଼ା ହୋଇଥିବା ଭିଡିଓରୁ ଦେଖାଯାଇଛି। ଭାରତୀୟ ଛାତ୍ର ଜଣକ ୭ ତାରିଖ ରାତିରେ ବିମାନ ଧରିବାକୁ ଥିବାବେଳେ ତାଙ୍କୁ ହାତକଡ଼ି ପକାଇ ଅଟକ ରଖାଯିବା ପରେ ବିଦା କରାଯାଇଥିଲା। ଛାତ୍ରଙ୍କ ପ୍ରତି ଅପରାଧୀ ଭଳି ବ୍ୟବହାରରେ ଜୈନ ଦୁଃଖ ପ୍ରକାଶ କରିଛନ୍ତି। ଛାତ୍ର ଜଣକ ସ୍ୱପ୍ନ ପୂରଣ ପାଇଁ ଆସିଥିଲେ, କାହାର କ୍ଷତି କରିବା ପାଇଁ ନୁହେଁ। ଜଣେ ପ୍ରବାସୀ ଭାରତୀୟ ଭାବେ ମୁଁ ଅସହାୟ ଓ ମର୍ମାହତ। ଏହା ଏକ ମାନବୀୟ ଦୁଃଖ ବୋଲି ଜୈନ କହିଛନ୍ତି। ସେ ନିଜ ପୋଷ୍ଟରେ ୱାଶିଂଟନ ଡିସିରେ ଥିବା ଭାରତୀୟ ଦୂତାବାସ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଟ୍ୟାଗ୍ କରି ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

## ଜେଲରୁ ମୁକୁଳିବେ କି ଇମ୍ରାନ ଖାନ ?



ପାକିସ୍ତାନ: ୨୦୨୩ ମସିହା ଅଗଷ୍ଟ ମାସରୁ ବନ୍ଦୀ ଜୀବନ କାଟୁଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ସେ ଜୁନ ୧୧ରେ ଜେଲରୁ ମୁକୁଳିବେ ବୋଲି ତାଙ୍କ ଦଳ ପାକିସ୍ତାନ ତେହରିକ ଇ ଇନସାଫ ବା ପିଟିଆଇ ପକ୍ଷରୁ ଦାବି କରାଯାଇଛି। ଜୁନ ୧୧ରେ ଇମ୍ରାନ ଖାନଙ୍କୁ ଜାମିନ ମିଳିବାକୁ ଯାଉଥିବା ପିଟିଆଇର ମୁଖ୍ୟ ଗୋହର ଅଲୀ ଖାନ ଦାବି କରିଛନ୍ତି। କିଛି ଦିନ ତଳେ ଜେଲରେ ଥିବା ଇମ୍ରାନ ଖାନ ନିଜକୁ ପିଟିଆଇର ସଂରକ୍ଷକ ମୁଖ୍ୟ ଭାବେ ଘୋଷଣା କରିଥିଲେ। ସେ ଜେଲର ୪ କାନ୍ଥ ମଧ୍ୟରେ ରହି ଦେଶବ୍ୟାପୀ ତାଙ୍କ ଦଳ କରିବାକୁ ଯାଉଥିବା ବିକ୍ଷୋଭର ନେତୃତ୍ୱ ନେବେ। ଏବେ ପିଟିଆଇ ମଧ୍ୟ ଦେଶବ୍ୟାପୀ ବିକ୍ଷୋଭ କରିବାକୁ ଅଣ୍ଟା ଭିଡ଼ିଛି। ଇମ୍ରାନ ଖାନଙ୍କ ଏପରି ଦାବି ପାକିସ୍ତାନ ଆର୍ମି ମୁଖ୍ୟ ଆସିମ ମୁନିରଙ୍କ ଚିନ୍ତା ବଢ଼ାଇ ଦେଇଛି। କାରଣ ଭାରତର ଅପରେସନ ସିନ୍ଦୂର ପରେ ମୁନିର ବ୍ୟାକଫୁଟରେ ରହିଛନ୍ତି। ଏପରି ସ୍ଥିତିରେ ଇମ୍ରାନ ଖାନଙ୍କ ଦଳ ଦେଶବ୍ୟାପୀ ବିକ୍ଷୋଭ ପାଇଁ ପ୍ରସ୍ତୁତ ହେବା ଓ ଇମ୍ରାନ ଖାନ ଜୁନ ୧୧ରେ ମୁକୁଳିବାର ସଙ୍କେତ ମିଳିବା, ତାଙ୍କ ଚିନ୍ତାକୁ ଦୁଇ ଗୁଣିତ କରି ଦେଇଛି। ସେ ଏବେ କ'ଣ କରିବେ, ସେହି ଚିନ୍ତାରେ ରହିଥିବା ଜଣାପଡ଼ିଛି। ଇସଲାମାବାଦ ହାଇକୋର୍ଟ ଜୁନ ୧୧ରେ ଇମ୍ରାନ ଖାନ ଓ ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ଜିବିପି ୧୯୦ ମିଲିୟନ ଅଲ କାଦିର ଟ୍ରଷ୍ଟ ମାମଲାରେ ହୋଇଥିବା ଜେଲଦଣ୍ଡ ବିରୋଧୀ ଆବେଦନର ଶୁଣାଣି କରିବେ। ଏହି ମାମଲାରେ ସେମାନଙ୍କୁ ଜାମିନ ମିଳିବାର ଯଥେଷ୍ଟ ସମ୍ଭାବନା ଥିବା ଗୋହଲ ଅଲୀ ଖାନ ଦାବି କରିଛନ୍ତି। ତାଙ୍କ କହିବା କଥା ଯେ ଜୁନ ୧୧ ଖାନ ଦମ୍ପତିଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ସେ ଆହୁରି କହିଛନ୍ତି ଯେ ଇମ୍ରାନ ଖାନଙ୍କୁ ଛାଡ଼ିବା ପାଇଁ ଏକାଧିକ ବୁଝାମଣାର ଅଫର ଆସିଥିଲା। କିନ୍ତୁ ପିଟିଆଇ କୌଣସି ବୁଝାମଣାକୁ ଗ୍ରହଣ କରିବ ନାହିଁ ବୋଲି ସେ ପୁଣି ସ୍ପଷ୍ଟ କରିଛନ୍ତି। ଏକାଧିକ ମାମଲାର ସାମ୍ନା କରୁଥିବା ୭୨ ବର୍ଷୀୟ ଇମ୍ରାନ ଖାନ ଏବେ ରାୱଲପିଣ୍ଡିର ଆଦିଆଲା ଜେଲରେ ରହିଛନ୍ତି। ସେ ନିଜର ଗିରଫଦାରୀକୁ ୨୦୨୩ ଅଗଷ୍ଟରୁ ବେଆଇନ ବୋଲି କହି ଆସୁଥିଲେ ହେଁ କୋର୍ଟରୁ ଏଯାଏ ଆଶ୍ୱସ୍ତି ପାଇ ନାହାନ୍ତି।

# ମହିଳା ବିକାଶରୁ ମହିଳା କୈନ୍ଦ୍ରିକ ବିକାଶ ଯାଏଁ..

ନୂଆଦିଲ୍ଲୀ : ଅନେକ ପିଢ଼ି ଧରି ଭାରତୀୟ ମହିଳାମାନେ ନାନା ପ୍ରତିବନ୍ଧକକୁ ସାମ୍ନା କରି ଆସୁଥିଲେ। ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ନିଷ୍ପତ୍ତି ନେବାରେ ସୀମିତ ସୁଯୋଗ ମିଳୁଥିଲା। ବିଶେଷ କରି ଗ୍ରାମୀଣ ଏବଂ ଅବହେଳିତ ସମ୍ପ୍ରଦାୟରେ ଏହାର ଅଧିକ ପ୍ରଭାବ ଦେଖିବାକୁ ମିଳୁଥିଲା। କିନ୍ତୁ ୨୦୧୪ ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ଐତିହାସିକ ପରିବର୍ତ୍ତନ ଘଟିଛି। ମହିଳାମାନଙ୍କୁ ଆଉ ନିଷ୍କ୍ରିୟ ହିତାଧିକାରୀ ଭାବରେ ନୁହେଁ ବରଂ ପରିବର୍ତ୍ତନର ସଶକ୍ତ ଏଜେଣ୍ଟ ଭାବରେ ବିବେଚନା କରାଯାଉଛି। ସେମାନେ ଭାରତର ବିକାଶ କାହାଣୀର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଏକ ସାହସିକ, ସମାବେଶୀ ଏବଂ ଜୀବନଚକ୍ର ଆଧାରିତ ଆଭିମୁଖ୍ୟ ଦ୍ୱାରା ପରିଚାଳିତ ହୋଇ ସ୍ୱାସ୍ଥ୍ୟ, ଶିକ୍ଷା, ଆବାସ, ଡିଜିଟାଲ୍ ସୁବିଧା, ପରିମଳ ଏବଂ ଆର୍ଥିକ ଅନ୍ତର୍ଭୂକ୍ତିକରଣ କ୍ଷେତ୍ରରେ ସରକାର ଲକ୍ଷ୍ୟବଦ୍ଧ ହସ୍ତକ୍ଷେପ ଆରମ୍ଭ କରିଛନ୍ତି। ଏହା ଦେଶର ପ୍ରତ୍ୟେକ ମହିଳାଙ୍କୁ ମର୍ଯ୍ୟାଦା, ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତାର ସହ ବଞ୍ଚିବାକୁ ସଶକ୍ତ କରୁଛି। ଆଜି ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ନେତୃତ୍ୱ ନେଉଛନ୍ତି, ବ୍ୟବସାୟ ଆରମ୍ଭ କରୁଛନ୍ତି, ବିଜ୍ଞାନ, ପ୍ରତିରକ୍ଷା ଏବଂ କ୍ରୀଡ଼ା କ୍ଷେତ୍ରରେ ପ୍ରତିବନ୍ଧକକୁ ଭାଙ୍ଗି ଦେଶର ଭବିଷ୍ୟତକୁ ରୂପ ଦେଉଛନ୍ତି। ଭାରତର ଜନସଂଖ୍ୟାର ପ୍ରାୟ ୬୭.୭% ମହିଳା ଏବଂ ଶିଶୁ ରହିଥିବା ବେଳେ ସେମାନଙ୍କର ସଶକ୍ତିକରଣ କେବଳ ସାମାଜିକ ସଂସ୍କାର ନୁହେଁ-ଏହା ଏକ ରଣନୀତିକ ଆବଶ୍ୟକତା ପରିଣତ ହୋଇଛି। ଭାରତ ଅମୃତ କାଳରେ ପ୍ରବେଶ କରିବା ସହିତ ନାରୀ ଶକ୍ତି ଏକ ଶକ୍ତିଶାଳୀ, ଅଧିକ ସମାବେଶୀ ରାଷ୍ଟ୍ରକୁ ଆଗକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭାବରେ ଛିଡ଼ା ହୋଇଛନ୍ତି। ଗତ ୧୧ ବର୍ଷ ମଧ୍ୟରେ, ଭାରତ ସରକାର ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ଆଇନଗତ କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏକ ବ୍ୟାପକ, ଜୀବନଚକ୍ର ଆଧାରିତ ନୀତିଗତ ଢାଞ୍ଚା ଗ୍ରହଣ କରିଛନ୍ତି। ହିଂସା ଏବଂ ଭେଦଭାବ ବିରୁଦ୍ଧରେ ସାମ୍ବିଧାନିକ ସୁରକ୍ଷା ଏବଂ ଐତିହାସିକ ଆଇନ ଠାରୁ ଆରମ୍ଭ କରି 'ବେଟୀ ବଚାଓ ବେଟୀ ପଢ଼ାଓ', 'ମିଶନ ଶକ୍ତି' ଭଳି ପରିବର୍ତ୍ତନକାରୀ ଯୋଜନା ପ୍ରଣୟନ କରାଯାଇଛି। ଐତିହାସିକ ନାରୀ ଶକ୍ତି ବନ୍ଦନ ଅଧିନିୟମ ଭଳି ଆଇନ ମହିଳାମାନଙ୍କ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଉଦ୍ୟୋଗୀତା ଏବଂ ଜନସେବାରେ ମହିଳାମାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଇଛି। ଆଇନଗତ ସଂସ୍କାର ଏବଂ ଶ୍ରମ ସଂହିତା ନିରାପଦ ଓ ସମାବେଶୀ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହିତ କରୁଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଡିଏୱାଇ-ଏନଆରଏଲ୍‌ଏମ୍ ଏବଂ କୃଷି ସହାୟତା ପଦକ୍ଷେପ ଭଳି ଯୋଜନା ମହିଳାମାନଙ୍କୁ ଆର୍ଥିକ ଏବଂ ସାମାଜିକ ଦୃଷ୍ଟିରୁ ସଶକ୍ତ କରିଛି। ତୃଣମୂଳ ସ୍ତରର ପ୍ରଶାସନ ଠାରୁ ଆରମ୍ଭ କରି ପ୍ରତିରକ୍ଷା ବାହିନୀ ଏବଂ ବିମାନ ଚଳାଚଳ ପର୍ଯ୍ୟନ୍ତ, ମହିଳାମାନେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି, ଯାହା ସମାବେଶୀ ଓ ଦୀର୍ଘସ୍ଥାୟୀ ଜାତୀୟ ବିକାଶକୁ ଆଗେଇ ନେଉଛି। ମିଶନ ପୋଷଣ ଜରିଆରେ ଭାରତ କୁପୋଷଣ ବିରୋଧୀ ଲଢ଼େଇରେ ଏକ ସାହସିକ, ଏକୀକୃତ ପଦକ୍ଷେପ ନେଇଛି। ୧.୮୧ ଲକ୍ଷ କୋଟି ଟଙ୍କାର ନିବେଶ ସହିତ ମିଶନ ପୋଷଣର ଦ୍ୱିତୀୟ ପର୍ଯ୍ୟାୟ ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ କାର୍ଯ୍ୟକାରୀ ହେଉଛି। ଏହା ପୁଷ୍ଟିସାଧନ ଅଭ୍ୟାସରେ ସୁଧାର ଆଣିବା ସହିତ ଦୃଢ଼ ପ୍ରତିଷେଧକ ବ୍ୟବସ୍ଥା ଏବଂ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିଛି। ସକ୍ଷମ ଅଙ୍ଗନବାଡ଼ି ଏବଂ ପୋଷଣ ୨.୦ ଅଧୀନରେ ସରକାର ୨ ଲକ୍ଷ ଅଙ୍ଗନବାଡ଼ି କେନ୍ଦ୍ରର ଉନ୍ନତିକରଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ଉନ୍ନତି କେନ୍ଦ୍ରଗୁଡ଼ିକ ଜରିଆରେ ଛଅ ବର୍ଷରୁ କମ୍ ବୟସର ପିଲାମାନଙ୍କର ସାମଗ୍ରିକ ବିକାଶକୁ ସମର୍ଥନ କରି ଉନ୍ନତ ପୁଷ୍ଟିସାଧନ ଏବଂ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା (ଇସିସିଇ) ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୨୪,୫୩୩ ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ଉନ୍ନତିକରଣ କରାଯାଇଛି। 'ପୋଷଣ ଭି ପଢ଼ାଇ ଭି' ଅଭିଯାନ ମାଧ୍ୟମରେ ଶିକ୍ଷା ଓ ପୋଷଣ ନିମନ୍ତେ ଦେଶବ୍ୟାପୀ ୪,୬୫,୭୧୯ ଅଙ୍ଗନବାଡ଼ି କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସୁପୋଷିତ ଗ୍ରାମ ପଞ୍ଚାୟତ ଅଭିଯାନ ଅଧୀନରେ ଶୀର୍ଷ ଏକ ହଜାର ଗ୍ରାମପଞ୍ଚାୟତକୁ ପୁରସ୍କୃତ କରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି। ସାର୍ବଜନୀୟନ ଟିକାକରଣ କାର୍ଯ୍ୟକ୍ରମରେ ବାର୍ଷିକ ପ୍ରାୟ ୨.୯ କୋଟି ଗର୍ଭବତୀ ମହିଳାଙ୍କୁ ଟିକା ଦିଆଯାଉଛି। ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଦ୍ୱାରା ୨୦୧୪-୧୫ ପରଠାରୁ ୧୬.୬୦ କୋଟିରୁ ଅଧିକ ହିତାଧିକାରୀଙ୍କୁ ଉପକୃତ କରିଛି, ଯାହା ପରିବାର ପାଇଁ ପକେଟ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି। ଜନନୀ ସୁରକ୍ଷା ଯୋଜନା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି, ଯାହା ମାର୍ଚ୍ଚ ୨୦୨୫ ସୁଦ୍ଧା ୧୧.୦୭ କୋଟିରୁ ଅଧିକ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଛି। ଏହି ସର୍ତ୍ତମୂଳକ ନଗଦ ହସ୍ତାନ୍ତର ଯୋଜନା ଗରିବ ଗର୍ଭବତୀ ମହିଳାମାନଙ୍କ ମଧ୍ୟରେ, ବିଶେଷ କରି ଗ୍ରାମାଞ୍ଚଳ ଏବଂ ଅଣସଂରକ୍ଷିତ ଅଞ୍ଚଳରେ ସଂସ୍ଥାଗତ ପ୍ରସବକୁ ପ୍ରୋତ୍ସାହିତ କରୁଛି। ମାତୃତ୍ୱ ଏବଂ ନବଜାତଙ୍କ ଯତ୍ନକୁ ଆହୁରି ମଜବୁତ କରି, ସୁରକ୍ଷିତ ମାତୃତ୍ୱ ଆଶ୍ୱାସନ (ସୁମନ) ପଦକ୍ଷେପ ଗର୍ଭବତୀ ମହିଳା, ଅସୁସ୍ଥ ନବଜାତ ଶିଶୁ ଏବଂ ମା' ମାନଙ୍କ ପାଇଁ ପ୍ରସବ ପରେ ଛଅ ମାସ ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଶୂନ-ମୂଲ୍ୟ ପ୍ରବେଶ ନିଶ୍ଚିତ କରୁଛି। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭଧାରଣର ସମୟୋଚିତ ଚିହ୍ନଟ ସୁନିଶ୍ଚିତ କରିବା ପାଇଁ ପ୍ରଥମ ତ୍ରୈମାସିକରେ ପ୍ରସବପୂର୍ବ ଚାରିଟି ବ୍ୟାପକ ଯାଞ୍ଚ ପ୍ରଦାନ କରି ମାତୃ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସଂସ୍ଥାଗତ ପ୍ରସବକୁ ପ୍ରୋତ୍ସାହିତ କରିବା ଏବଂ ମାତୃ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ୫,୦୦୦ ଟଙ୍କାର ପ୍ରତ୍ୟକ୍ଷ ନଗଦ ଲାଭ ପ୍ରଦାନ କରିଥାଏ। ଏହା ଗର୍ଭାବସ୍ଥା ସମୟରେ ଉନ୍ନତ ପୁଷ୍ଟିସାଧନ ଏବଂ ସ୍ୱାସ୍ଥ୍ୟ ନିରୀକ୍ଷଣକୁ ସୁନିଶ୍ଚିତ କରିଛି।

୨୦୧୬ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ପକ୍କା ଘର ସ୍ୱପ୍ନକୁ ପୂରଣ କରୁଛି। ପ୍ରାୟ ୨.୭୫ କୋଟି ପିଏମ ଆବାସ-ଗ୍ରାମୀଣ ହିତାଧିକାରୀଙ୍କ ମଧ୍ୟରୁ ୭୩ ପ୍ରତିଶତ ହେଉଛନ୍ତି ମହିଳା। ମହିଳାମାନଙ୍କୁ କେବଳ ଘର ମାଲିକାନା ମିଳିନାହିଁ, ଏହା ସେମାନଙ୍କୁ ମର୍ଯ୍ୟାଦା, ସୁରକ୍ଷା ଏବଂ ନିଷ୍ପତ୍ତି ନେବାକୁ ସକ୍ଷମ କରିଛି। ୨୦୧୬ରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ଶୁଭାରମ୍ଭ ସହିତ ମହିଳାମାନଙ୍କୁ ୧୦.୩୩ କୋଟି ଏଲପିଜି ସଂଯୋଗ ବଣ୍ଟନ କରାଯାଇଛି। ଏହା ଧୂଆଁମୁକ୍ତ ରୋଷେଇ ଘର ସୁନିଶ୍ଚିତ କରିବା ସହ ମହିଳାଙ୍କୁ ଶ୍ୱାସ ରୋଗରୁ ମୁକ୍ତି ଦେଇଛି। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ଏହାକୁ ସ୍ୱାସ୍ଥ୍ୟ ଏବଂ ପରିବେଶ ସଂସ୍କାରରେ ଏକ ମାଇଲଖୁଣ୍ଟ ଏବଂ ଲିଙ୍ଗଗତ ଅସମାନତା ଦୂର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଶଂସା କରିଛି। ୨୦୧୪ ପୂର୍ବରୁ ମାତ୍ର ୩୯% ଭାରତୀୟ ପରିବାର ପାଖରେ ଶୌଚାଳୟ ସୁବିଧା ଥିଲା। ଗତ ୧୧ ବର୍ଷ ମଧ୍ୟରେ ସରକାର ୧୨ କୋଟି ଶୌଚାଳୟ ନିର୍ମାଣ କରି ଦେଶକୁ ଖୋଲା ଶୌଚମୁକ୍ତ କରିବା ସହ ମହିଳାଙ୍କ ଜୀବନକୁ ସୁରକ୍ଷିତ କରିଛନ୍ତି। ପୂର୍ବରୁ ଦୀର୍ଘ ଦୂରତାରୁ ପାଣି ଆଣିବା ଗ୍ରାମାଞ୍ଚଳର ମହିଳାମାନଙ୍କ ପାଇଁ ଏକ ଦୈନନ୍ଦିନ ବୋଝ ଥିଲା। ୨୦୧୯ରେ ଆରମ୍ଭ ହୋଇଥିବା ଜଳ ଜୀବନ ମିଶନ (ଜେଜେଏମ) ଏହି କଠିନ ପରିଶ୍ରମକୁ ସମାପ୍ତ କରିବାକୁ ଚେଷ୍ଟା କରିଥିଲା। ୧୫.୬ କୋଟିରୁ ଅଧିକ ନଳ ଜଳ ସଂଯୋଗ ଗ୍ରାମୀଣ ଜୀବନଧାରଣରେ ପରିବର୍ତ୍ତନ ଆଣୁଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ପରିଚାଳନା ସୂଚନା ପ୍ରଣାଳୀ (ଏଚଏମଆଇଏସ) ତଥ୍ୟ ଅନୁଯାୟୀ, ଜାତୀୟ ସ୍ତରରେ ଜନ୍ମ ଅନୁପାତ (ଏସଆରବି) ୯୧୮ (୨୦୧୪-୧୫)ରୁ ୯୩୦ (୨୦୨୩-୨୪)କୁ ବୃଦ୍ଧି ପାଇଛି। ଶିକ୍ଷା ମନ୍ତ୍ରଣାଳୟର ୟୁଡିଆଇଏସ୍‌ଇ ତଥ୍ୟ ଅନୁଯାୟୀ ମାଧ୍ୟମିକ ପର୍ଯ୍ୟନ୍ତ ବିଦ୍ୟାଳୟରେ ବାଳିକାମାନଙ୍କ ନାମଲେଖା ୭୫.୫୧% ପ୍ରତିଶତ (୨୦୧୪-୧୫)ରୁ ୨୦୨୩-୨୪ରେ ୭୮ ପ୍ରତିଶତକୁ ବୃଦ୍ଧି ପାଇଛି। ୨୨ ଜାନୁଆରୀ ୨୦୧୫ରେ ଆରମ୍ଭ ହୋଇଥିବା ସୁକନ୍ୟା ସମୃଦ୍ଧି ଯୋଜନା ଆର୍ଥିକ ସୁରକ୍ଷା ମାଧ୍ୟମରେ ବାଳିକାମାନଙ୍କୁ ସଶକ୍ତ କରିବାର ଏକ ଦଶନ୍ଧି ପୂରଣ କରିଛି। ନଭେମ୍ବର ୨୦୨୪ ସୁଦ୍ଧା ସମଗ୍ର ଭାରତରେ ୪.୨ କୋଟିରୁ ଅଧିକ ଆକାଉଣ୍ଟ ଖୋଲାଯାଇଛି, ଯାହା ଏହି ଯୋଜନା ଉପରେ ବ୍ୟାପକ ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ବିଶ୍ୱାସକୁ ପ୍ରତିଫଳିତ କରୁଛି।

ଆଜି ମହିଳାମାନେ ଗର୍ବର ସହ ପୋଲିସ୍ ସେବା ଏବଂ ସଶସ୍ତ୍ର ବାହିନୀର ସମସ୍ତ ଶାଖାରେ ୟୁନିଫର୍ମ ପିନ୍ଧୁଛନ୍ତି, ସ୍ଥାୟୀ କମିଶନ ବର୍ତ୍ତମାନ ଏକ ବାସ୍ତବତାରେ ପରିଣତ ହୋଇଛି। ସୈନିକ ସ୍କୁଲ ଏବଂ ଜାତୀୟ ପ୍ରତିରକ୍ଷା ଏକାଡେମୀରେ ଝିଅମାନଙ୍କୁ ଭର୍ତ୍ତି କରାଯିବା ଭଳି ଐତିହାସିକ ସୁଯୋଗ ସୃଷ୍ଟି କରାଯାଇଛି। ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ, ଭାରତୀୟ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି। ସେମାନେ ଚନ୍ଦ୍ରଯାନ-୩ର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଯାହା ଭାରତର ବୈଜ୍ଞାନିକ ଉତ୍କର୍ଷତା ଏବଂ ଲିଙ୍ଗଗତ ଅନ୍ତର୍ଭୂକ୍ତିକରଣର ପ୍ରତୀକ। ନାରୀ ଶକ୍ତି ବନ୍ଦନ ଅଧିନୟମ ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷିତ କରିଛି।

ତିନି ତଲାକ୍ ଉଚ୍ଛେଦ ମୁସଲମାନ ମହିଳାମାନଙ୍କୁ ସେହି ମର୍ଯ୍ୟାଦା ଏବଂ ଆଇନଗତ ସୁରକ୍ଷା ପ୍ରଦାନ କରିଛି ଯାହାର ସେମାନେ ଦୀର୍ଘ ଦିନରୁ ହକଦାର ଥିଲେ। ମହିଳାମାନଙ୍କ ବିବାହ ବୟସକୁ ୧୮ ବର୍ଷରୁ ୨୧ ବର୍ଷକୁ ବୃଦ୍ଧି କରିବାର ପ୍ରସ୍ତାବ ଶିକ୍ଷା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହେବ। ମାତୃତ୍ୱ ଛୁଟିକୁ ୨୬ ସପ୍ତାହକୁ ଦ୍ୱିଗୁଣିତ କରିବା ଦ୍ୱାରା କର୍ମଜୀବୀ ମାଆମାନଙ୍କୁ ସହାୟତା କରିବାରେ ଭାରତ ସବୁଠାରୁ ପ୍ରଗତିଶୀଳ ଦେଶମାନଙ୍କ ମଧ୍ୟରେ ସ୍ଥାନ ପାଇଛି। ଏବଂ ଧାରା ୩୫-ଏ ଉଚ୍ଛେଦ ହେବା ସହିତ ଜାମ୍ମୁ-କାଶ୍ମୀରରେ ମହିଳାମାନେ ଏବେ ସମାନ ସମ୍ପତ୍ତି ଏବଂ ଆଇନଗତ ଅଧିକାର ଉପଭୋଗ କରୁଛନ୍ତି ଯାହାକି ଅତୀତର ଅନ୍ୟାୟର ଏକ ଐତିହାସିକ ସଂଶୋଧନକୁ ଦର୍ଶାଉଛି। ଦୁଇଟି ପ୍ରମୁଖ ଯୋଜନା- ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମୱାଇ) ଏବଂ ଷ୍ଟାଣ୍ଡ-ଅପ୍ ଇଣ୍ଡିଆ-ଏହି ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମୁଦ୍ରା ଯୋଜନାରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ୫୨.୫ କୋଟିରୁ ଅଧିକ ମୁଦ୍ରା ଋଣ ଆକାଉଣ୍ଟ ମଧ୍ୟରୁ ୬୮% ମହିଳାଙ୍କ ନାମରେ ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଷ୍ଟାଣ୍ଡଅପ୍? ଇଣ୍ଡିଆ ଯୋଜନା ଅଧୀନରେ ୨.୭୩ ଲକ୍ଷରୁ ଅଧିକ ଆକାଉଣ୍ଟକୁ ମଞ୍ଜୁରି ଦିଆଯାଇଛି, ଯେଉଁଥିରୁ ୨,୦୪,୦୫୮ ଋଣ ଅର୍ଥାତ୍ ପାଖାପାଖି ୮୩ ପ୍ରତିଶତ ମହିଳାମାନଙ୍କ ପାଇଁ ମଞ୍ଜୁର କରାଯାଇଛି। ଏହାର ପରିମାଣ ୪୭,୭୦୪ କୋଟି ଟଙ୍କାରୁ ଅଧିକ। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅନ୍ତର୍ଗତ ୧ କୋଟିରୁ ଅଧିକ ମହିଳାଙ୍କୁ ୨ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରାଯାଇଛି। ଏହି ସଶକ୍ତିକରଣକୁ ଏକ ପାଦ ଆଗକୁ ନେଇ, ଲଖପତି ଦିଦି କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଉଭା ହୋଇଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଏହା ୧.୪୮ କୋଟି ଏସଏଚଜି ସଦସ୍ୟଙ୍କୁ ବିବିଧ ଏବଂ ସ୍ଥାୟୀ ଜୀବିକା କାର୍ଯ୍ୟକଳାପ ମାଧ୍ୟମରେ ସର୍ବନିମ୍ନ ବାର୍ଷିକ ଆୟ ୧ ଲକ୍ଷ ଟଙ୍କା ଉପାର୍ଜନ କରିବାରେ ସକ୍ଷମ କରିଛି। ମିଶନ ମୋଡ୍?ରେ ଆରମ୍ଭ ହୋଇଥିବା ମିଶନ ଶକ୍ତି ହେଉଛି ଜୀବନର ସମସ୍ତ ପର୍ଯ୍ୟାୟରେ ମହିଳାମାନଙ୍କ ସୁରକ୍ଷା, ସୁରକ୍ଷା ଏବଂ ସଶକ୍ତିକରଣ ସୁନିଶ୍ଚିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଏକ ଫ୍ଲାଗସିପ୍ ପଦକ୍ଷେପ। ନିର୍ଯାତନା ସମ୍ପର୍କରେ ଅଭିଯୋଗ କରିବା ଲାଗି ଦେଶରେ ୮୧୯ଟି ୱାନ୍? ଷ୍ଟପ୍? କେନ୍ଦ୍ର ଖୋଲାଯାଇଛି। ବର୍ତ୍ତମାନ ସୁଦ୍ଧା ଏଥିରୁ ୧୦.୯୮ ଲକ୍ଷ ମହିଳା ଉପକୃତ ହୋଇଛନ୍ତି। ସଖୀ ନିବାସ ଯୋଜନାରେ ୫.୭ ଲକ୍ଷ ମହିଳା ସହାୟତା ପାଇଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ମହିଳା ସଶକ୍ତିକରଣ ପ୍ରତି ମୋଦୀ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତା ବ୍ୟାପକ ସାମାଜିକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି।

# ପ୍ରଦୂଷଣ ଚିନ୍ତା : ଅନ୍ତର୍ଜାତୀୟ ମ୍ୟାଚର ସ୍ଥାନ ବଦଳାଇଲା ବିସିସିଆଇ

ନୂଆଦିଲ୍ଲୀ,୧୦।୬: ଭାରତରେ ଅନୁଷ୍ଠିତ ହେବାକୁ ଥିବା କିଛି ଅନ୍ତର୍ଜାତୀୟ ମ୍ୟାଚର ଭେନ୍ୟୁ ବା ସ୍ଥାନକୁ ବଦଳାଇଛି ବିସିସିଆଇ। ୨୦୨୫-୨୬ ସିଜିନର ଉଭୟ ପୁରୁଷ ଓ ମହିଳା କ୍ରିକେଟ ଟିମର ମ୍ୟାଚ୍ ଭେନ୍ୟୁରେ ସଂଶୋଧନ ହୋଇଛି। ଏହା ମଧ୍ୟରେ ଏମିତି ଏକ ଟେଷ୍ଟ ମ୍ୟାଚ୍ ରହିଛି, ଯାହାର ଭେନ୍ୟୁକୁ ନୂଆ। ଦିଲ୍ଲୀରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।ନଭେମ୍ବର ମାସରେ ଦିଲ୍ଲୀରେ ସାଂଘାତିକ ପ୍ରଦୂଷଣର ଆଶଙ୍କା ଥିବାରୁ ବିସିସିଆଇ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି।

ନଭେମ୍ବର ୧୪ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୋଟିଏ ଟେଷ୍ଟ ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ଉକ୍ତ ମ୍ୟାଚ୍ ଏବେ କୋଲକାତାର ଇଡେନ ଗାର୍ଡେନ୍ସକୁ ସ୍ଥାନାନ୍ତର ହୋଇ ଯାଇଛି। ଏହାବଦଳରେ ଅକ୍ଟୋବର ମାସରେ ଦିଲ୍ଲୀରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟର ଆୟୋଜନ ହେବୟ ପୂର୍ବରୁ ଏହି ଟେଷ୍ଟ ମ୍ୟାଚ୍ କୋଲକାତାରେ ହେବାର ଥିଲା।

ଏପ୍ରିଲ ମାସରେ ଯେତେବେଳେ ବିସିସିଆଇ ଘରୋଇ ସିଜିନର ଭେନ୍ୟୁ ଘୋଷଣା କରିଥିଲା ସେତେବେଳେ ନଭେମ୍ବର ମାସରେ ଦିଲ୍ଲୀରେ କେମିତି ନଭେମ୍ବର ମାସରେ ମ୍ୟାଚ୍ ହେବ ବୋଲି ଚିନ୍ତା ପ୍ରକାଶ ପାଇଥିଲାୟ କାରଣ ନଭେମ୍ବର ମାସରେ ଦିଲ୍ଲୀ ସାଂଘାତିକ ପ୍ରଦୂଷଣର ସାମ୍ନା କରିଥାଏ। ସେତେବେଳେ ବିସିସିଆଇ ଏହାକୁ ଗୁରୁତ୍ୱ ଦେଇ ନଥିଲା। କିନ୍ତୁ ଜୁନ ୯ ତାରିଖ ଅର୍ଥାତ ଜୁନ ୯ରେ ବିସିସିଆଇ ବିଧିବଦ୍ଧ ଭାବେ ନଭେମ୍ବର ମାସରେ ଦିଲ୍ଲୀରେ ହେବାକୁ ଥିବା ଟେଷ୍ଟ ମ୍ୟାଚ୍ର ସ୍ଥାନ ବଦଳାଇ ଦେଇଛିୟ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଶେଷ ଥର ପାଇଁ ୨୦୨୩ ଫେବୃଆରୀ ମାସରେ ଭାରତୀ କୌଣସି ଟେଷ୍ଟ ମ୍ୟାଚ୍ ଖେଳିଥିଲା।




ଏହି ମ୍ୟାଚ୍ରେ ଦଳ ୬ ୱିକେଟରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହାପୂର୍ବରୁ ୨୦୧୭ ଡିସେମ୍ବର ମାସରେ ଭାରତ ଓ ଶ୍ରୀଲଙ୍କା ଏଠାରେ ଟେଷ୍ଟ ମ୍ୟାଚ୍ ଖେଳୁ ଥିବା ବେଳେ ବିବାଦ ହୋଇଥିଲା। ଶ୍ରୀଲଙ୍କାର ଖେଳାଳିମାନେ ପ୍ରଦୂଷଣ ଯୋଗୁ ସାଂଘାତିକ ସ୍ଥିତିର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଥିଲେ। ଅତିରିକ୍ତ ଭାବେ ବିସିସିଆଇ ଆଜି ମହିଳା କ୍ରିକେଟ ଟିମର ୩ ମ୍ୟାଚ୍ ବିଶିଷ୍ଟ ଅଷ୍ଟ୍ରେଲିଆ। ବିପକ୍ଷ ଦିନିକିଆ। ମ୍ୟାଚ୍ର ଭେନ୍ୟୁ ମଧ୍ୟ ବଦଳାଇଛିୟ ଏହି ସିରିଜ ସେପ୍ଟେମ୍ବର ୧୪ରୁ ୨୦ ଯାଏ ଚାଲିବ। ଚେନ୍ନାଇର ଚିଦାମ୍ବରମ ଷ୍ଟାଡିୟମର ଆଉଟ ଫିଲ୍ଡ ଓ ପିଚ୍ଗୁଡ଼ିକର ନବୀକରଣ କରାଯିବାରୁ ମହିଳା ଦିନିକିଆ। ସିରିଜ୍ ଏଠାରୁ ସ୍ଥାନାନ୍ତର କରାଯାଇଛି। ଏହି ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଚେନ୍ନାଇ ବଦଳରେ ନ୍ୟୁ ଚଣ୍ଡିଗଡ଼ର ନୂଆ। ପିସିଏ ଷ୍ଟାଡିୟମରେ ଖେଳାଯିବ। ସେହିପରି ତୃତୀୟ ତଥା ଶେଷ ଦିନିକିଆ। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

### ଭାରତୀୟ ପୁରୁଷ ଟିମର ଘରୋଇ ସିଜିନ

**ୱେଷ୍ଟଇଣ୍ଡିଜର ଭାରତ ଗସ୍ତ**

ପ୍ରଥମ ଟେଷ୍ଟ- ଅକ୍ଟୋବର ୨ରୁ ଅକ୍ଟୋବର ୬- ଅହମଦାବାଦ
ଦ୍ୱିତୀୟ ଟେଷ୍ଟ- ଅକ୍ଟୋବର ୧୦ରୁ ଅକ୍ଟୋବର ୧୪ - ଦିଲ୍ଲୀ

**ଦକ୍ଷିଣ ଆଫ୍ରିକାର ଭାରତ ଗସ୍ତ**

ପ୍ରଥମ ଟେଷ୍ଟ- ନଭେମ୍ବର୧୪ରୁ ୧୮ - କୋଲକାତା
ଦ୍ୱିତୀୟ ଟେଷ୍ଟ- ନଭେମ୍ବର ୨୨ରୁ ନଭେମ୍ବର ୨୬- ଗୁହାଟୀ

ପ୍ରଥମ ଦିନିକିଆ। - ନଭେମ୍ବର ୩୦- ରାଞ୍ଚି
ଦ୍ୱିତୀୟ ଦିନିକିଆ।- ଡିସେମ୍ବର ୩ - ରାୟପୁର
ତୃତୀୟ ଦିନିକିଆ।- ଡିସେମ୍ବର ୬- ବିଶାଖାପଟନମ
ପ୍ରଥମ ଟି-୨୦ - ଡିସେମ୍ବର ୯- କଟକ
ଦ୍ୱିତୀୟ ଟି-୨୦ - ଡିସେମ୍ବର ୧୧ - ନ୍ୟୁ ଚଣ୍ଡିଗଡ଼
ତୃତୀୟ ଟି-୨୦ - ଡିସେମ୍ବର ୧୪- ଧର୍ମଶାଳା
୪ର୍ଥ ଟି-୨୦- ଲକ୍ଷ୍ନୌ
୫ମ ଟି-୨୦ - ଡିସେମ୍ବର ୧୯- ଅହମଦାବାଦ

## କାଉଣ୍ଟି ଚାମ୍ପିଅନସିପ୍ରେ ଖେଳିବେ ଋତୁରାଜ ଗାଏକୱାଡ଼

ନୂଆଦିଲ୍ଲୀ,୧୦।୬: ଆଇପିଏଲ୍ ଶେଷ ହେବା ପରେ ଟିମ୍ ଇଣ୍ଡିଆ। ଏବେ ଇଂଲଣ୍ଡରେ ଅଛି। ଏଠାରେ ଦଳ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଅଭ୍ୟାସ କରୁଛି। ଏହି ଟେଷ୍ଟ ସିରିଜ ମଧ୍ୟରେ ଭାରତୀୟ ଟିମକୁ ଏକ ବଡ଼ ଖବର ଆସିଛି। ଦଳର ଜଣେ ଓପନିଂ ବ୍ୟାଟ୍ସମ୍ୟାନ୍ ଏବେ ଇଂଲଣ୍ଡ ପକ୍ଷରୁ ଖେଳୁଥିବା ନଜର ଆସିବେୟ ସେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ଲାଗି ଦଳରେ ସାମିଲ ହୋଇ ନ ଥିଲେ ହେଁ ତାଙ୍କୁ ଇଂଲଣ୍ଡରେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିବ। କ୍ରିକେଟରଜଣଙ୍କ ହେଲେ ଋତୁରାଜ ଗାଏକୱାଡ଼।ଋତୁରାଜ କାଉଣ୍ଟି ଚାମ୍ପିଅନଶିପ୍ ଡିଭିଜନ ୧ରେ ୟର୍କସାୟାର ଟିମ୍ ପାଇଁ ଖେଳିବାକୁ ଯାଉଛନ୍ତି। ଏହି ଟୁର୍ନାମେଣ୍ଟ ପୁଣିଥରେ ଜୁନ ୨୨ରୁ ଆରମ୍ଭ ହେଉଛି। ଏହା ଋତୁରାଜଙ୍କ ପ୍ରଥମ କାଉଣ୍ଟି ମ୍ୟାଚ୍ ହୋଇଥିବା ବେଳେ ସେ ଜୁଲାଇରେ ସରେ ବିପକ୍ଷରେ ଖେଳିବା ଲାଗି ଦଳରେ ଯୋଗଦେବେ।

ଋତୁରାଜ ଅଗଷ୍ଟ ୫ ରୁ ଆରମ୍ଭ ହେଉଥିବା ଦିନିକିଆ କପରେ ୟର୍କସାୟାର ପାଇଁ ଖେଳିବାକୁ ମଧ୍ୟ ଉପଲବ୍ଧ ହେବେ ଏବଂ ଏହି ଟୁର୍ନାମେଣ୍ଟ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଖେଳାଯିବ। କାଉଣ୍ଟି ଚାମ୍ପିଅନଶିପ ଟୁର୍ନାମେଣ୍ଟ ବିଷୟରେ କହିବାକୁ ଗଲେ, ଏହି ଟର୍ନାମେଣ୍ଟ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ୟର୍କସାୟାରରେ ଯୋଗ ଦେବା ପରେ, ଋତୁରାଜ ଗାୟକୱାଡ କହିଛନ୍ତି, 'ମୁଁ ବାକି ଥିବା ଇଂଲଣ୍ଡର ଘରୋଇ ସିଜିନରେ ୟର୍କସାୟାରରେ ଯୋଗ ଦେଇ ବହୁତ ଖୁସି। ଏହି ଦେଶରେ କ୍ରିକେଟ ଅଭିଜ୍ଞତା ପାଇବା ମୋର ସ୍ୱପ୍ନ ଥିଲା ଏବଂ ଇଂଲଣ୍ଡରେ ୟର୍କସାୟାରଠାରୁ ବଡ଼ ଅନ୍ୟ କ୍ଲବ ନାହିଁ। ମୁଁ ଜାଣେ ଯେ ମୁଁ ଗୁରୁତ୍ୱପୂର୍ଣ୍ଣ ସିଜିନ ପାଇଁ ଦଳ ସହିତ ରହିବି। କାଉଣ୍ଟି ଚାମ୍ପିଅନଶିପର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଏବଂ ତା'ପରେ ଦିନିକିଆ କପରେ ଅଂଶଗ୍ରହଣ କରିବା ମୋ ପାଇଁ ଏକ ମହାନ ସୁଯୋଗଙ ମୁଁ ୟର୍କସାୟାରର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଚାହେଁ। ଋତୁରାଜ ଏଯାବତ ଟିମ ଇଣ୍ଡିଆ। ପାଇଁ ଗୋଟିଏ ବି ଟେଷ୍ଟ ମ୍ୟାଚ ଖେଳିନାହାନ୍ତି। ସୀମିତ ଓଭର କ୍ରିକେଟରେ, ସେ ଭାରତ ପାଇଁ ୬ ଦିନିକିଆ। ମ୍ୟାଚ୍ରେ ୧୯.୧୬ ହାରରେ ୧୧୫ ରନ କରିଛନ୍ତି। କେବଳ ଏତିକି ନୁହେଁ, ସେ ୨୩ ଟି ଟି୨୦ ମ୍ୟାଚରେ ୩୯.୫୬ ହାରରେ ୬୩୩ରନ କରିଛନ୍ତି। ଟି୨୦ କ୍ରିକେଟରେ ଗାଏକୱାଡଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ହେଉଛି ୧୨୩ ରନ।

## ପୁରୁଣା ଜାଗାକୁ ଫେରିଲେ ଇରଫାନ

ନୂଆଦିଲ୍ଲୀ,୧୦।୬: ଭାରତର ପ୍ରସିଦ୍ଧ କ୍ରିକେଟର ଇରଫାନ ପଠାନ କ୍ରିକେଟରୁ ଅବସର ନେବା ପରେ କମେଣ୍ଟ୍ରି ପ୍ୟାନେଲରେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ। ପ୍ରଶଂସକମାନେ ମଧ୍ୟ ତାଙ୍କ ଶୈଳୀକୁ ବହୁତ ପସନ୍ଦ କରନ୍ତି ତଥାପି, ସେ ସଦ୍ୟ ସମାପ୍ତ ଆଇପିଏଲ ୨୦୨୫ରେ କମେଣ୍ଟ୍ରି ପ୍ୟାନେଲର ଅଂଶ ନଥିଲେ। ରିପୋର୍ଟ ଅନୁଯାୟୀ, କେତେଜଣ ଖେଳାଳିଙ୍କ ବିରୋଧରେ ବ୍ୟକ୍ତିଗତ ଏଜେଣ୍ଡା ଚଳାଇବା ଯୋଗୁ ତାଙ୍କୁ ପ୍ରସାରଣ ଦଳରୁ ବାହାର କରାଯାଇଥିଲ। ଆଗାମୀ ଭାରତ ବନାମ ଇଂଲଣ୍ଡ ସିରିଜରେ, ଏହି ଅଭିଜ୍ଞ ଖେଳାଳି ପୁଣି ଥରେ କମେଣ୍ଟ୍ରିକୁ ଫେରିବାର ଦେଖାଯିବ ତାଙ୍କ ନାମ ପୁଣି ଥରେ କମେଣ୍ଟ୍ରି ପ୍ୟାନେଲରେ ସାମିଲ କରାଯାଇଛି। ବର୍ତ୍ତମାନ ଏହି ୪୦ ବର୍ଷୀୟ କ୍ରିକେଟର ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ପୁଣି ଏହି ଭୂମିକାରେ ଦେଖିବାକୁ ମିଳିବେ ଏହି ସିରିଜର ଟିଭି ଅଧିକାର ଥିବା ସୋନି ନେଟୱାର୍କ କମେଣ୍ଟ୍ରି ଦଳ ଘୋଷଣା କରିଛି ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ଇରଫାନ ପଠାନଙ୍କ ନାମ ମଧ୍ୟ ସାମିଲ ଅଛି। ଗତ କିଛି ବର୍ଷ ଧରି କମେଣ୍ଟ୍ରିରେ ନିରନ୍ତର ଏକ ଛାପ ସୃଷ୍ଟି କରୁଥିବା ଇରଫାନ ପଠାନ ୨୦୨୩ ଏବଂ ୨୦୨୪ ୨୦ ବିଶ୍ୱକପ ଭଳି ବଡ଼ ଟୁର୍ଣ୍ଣାମେଣ୍ଟକୁ କଭର କରିଥିଲେ। ଏହା ବ୍ୟତୀତ, ସେ ରେ ମଧ୍ୟ ତାଙ୍କ ସ୍ୱରର ଯାଦୁ ବିସ୍ତାର କରିଛନ୍ତି। କିନ୍ତୁ, ସାମ୍ପ୍ରତିକ ସିଜନରେ, ତାଙ୍କୁ ବିବାଦୀୟ ଭାବରେ କମେଣ୍ଟ୍ରି ପ୍ୟାନେଲରେ ସାମିଲ କରାଯାଇ ନଥିଲା।

# ଆରସିବିର ବ୍ରାଣ୍ଡ ମୂଲ୍ୟ ଆକାଶ ଛୁଆଁ

ନୂଆଦିଲ୍ଲୀ,୧୦।୬: ଦୀର୍ଘ ୧୭ ବର୍ଷର ଅପେକ୍ଷା ଓ ୧୮ତମ ପ୍ରୟାସରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି ଆଇପିଏଲ ଟ୍ରଫି ପ୍ରଥମଥର ପାଇଁ ୨୦୨୫ରେ ଜିତିଥିଲା। ୧୮ ବର୍ଷ ପରେ ଆରସିବି ଆଇପିଏଲ ଟ୍ରଫି ଜିତିଥିବାରୁ ଏହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଏସବୁ ଭିତରେ ଦଳର ବିଜୟ ଉତ୍ସବ ବେଳେ ବେଙ୍ଗାଲୁରୁରେ ହୋଇଥିବା ଦଳଚକଟା ବିବାଦ ମଧ୍ୟ ସୃଷ୍ଟି କରିଛି।ତଥାପି ଆରସିବିର ବ୍ରାଣ୍ଡ ମୂଲ୍ୟ ଆକାଶ ଛୁଆଁ ରହିଛି।

ଏପରି ସ୍ଥିତିରେ ଆରସିବି ମାଲିକ ଟିମକୁ ବିକ୍ରି କରିବାକୁ ନୂଆ ଲୋକ ଖୋଜିବା ଆରମ୍ଭ କରିଛନ୍ତି।ଏବେ ଫ୍ରାଞ୍ଚାଇଜର ମାଲିକାନା ଡିଆଗୋ ପିଏଲ୍ସ ପାଖରେ ରହିଛି। ଏହି ସଂସ୍ଥା ଏବେ ଫ୍ରାଞ୍ଚାଇଜକୁ ଆଂଶିକ କିମ୍ବା ସଂପୂର୍ଣ୍ଣ ଭାବେ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି ଆରସିବି ବ୍ରାଣ୍ଡ ମୂଲ୍ୟ ଟ୍ରଫି ଜିତିବା ପରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବାରୁ ଏହାକୁ ବିକ୍ରି କରିବାକୁ ମାଲିକ ଚାହୁଁଛନ୍ତି।

ଆରସିବିକୁ ଡିଆଗୋ ପିଏଲ୍ସି ପକ୍ଷରୁ ୟୁନାଇଟେଡ ସ୍ପିରିଟ୍ସ ଲିଃ ଭାରତରେ ପରିଚାଳନା କରୁଛି ଏବେ ସଂସ୍ଥା ସମ୍ଭାବ୍ୟ ନିବେଶକାରୀଙ୍କ ସହ ଆରସିବିର ମାଲିକାନା ବିକ୍ରି ପାଇଁ କଥାବାର୍ତ୍ତା ଆରମ୍ଭ କରିଦେଇଛି ଯଦିଓ ଫ୍ରାଞ୍ଚାଇଜ କେତେ ଟଙ୍କାରେ ଏହାକୁ ବିକ୍ରି କରିବ, ସେକଥା ଆକଳନ କରାଯାଇ ନାହିଁ, ତଥାପି ବ୍ଲୁମବର୍ଗରେ କୁହାଯାଇଛି ଯେ ଆରସିବି ମାଲିକ ଟିମକୁ ସଂପୂର୍ଣ୍ଣ ଭାବେ ବିକ୍ରି କରିବା ପାଇଁ ୨ ବିଲିୟନ ଡଲାର ବା ପ୍ରାୟ ୧୬,୮୩୪ କୋଟି ଟଙ୍କା ଦାବି କରିପାରନ୍ତି।ବ୍ରିଟିଶ ଡିଷ୍ଟିଲେର ଓ ୟୁନାଇଟେଡ ସ୍ପିରିଟ୍ସ ଲିଃର ମୂଳ କମ୍ପାନୀ ଡିଆଗୋ ପିଏଲ୍ସ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁରେ ଥିବା ନିଜର ଶେୟାରକୁ ଏବେ ସଂପୂର୍ଣ୍ଣ ଭାବେ ନା ଆଂଶିକ ଭାବେ ବିକ୍ରି କରିବ, ତାର ଆକଳନ କରୁଛି



ନିକଟରେ ଆରସିବି ଚାମ୍ପିୟନ ହୋଇଥିବାରୁ ଏହାର ଫାଇଦା ଉଠାଇବାକୁ ଏହାର ମାଲିକମାନେ ଚାହୁଁଛନ୍ତି।

ଆରସିବିର ସମ୍ଭାବ୍ୟ ବିକ୍ରି ଖବର ସାମ୍ନାକୁ ଆସିବା ପରେ ୟୁନାଇଟେଡ ସ୍ପିରିଟ୍ସର ଶେୟାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ମଙ୍ଗଳବାର ସକାଳେ ଏହି ଖବର ମିଳିବା ମାତ୍ରେ କମ୍ପାନୀର ଶେୟାର ମୂଲ୍ୟରେ ୩.୩% ଅଭିବୃଦ୍ଧି ହୋଇଛି।କିନ୍ତୁ ଫ୍ରାଞ୍ଚାଇଜକୁ ବିକ୍ରି କରାଯିବ କି ନାହିଁ, ତାର ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ।

୨୦୦୮ ଆଇପିଏଲରେ ଯେତେବେଳେ ଫ୍ରାଞ୍ଚାଇଜ ଡେବ୍ୟୁ କରିଥିଲା। ସେତେବେଳେ ଏହାର ମାଲିକାନା ବିଜୟ ମାଲ୍ୟାଙ୍କ ହାତରେ ରହିଥିଲା । ବିଜୟ ମାଲ୍ୟା କିଙ୍ଗଫିସର ଏୟାରଲାଇନ୍ସର ମାଲିକ ଥିଲେ ଓ ଭାରତରେ ସେ ମଦ ବ୍ୟବସାୟର ଟାଇକୁନ ଭାବେ ଖ୍ୟାତି ଅର୍ଜନ କରିଥିଲେ। ତେବେ ଋଣ ଜାଲିଆତିରେ ମାଲ୍ୟା ଫସିବାରୁ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଭୁଶୁଡ଼ି ପଡ଼ିଥିଲା। ଏହାର ଫାଇଦା ଉଠାଇଥିଲା ଡିଆଗୋ। ଡିଆଗୋ ଭାରତରେ ଥିବା ୟୁନାଇଟେଡ ସ୍ପିରିଟ୍ସ। ବିଦ୍ସ ଜରିଆରେ ଆରସିବିର ମାଲିକାନା ହାତେଇଥିଲା ।ଆରସିବି ୨୦୨୫ ଯାଏ ଟ୍ରଫି ଜିତି ନଥିଲେ ହେଁ ଲୋକ ପ୍ରିୟତାର ଶୀର୍ଷରେ ରହିଥିଲା। ଏବେ ଟ୍ରଫି ଜିତିବା ପରେ ଏହାର ବ୍ରାଣ୍ଡ ମୂଲ୍ୟ ମଧ୍ୟ ଆକାଶ ଛୁଆଁ ହୋଇଛି।

# କେରଙ୍ଗ ପ୍ରିମିୟର କ୍ରିକେଟ : ଝାଁଳା ଏକାଦଶ ଚାମ୍ପିଅନ୍

ଖୋର୍ଦ୍ଧା,୧୦।୬: ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ କେରଙ୍ଗ ପ୍ରେମିୟର ନାଇଟ ଟୁର୍ଣ୍ଣାମେଣ୍ଟ ରବିବାର ରାତିରେ ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ ଝାଁଳା ଏକାଦଶ ଏବଂ ଟାଇଟଲ କ୍ଲବ ଜଟଣୀ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଙ୍ଗ କରି ଝାଁଳା ଏକାଦଶ ନିର୍ଦ୍ଧାରିତ ୫ ଓଭରରେ ୧୨୧ /୪ ସ୍କୋର କରିଥିବା ବେଳେ ଟାଇଟଲ କ୍ଲବ ଜଟଣୀ ମାତ୍ର ୬୦ ରନ କରି ଅଲ୍ ଆଉଟ ହୋଇ ଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଝାଁଳା ଏକାଦଶ ଚାମ୍ପିଆନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ସେକ ନସିରୁଦ୍ଦିନ ଏବଂ ମହମ୍ମଦ ସୋଲେମାନ ପରିଚାଳନା କରିଥିଲେ।



ପ୍ରଥମ ମ୍ୟାଚ ଗୁରୁଜଙ୍ଗ ଏକାଦଶ ବନାମ ଭିକ୍ଟୋଜ ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ଗୁରୁଜଙ୍ଗ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ୧୫୭/୬ କରିଥିବା ବେଳେ ଭିକ୍ଟୋଜ ଏକାଦଶ ନିର୍ଦ୍ଧାରିତ ୬ ଓଭରରେ ମାତ୍ର ୧୩୭ ରନ କରି ପରାଜିତ ହୋଇଥିଲା। ଏହି ଦଳର ଡବ୍ଲୁ ସର୍ବାଧିକ ୯୯ ରନ ବନାଇ ଥିଲେ। ଦ୍ୱିତୀୟ ମ୍ୟାଚ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ବନାମ ଫିଅରଲେସ ଫାଇଟର କେରଙ୍ଗ ମଧ୍ୟରେ ହୋଇଥିଲା। ଟସ ଜିତି ପ୍ରଥମ ବ୍ୟାଟିଙ୍ଗ କରି ଫିଅରଲେସ ଫାଇଟର କେରଙ୍ଗ ନିର୍ଦ୍ଧାରିତ ୬ ଓଭରରେ ୯୯ / ୩ ରନ ବନାଇଥିଲେ।ଦ୍ୱିତୀୟ ବ୍ୟାଟିଙ୍ଗରେ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ନିର୍ଦ୍ଧାରିତ ଓଭରରେ ୧୦୩/୫ କରି ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ କେ.ସିଏ କେରଙ୍ଗ ବନାମ ଟାଇଟଲ କ୍ଲବ ଜଟଣୀ ମଧ୍ୟରେ ହୋଇଥିଲା। ପ୍ରଥମ ବ୍ୟାଟିଙ୍ଗ କରି କେ.ସିଏ କେରଙ୍ଗ ନିର୍ଦ୍ଧାରିତ ଓଭରରେ ୯୫/୫ ରନ କରିଥିଲେ । ଟାଇଟଲ କ୍ଲବ ଜଟଣୀ ଦ୍ୱିତୀୟ ବ୍ୟାଟିଙ୍ଗରେ ୯୭/୨ ରନ କରି ଜଟଣୀ ବିଜୟ ହାସଲ କଲା।

ଚତୁର୍ଥ ମ୍ୟାଚ କୁମାର ଖାଡିଆ। ଜଟଣୀ ବନାମ ଝାଁଳା ଏକାଦଶ ମଧ୍ୟରେ ହୋଇଥିଲା ପ୍ରଥମ ବ୍ୟାଟିଙ୍ଗ କରି କୁମାର ଖାଡିଆ। ଜଟଣୀ ନିର୍ଦ୍ଧାରିତ ଓଭରରେ ୧୩୩/୦ ରନ ବନାଇଥିଲା। ଦ୍ୱିତୀୟ ବ୍ୟାଟିଙ୍ଗ କରି ଝାଁଳା ଏକାଦଶ ନିର୍ଦ୍ଧାରିତ ଓଭରରେ ୧୩୫/୨ ରନ କରି ବିଜୟୀ ହୋଇଥିଲା।

ସେହିଭଳି ପ୍ରଥମ ସେମିଫାଇନାଲ ଟାଇଟଲ କ୍ଲବ ଜଟଣୀ ଏବଂ ଗୁରୁଜଙ୍ଗ ଏକାଦଶ ମଧ୍ୟରେ ହୋଇଥିଲା । ପ୍ରଥମ ବ୍ୟାଟିଙ୍ଗ କରି ଗୁରୁଜଙ୍ଗ ଏକାଦଶ ୮୩/୭ ରନ ବନାଇଥିବା ବେଳେ ଟାଇଟଲ କ୍ଲବ ଜଟଣୀ ୮୪/୮ ସ୍କୋର କରି ଫାଇନାଲକୁ ଉର୍ତ୍ତୀଣ୍ଣ ହୋଇଥିଲା। ଦ୍ୱିତୀୟ ସେମିଫାଇନଲ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ବନାମ ଝାଁଳା ଏକାଦଶ ମଧ୍ୟରେ ହୋଇଥିଲା ।ଝାଁଳା ଏକାଦଶ ନିର୍ଦ୍ଧାରିତ ଓଭରରେ ୧୧୫/୩ ସ୍କୋର ବନାଇଥିବା ବେଳେ ଦ୍ୱିତୀୟ ବ୍ୟାଟିଙ୍ଗ କରି ଏକାମ୍ରକ୍ଷେତ୍ର ଭୁବନେଶ୍ୱର ନିର୍ଦ୍ଧାରିତ ଓଭରରେ ମାତ୍ର ୭ ରନ ପଛରେ ରହି ପରାଜୟ ହୋଇଥିଲା।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦୀୟା ମୁସଲିମ ଜମାତର ସଭାପତି ଓସିମ ଅହମଦ, କେରଙ୍ଗ ସରପଞ୍ଚ ମବରୁର ହୁସେନ, ସମିତି ସଭ୍ୟ ଶାହିଦ ମହମ୍ମଦ, ଜିଲ୍ଲା ମୁବଲ୍ଲିଗ ଇନଚାର୍ଜ ମୌଲାନା ହଲିମ ଅହମଦ ଖାନ୍ ଏବଂ କଟକ ମୌଲାନା ଫଜଲ ହକ ଖାନ୍ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରସାହି ସମିତି ସଭ୍ୟ ରାମଚନ୍ଦ୍ର ସାମନ୍ତରାୟ, କେରଙ୍ଗ ଯୁବ ସଂଗଠନର ସଭାପତି ମୋହିଉଦ୍ଦିନ ଖାନ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ଟ୍ରଫି ପ୍ରଦାନ କରା ଯାଇଥିଲା କେରଙ୍ଗ କ୍ରିକେଟ ଆସୋସିଏସନର ସମସ୍ତ କର୍ମକର୍ତ୍ତା ତଥା ପୁରାତନ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ବହୁ ସାହାଯ୍ୟ ଓ ସହଯୋଗ କରିଥିଲେ ।

# ଦିନିକିଆ ଅଧିନାୟକରୁ ହଟିବେ ରୋହିତ !

ମୁମ୍ବାଇ,୯।୬: ରୋହିତ ଶର୍ମା ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳର ଦିନିକିଆ ଅଧିନାୟକ ଅଛନ୍ତି ଏବଂ କେବଳ ୫୦ ଓଭର ଫର୍ମାଟରେ ଜାତୀୟ ଦଳକୁ ପ୍ରତିନିଧି କରୁଛନ୍ତି। ଗତ ବର୍ଷ, ସେ ୨୦୨୪ ଆଇସିସି ଟି-୨୦ ବିଶ୍ୱକପରେ ଦଳକୁ ବିଜୟୀ କରାଇବା ପରେ ଟି-୨୦ ଆନ୍ତର୍ଜାତିକରୁ ଅବସର ଘୋଷଣା କରିଥିଲେ।

ଗତ ମାସରେ, ସେ ତାଙ୍କର ଟେଷ୍ଟ କ୍ୟାରିୟରରୁ ମଧ୍ୟ ଅବସର ନେଇଥିଲେ। ବର୍ତ୍ତମାନ, ଭାରତର ତିନୋଟି ଫର୍ମାଟରେ ତିନି ଜଣ ଅଧିନାୟକ ଅଛନ୍ତି। ଶୁଭମନ ଗିଲଙ୍କୁ ଟେଷ୍ଟର ନୂତନ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି, ଯେତେବେଳେ ସୂର୍ଯ୍ୟକୁମାର ଯାଦବ ଟି-୨୦ ଆନ୍ତର୍ଜାତିକରେ ଅଧିନାୟକ ଅଛନ୍ତି।



ତେବେ, ରିପୋର୍ଟ ଅନୁଯାୟୀ, ଭାରତୀୟ ଚୟନକର୍ତ୍ତାମାନେ ବିଭିନ୍ନ ଫର୍ମାଟରେ ତିନି ଜଣ ଅଧିନାୟକଙ୍କୁ ଏଡ଼ାଇବା ପାଇଁ ରୋହିତ ଶର୍ମାଙ୍କୁ ଦିନିକିଆ। ଅଧିନାୟକତ୍ୱରୁ ହଟାଇପାରନ୍ତି।ଏହା ସହିତ, ପରବର୍ତ୍ତୀ ଦିନିକିଆ ବିଶ୍ୱକପ ୨୦୨୭ରେ ଅନୁଷ୍ଠିତ ହେବ, ଏବଂ ତାହା ସମୟରେ ଶର୍ମାଙ୍କୁ ୪୦ ବର୍ଷ ହେବ। ତେଣୁ, ଭାରତୀୟ ଚୟନକର୍ତ୍ତାମାନେ ଆଇସିସି ଇଭେଣ୍ଟରେ ଦଳକୁ ପ୍ରଭାବଶାଳୀ ଭାବେ ନେତୃ ଦେଇପାରୁଥିବା ଏକ ଯୁବ ଅଧିନାୟକଙ୍କୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ହିନ୍ଦୁସ୍ତାନ ଟାଇମ୍ସ ସହ ଆଲୋଚନା ସମୟରେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି ଯେ ସେମାନେ ଆଶା କରୁଥିଲେ ଯେ ଶର୍ମା ୨୦୨୫ ମାର୍ଚ୍ଚରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ଅବସର ନେବେ, ଯେଉଁଥିରେ ଭାରତ ତାଙ୍କ ନେତୃତ୍ୱରେ ବିଜୟୀ ହୋଇଥିଲା।କିନ୍ତୁ, ୨୦୨୫ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ଶର୍ମା କହିଥିଲେ ଯେ ସେ ଦିନିକିଆରେ ଖେଳିବା ଜାରି ରଖିବେ। ଗତ ମାସରେ, ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମରେ ତାଙ୍କ ନାମରେ ଷ୍ଟାଣ୍ଡର ଉଦଘାଟନ ଉତ୍ସବ ସମୟରେ, ସେ ପୁନର୍ବାର ଜୋର ଦେଇ କହିଥିଲେ ଯେ ସେ ଦୁଇଟି ଫର୍ମାଟରୁ ଅବସର ନେଇଛନ୍ତି। କିନ୍ତୁ ଏକ ଫର୍ମାଟରେ ଖେଳିବାକୁ ଖୁସି ଅଛନ୍ତି। ଭାରତୀୟ ଚୟନକର୍ତ୍ତାଙ୍କର ଦିନିକିଆରେ ଦୀର୍ଘମିଆଦୀ ଦୃଷ୍ଟିକୋଣକୁ ଦେଖି, ଶୁଭମନ ଗିଲଙ୍କୁ ମଧ୍ୟ ଦିନିକିଆ। ଅଧିନାୟକତ୍ୱ ଦିଆଯାଇପାରେ। ତେବେ, ଏହି ନିଷ୍ପତ୍ତି ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପରେ ନିଆଯିବ, ଯେଉଁଠାରେ ଏହି ଯୁବ ବ୍ୟାଟସମ୍ୟାନ ଖେଳର ଦୀର୍ଘତମ ଫର୍ମାଟରେ ପ୍ରଥମ ଥର ପାଇଁ ନିଜର ଅଧିନାୟକ ଦକ୍ଷତା ପ୍ରଦର୍ଶନ କରିବେ।

# ଧୋନୀଙ୍କୁ ହଲ୍ ଅଫ୍ ଫେମ୍ରେ ସମ୍ମାନିତ କଲା ଆଇସିସି

ନୂଆଦିଲ୍ଲୀ,୯।୬: ପୂର୍ବତନ ଭାରତୀୟ ଅଧିନାୟକ ଏମଏସ ଧୋନୀ ସୋମବାର ଲଣ୍ଡନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇସିସି ହଲ ଅଫ ଫେମରେ ସାମିଲ ହୋଇଛନ୍ତି।ବର୍ଷ ବର୍ଷ ଧରି ସାମିଲ ହୋଇଥିବା ୧୧୫ ଜଣ ଖେଳାଳିଙ୍କ ତାଲିକାରେ ନୂତନ ଭାବେ ଯୋଗ ଦିଆଯାଇଥିବା ସାତ ଖେଳାଳିଙ୍କ (ପାଞ୍ଚ ଜଣ ପୁରୁଷ ଏବଂ ଦୁଇ ଜଣ ମହିଳା) ମଧ୍ୟରୁ ଧୋନି ଜଣେ।




୧୧ତମ ଭାରତୀୟ ଖେଳାଳି (ନବମ ପୁରୁଷ ଖେଳାଳି) ଭାବେ ତାଙ୍କୁ ଏହି ସମ୍ମାନ ମିଳିଛି।୨୦୦୪ରେ ଭାରତ ପାଇଁ ପ୍ରବେଶ କରିବା ପରେ, ଧୋନୀ ୨୦୦୭ରେ ପ୍ରଥମ ଆଇସିସି ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ଦଳର ଅଧିନାୟକ୍ ଗ୍ରହଣ କରିଥିଲେ ଏବଂ ଦଳକୁ ଟ୍ରଫି ଜିତାଇଥିଲେ ସେ ୨୦୧୧ରେ ଦିନିକିଆ। ବିଶ୍ୱକପ ଏବଂ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଜିତିଥିଲେ।ଭାରତ ପାଇଁ ଧୋନି ୩୫୦ଟି ଦିନିକିଆ। ଖେଳିଛନ୍ତି, ଯେଉଁଥିରେ ୫୦.୫୭ ହାରରେ ୧୦,୭୭୩ ରନ ସ୍କୋର କରିଛନ୍ତି ଏହି ସମୟରେ ସେ ୧୦ଟି ଶତକ ଏବଂ ୭୩ଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି। ସେହିପରି ସେ ୯୦ଟି ଟେଷ୍ଟ ଖେଳିଛନ୍ତି ଏବଂ ଏହି ଫର୍ମାଟରେ ତାଙ୍କ କ୍ୟାରିୟର ୩୮ରୁ କିଛି ଅଧିକ ହାରରେ ୪୮୭୬ ରନ ରହିଛି ଯେଉଁଥିରେ ଛଅଟି ଶତକ, ଏବଂ ୱିକେଟ-କିପର ଭାବେ ପ୍ରାୟ ୩୦୦ ଡିସମିସାଲ କରିଛନ୍ତି।ଧୋନି ତାଙ୍କର ଶେଷ ଆନ୍ତର୍ଜାତିକ ମ୍ୟାଚ ୨୦୧୯ ବିଶ୍ୱକପ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ପରାଜୟ ସମୟରେ ଖେଳିଥିଲେ ଏବଂ ୨୦୨୦ ଅଗଷ୍ଟରେ ଅବସର ଘୋଷଣା କରିଥିଲେ। ଆଇସିସି ଅନୁଯାୟୀ, ହଲ୍ ଅଫ୍ ଫେମ୍ କ୍ରିକେଟରେ ଅସାଧାରଣ ଅବଦାନ ପାଇଁ ଖେଳର କିମ୍ବଦନ୍ତୀମାନଙ୍କୁ ସ୍ୱୀକୃତି ଦେଇଥାଏ ଏବଂ ସେମାନଙ୍କର ସଫଳତାକୁ ଉତ୍ସବ ରୂପେ ପାଳନ କରେ।ନୂତନ ସାମିଲ ହୋଇଥିବା ପୂର୍ବତନ ଖେଳାଳିମାନେ, ଯାହାଙ୍କୁ ଆଇସିସି ହଲ ଅଫ ଫେମର୍ସ, ସିନିୟର କାର୍ଯ୍ୟନିର୍ବାହୀ, ଏବଂ ମିଡିଆ। ପ୍ରତିନିଧିଙ୍କ ଏକ ପ୍ୟାନେଲ ଦ୍ୱାରା ଚୟନ କରାଯାଇଛି, ସେମାନଙ୍କୁ ଖେଳରେ ସେମାନଙ୍କର ଅସାଧାରଣ ଅବଦାନକୁ ସ୍ୱୀକୃତି ଦେଇ ସ୍ମାରକୀ କ୍ୟାପ ପ୍ରଦାନ କରାଯିବ।

# ନିକୋଲସ ପୂରନଙ୍କ ଅପ୍ରତ୍ୟାଶିତ ଅବସର

ନୂଆଦିଲ୍ଲୀ,୧୦।୬: ଟି-୨୦ କ୍ରିକେଟରେ ଅନ୍ୟତମ ବିସ୍ଫୋରକ ବ୍ୟାଟର ତଥା ୱେଷ୍ଟଇଣ୍ଡିଜର ଷ୍ଟାର କ୍ରିକେଟର ନିକୋଲସ ପୂରନ ସମସ୍ତଙ୍କୁ ଚକିତ କରିବା ଭଳି ପଦକ୍ଷେପ ନେଇଛନ୍ତି।ମାତ୍ର ୨୯ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି। ଏହାର ଅର୍ଥ ୱେଷ୍ଟଇଣ୍ଡିଜ ପାଇଁ ପୂରନଙ୍କୁ କ୍ରିକେଟର ୩ଟି ଯାକ ଫର୍ମାଟରେ ଆଉ ଦେଖିବାକୁ ମିଳିବ ନାହିଁ।

ପୂରନଙ୍କ ଏହି ଅପ୍ରତ୍ୟାଶିତ ଅବସର ପୂର୍ବରୁ ଦକ୍ଷିଣ ଆଫ୍ରିକାର ୱିକେଟ କିପର ବ୍ୟାଟର ହେନରିଚ କ୍ଲାସେନ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ। ଉଭୟ କ୍ରିକେଟର ଅନ୍ତର୍ଜାତୀୟ କ୍ରିକେଟକୁ ଛାଡ଼ିଥିଲେ ହେଁ ଆଇପିଏଲ ସମେତ ବିଭିନ୍ନ ଫ୍ରାଞ୍ଚାଇଜ ଟି-୨୦ ଲିଗରେ ନଜର ଆସିବେ। ନିଜର ଅବସର ସମ୍ପର୍କରେ ପୂରନ କହିଛନ୍ତି, ଅନେକ କିଛି ବିଚାର ବିମର୍ଶ ଓ ଚିନ୍ତା କରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଏହି ଖେଳ ମୋତେ ଅନେକ କିଛି ଦେଇଛି।ଆଗକୁ ମଧ୍ୟ ଅନେକ କିଛି ଦେବ। ଖୁସି ଠାରୁ ଆରମ୍ଭ କରି ଅନେକ ସ୍ମରଣୀୟ ମୁହୂର୍ତ୍ତ ମୋ ପାଇଁ ରହିଛି।ଏହି ଖେଳ ମୋତେ ୱେଷ୍ଟଇଣ୍ଡିଜକୁ ପ୍ରତିନିଧି କରିବାର ସୁଯୋଗ ଦେଇଥିଲା।



୨୯ ବର୍ଷୀୟ ପୂରଣ ୱେଷ୍ଟଇଣ୍ଡିଜ ପାଇଁ ସର୍ବାଧିକ ଟି-୨୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ସେ ନିଜ ଦେଶ ପାଇଁ ୧୦୬ ମ୍ୟାଚ୍ରେ ୨୨୭୫ ରନ କରିଛନ୍ତି। ୨୦୧୬ରେ ପୂରନ ପାକିସ୍ତାନ ବିପକ୍ଷ ଟି-୨୦ରେ ନିଜର ଡେବ୍ୟୁ କରିଥିଲେ। ଏହାର ୩ ବର୍ଷ ପରେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆରେ ସୁଯୋଗ ମିଳିଥିଲା ।୨୦୨୨ରେ ପୂରନଙ୍କୁ ୱେଷ୍ଟଇଣ୍ଡିଜର ଧଳା ବଲ କ୍ରିକେଟ ଟିମର ଅଧିନାୟକ କରାଯାଇଥିଲା। କିନ୍ତୁ ସେହି ବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହୋଇଥିବା ଟି-୨୦ ବିଶ୍ୱକପରେ ଇଣ୍ଡିଜ ଟିମ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଏଥିଯୋଗୁ ସେ କ୍ୟାପ୍ଟେନ ପଦ ଛାଡ଼ି ଦେଇଥିଲେ। ଶେଷଥର ପାଇଁ ତାଙ୍କୁ ୨୦୨୪ ଡିସେମ୍ବରରେ ୱେଷ୍ଟଇଣ୍ଡିଜ ପାଇଁ ଖେଳୁଥିବା ଦେଖା ଯାଇଥିଲା। ୨୦୨୪ରେ ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା(୧୭୦) ମାରିବାର ରେକର୍ଡ କରିଥିଲେ। ୨୦୨୫ ଆଇପିଏଲରେ ପୂରନ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ୫ଟି ଅର୍ଦ୍ଧଶତକ ସହ ୫୨୪ ରନ କରିଥିଲେ ତାଙ୍କ ଷ୍ଟ୍ରାଇକ ରେଟ ୧୯୬.୨୫ ରହିଥିଲା। ଆଶା କରାଯାଉଥିଲା ଯେ ୨୦୨୬ ଟି-୨୦ ବିଶ୍ୱକପରେ ପୂରନଙ୍କୁ ଇଣ୍ଡିଜ ଟିମରେ ଦେଖିବାକୁ ମିଳିବ। କିନ୍ତୁ ଏହା ପୂର୍ବରୁ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ଯାଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ